

ଛାତ୍ର/ଛାତ୍ରୀଙ୍କ ନାମ________________________________________________

ଶ୍ରେଣୀ____________________________________________________________

# କୃତଜ୍ଞତା

## ସମୀକ୍ଷକ

- ଡ. ଚକ୍ରଧର ବିଶ୍ୱାଳ
- ଡ. ଦୁର୍ଯ୍ୟୋଧନ ଦାଶ
- ବିଦ୍ୟୁଲତା ମିଶ୍ର

## ସଂପାଦକ

- ସୁବାସ ଚନ୍ଦ୍ର ମିଶ୍ର
- ଗୁରୁ ପ୍ରସାଦ ଦାଶ

## ପ୍ରଶାସନିକ ପରାମର୍ଶଦାତା

ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ (ଭା.ପ୍ର.ସେ)

ପ୍ରକଳ୍ପ ନିର୍ଦ୍ଦେଶକ, ଓପେପା

## ଶୈକ୍ଷିକ ପରାମର୍ଶଦାତା

ଶ୍ରୀ ସୂର୍ଯ୍ୟ ନାରାୟଣ ମିଶ୍ର, ଓ.ଶି.ସେ

ଯୁଗ୍ମ ନିର୍ଦ୍ଦେଶକ, ଶିକ୍ଷାତତ୍ତ୍ୱ ଓ ଶିକ୍ଷକ ପ୍ରଶିକ୍ଷଣ

## ସହାୟତା

ଶ୍ରୀମତୀ ମିତାଲୀ ପାତ୍ର

ଶ୍ରୀମତୀ ଜୟା ବାନାର୍ଜୀ

## ବୈଷୟିକ ସହାୟତା

ଭବାନୀ ପ୍ରଧାନ

ପୁଷ୍ପାଞ୍ଜଳୀ ପୃଷ୍ଟି

# ସୂଚୀପତ୍ର

## ଉତ୍‌ଥାନ - ଓଡ଼ିଆ (ସପ୍ତମ ଓ ଅଷ୍ଟମ ଶ୍ରେଣୀ)


| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟପର୍ଦ୍ଧ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| ୧ | ଚିତ୍ର ସୂକ୍ଷ୍ମତାକୁ ନିରୀକ୍ଷଣ କରିବେ। | ୧ | | |
| ୨ | ଓଡ଼ିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତି ଓ ଧ୍ୱନିକୁ ଚିହ୍ନବ। | ୨ | | |
| ୩ | ପରିଚିତ/ଅପରିଚିତ ଲିଖିତ ସାମଗ୍ରୀରେ ଆଗ୍ରହ ଦେଖାଇବ ଓ ଅର୍ଥ ଖୋଜିବା ପାଇଁ ବିଭିନ୍ନ ପ୍ରକାରର କୌଶଳକୁ ବ୍ୟବହାର କରିବ ଯେପରି ଚିତ୍ର ବା ପ୍ରିଣ୍ଟ ସାହାଯ୍ୟରେ ଅନୁମାନ କରିବ, ଶବ୍ଦକୁ ଚିହ୍ନିବ, ପୂର୍ବ ଅନୁଭୂତି ଆଧାରରେ ଅନୁମାନ କରିବ। | ୩ | | |
| ୪ | ସ୍ୱରର ଉପଯୁକ୍ତ ଉତ୍ଥାନ, ପତନ, ଗତି, ଦ୍ୱୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା, ଇତ୍ୟାଦିକୁ କହିବ। କୌଣସି ବିଷୟରେ ଲେଖାହୋଇଥିବା ଶବ୍ଦଗୁଡିକ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଏବଂ ଶବ୍ଦକୁ ଉପଯୁକ୍ତ ବ୍ୟାବାହର କରି ଲେଖିବା । ନିଜ ଅନୁଭୂତିରୁ ନିଜ ଶୈଳୀରେ ଲେଖିବ । | ୪ | | |
| ୫ | ଓଡ଼ିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତି ଓ ଧ୍ୱନିକୁ ଚିହ୍ନବ। | ୫ | | |
| ୬ | ପରିଚିତ/ଅପରିଚିତ ଲିଖିତ ସାମଗ୍ରୀରେ ଆଗ୍ରହ ଦେଖାଇବ ଓ ଅର୍ଥ ଖୋଜିବାପାଇଁ ବିଭିନ୍ନ ପ୍ରକାରର କୌଶଳକୁ ବ୍ୟବହାର କରିବ, ଯେପରି ଚତ୍ର ବା ପ୍ରିଣ୍ଟ ସାହାଯ୍ୟରେ ଅନୁମାନ କରିବ, ଶବ୍ଦକୁ ଚିହ୍ନିବ, ପୂର୍ବ ଅନୁଭୂତି ଅଧାରରେ ଅନୁମାନ କରିବ। | ୬ | | |
| ୭ | ପରିଚିତ/ଅପରିଚିତ ଲିଖିତ ସାମଗ୍ରୀରେ ଆଗ୍ରହ ଦେଖାଇବ ଓ ଅର୍ଥ ଖୋଜିବାପାଇଁ ବିଭିନ୍ନ ପ୍ରକାରର କୌଶଳକୁ ବ୍ୟବହାର କରିବ, ଯେପରି ଚତ୍ର ବା ପ୍ରିଣ୍ଟ ସାହାଯ୍ୟରେ ଅନୁମାନ କରିବ, ଶବ୍ଦକୁ ଚିହ୍ନିବ, ପୂର୍ବ ଅନୁଭୂତି ଅଧାରରେ ଅନୁମାନ କରିବ। | ୭ | | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| ୮ | – ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜଭାଷା ତିଆରି କରିବ ଏବଂ ଏହାକୁ ବ୍ୟବହାର କରିବ।<br>– ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଏବଂ ସେଥିପ୍ରତି ସଚେତନ ହୋଇ ଲେଖିବ।<br>– ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜଭାଷା ତିଆରି କରିବ ଓ ଏହାକୁ ବ୍ୟବହାର କରିବ। | ୮ | | |
| ୯ | – ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।<br>– କୌଣସି ବିଷୟରେ ଲେଖାହେଉଥିବା ଶବ୍ଦଗୁଡ଼ିକ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଏବଂ ଶବ୍ଦକୁ ଉପଯୁକ୍ତ ବ୍ୟବହାର କରି ଲେଖିବ। ନିଜ ଅନୁଭୂତିରୁ ନିଜ ଶୈଳୀରେ ଲେଖିବ।<br>– ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ । ସ୍ୱରର ଉପଯୁକ୍ତ ଉତ୍ଥାନ, ପତନ, ଗତି, ଲୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ କହିବ । | ୯ | | |
| ୧୦ | – କୌଣସି ବିଷୟରେ ଲେଖାହେଉଥିବା ଶବ୍ଦଗୁଡ଼ିକ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଏବଂ ଶବ୍ଦକୁ ଉପଯୁକ୍ତ ବ୍ୟବହାର କରି ଲେଖିବ।<br>– ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସେଚେତନ ହୋଇ ଲେଖିବ। | ୧୦ | | |
| ୧୧ | ଚିତ୍ର ସୂକ୍ଷ୍ମତାକୁ ନିରୀକ୍ଷଣ କରିବ। | ୧୧ | | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| ୧୨ | ଓଡ଼ିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତିକୁ ଓ ଧ୍ୱନିକୁ ଚିହ୍ନିବ। | ୧୨ | | |
| ୧୩ | ଓଡ଼ିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତି ଓ ଧ୍ୱନିକୁ ଚିହ୍ନବ। | ୧୩ | | |
| ୧୪ | ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବରକାଗଜ, ଶିଶୁପତ୍ରିକାଆଦି) ପଢ଼ି ବୁଝିବାସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତଦେବ, ଶିକ୍ଷକ ଓ ଅନ୍ୟ ସାହପାଠୀଙ୍କସହ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ/ ଲିଖିତ ଭାବରେ ଦେବ। | ୧୪ | | |
| ୧୫ | ଭିନ୍ନଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବରକାଗଜ, ଶିଶୁପତ୍ରିକାଆଦି) ପଢ଼ି ବୁଝିବାସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତଦେବ, ଶିକ୍ଷକ ଓ ସାହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର ଲିଖିତ ଓ ମୌଖିକ ଭାବରେ ଦେବ। | ୧୫ | | |
| ୧୬ | ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବରକାଗଜ, ଶିଶୁପତ୍ରକାଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜମତଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ/ଲିଖିତ ଭାବରେ ଦେବ। | ୧୬ | | |
| ୧୭ | – ଭିନ୍ନଭିନ୍ନ ପ୍ରକାରର ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦକୁ ବୁଝି ତାହାର ଅର୍ଥ ବାହାର କରିବ।<br>– ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସଚେତନ ହୋଇ ଲେଖିବ। | ୧୭ | | |
| ୧୮ | – ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁପତ୍ରିକା ଆଦି) ପଢ଼ିବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ | ୧୮ | | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| | ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ/ ଲିଖିତ ଭାବରେ ଦେବ।<br>– ଭଷାର ବ୍ୟାକରଣ ଯେପରି କାରକ, କ୍ରିୟା, କର୍ତ୍ତା ଆଦି ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ।<br>– ନିଜ ଅନୁଭୂତିରୁ ନିଜ ଶୈଳୀରେ ଲେଖିବ। | | | |
| ୧୯ | – କୌଣସି ବିଷୟରେ ଲେଖାହୋଇଥିବା ଶବ୍ଦଗୁଡ଼ିକମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଏବଂ ଶବ୍ଦକୁ ଉପଯୁକ୍ତ ବ୍ୟବହାର କରି ଲେଖିବ।<br>– ଭାଷାର ବ୍ୟାକରଣକୁ ଯେପରି କାରକ, କ୍ରିୟା, କର୍ତ୍ତା ଆଦି ଚିହ୍ନିବ ଏବଂ ସେଥିପ୍ରତି ସଚେତନ ହୋଇ ଲେଖିବ। | ୧୯ | | |
| ୨୦ | – କୌଣସି ବିଷୟରେ ଲେଖାହୋଇଥିବା ଶବ୍ଦଗୁଡ଼ିକମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଏବଂ ଶବ୍ଦକୁ ଉପଯୁକ୍ତ ବ୍ୟବହାର କରି ଲେଖିବ।<br>– ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ।<br>– ଭିନ୍ନଭିନ୍ନ ପ୍ରକାର ପ୍ରବନ୍ଧ/ ସାମଗ୍ରୀକୁ (ଖବରକାଗଜ, ଶିଶୁପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ/ଲିଖିତ ଭାବରେ ଦେବ। | ୨୦ | | |
| ୨୧ | **ପ୍ରଥମ ଗଠନମୂଳକ ଆକଳନ** | ୨୧ | | |
| ୨୨ | – ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସେଚେତନ ହୋଇ ଲେଖିବ। | ୨୨ | | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| | - ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜ ଭାଷା ତିଆରି କରିବ ଏବଂ ଏହାକୁ ବ୍ୟବହାର କରିବ ।<br>- କମା, ପ୍ରଶ୍ନବାଚୀ ଚିହ୍ନ, ଉଦ୍ଧୃତ ଚିହ୍ନକୁ ଠିକଭାବରେ ବ୍ୟବହାର କରିବ ।<br>- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ । | | | |
| ୨୩ | - ଗପ କବିତା କିମ୍ବା ଅନ୍ୟ ସାମଗ୍ରୀକୁ ନିଜ ଶୈଳୀରେ ନିଜ ଭାଷାରେ କହିବା ସହିତ ସେଥିରେ ନିଜ ଗପକୁ ମଧ୍ୟ ଯୋଡିବେ ।<br>- ଗପ କଥଣ କିମ୍ବା ଅନ୍ୟ ସାମଗ୍ରୀକୁ ବୁଝିବ ଓ ସେଥିରେ ନିଜଗପ ଓ କଥାକୁ ଯୋଡ଼ିବ । | ୨୩ | | |
| ୨୪ | - ଓଡିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତି ଓ ଧ୍ୱନିକୁ ଚିହ୍ନିବ ।<br>- ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବରକାଗଜ, ଶିଶୁ ପତ୍ରିକା ଆଦି) ପଢ଼ିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ । ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ । ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ ଦେବ) ।<br>- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ । | ୨୪ | | |
| ୨୫ | - ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜାନେବ ଯେପରି ଚକା ଚକା ଭଉଁରୀ, ମାମୁଁଘର ଚଉଁରୀ.........<br>- ଓଡ଼ିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତି ଓ ଧ୍ୱନୀକୁ ଚିହ୍ନିବ ।<br>- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଏବଂ ସେଥିପ୍ରତି ସଚେତନ ହୋଇ | ୨୫ | | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| | – ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ, ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ । | | | |
| ୨୬ | – ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜାନେବ<br>– ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ । | ୨୬ | | |
| ୨୭ | – ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ, ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ । | ୨୭ | | |
| ୨୮ | – ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ, ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ ।<br>– ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜ ଭାଷା ତିଆରି କରିବ ଏବଂ ଏହାକୁ ବ୍ୟବହାର କରିବ । | ୨୮ | | |
| ୨୯ | – ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ, ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ । | ୨୯ | | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| | – ବିଭିନ୍ନ ବିଷୟ ଓ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଉପଯୁକ୍ତ ଶବ୍ଦ, ବାକ୍ୟ ସଂରଚନା, ଲୋକକଥା, ବିରାମ ଚିହ୍ନ ଏବଂ ଅନ୍ୟ ବ୍ୟାକରଣଗତ କାଳ, କ୍ରିୟା, କର୍ତ୍ତା ଆଦିକୁ ଠିକ୍ ଭାବରେ ବ୍ୟବହାର କରିବ। | | | |
| ୩୦ | – ଭିନ୍ନ ଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ, ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ ।<br>– କୌଣସି ପାଠ୍ୟ ବିଷୟକୁ ତନ୍ନତନ୍ନ କରିଖୋଜି ସେଥିରେ ଥିବା ବିଶେଷ ଧାରଣାକୁ ବୁଝିବ। | ୩୦ | | |
| ୩୧ | – ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହ ପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।<br>– ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସଚେତନ ହୋଇ ଲେଖିବ।<br>– ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ। | ୩୧ | | |
| ୩୨ | – ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ। | ୩୨ | | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| | – ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢି ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହ ପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ। | | | |
| ୩୩ | – ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜଭାଷା ତିଆରି କରିବ ଓ ଏହାକୁ ବ୍ୟବହାର କରିବ।<br>– ଭିନ୍ନ ଭିନ୍ନ ପ୍ରକାରର ବିଷୟ ବସ୍ତୁରେ ଆସୁଥିବା ନୂଆ ଶବ୍ଦକୁ ବୁଝି ତାହାର ଅର୍ଥ ବାହାର କରିବ।<br>– ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ। | ୩୩ | | |
| ୩୪ | – ଭିନ୍ନ ଭିନ୍ନ ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦ ଗୁଡ଼ିକୁ ବୁଝି ସେଗୁଡିକୁ ଲେଖାରେ ବ୍ୟବହାର କରିବ।<br>– ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ। | ୩୪ | | |
| ୩୫ | – ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ, ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ । | ୩୫ | | |
| ୩୬ | – ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ | ୩୬ | | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| | ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।<br>- କୌଣସି ବିଷୟରେ ଲେଖାହେଉଥିବା ଶବ୍ଦଗୁଡ଼ିକ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଓ ଶବ୍ଦକୁ ଉପଯୁକ୍ତ ବ୍ୟବହାର କରି ଲେଖିବ।<br>- ନିଜ ଅନୁଭୂତିରୁ ନିଜ ଶୈଳୀରେ ଲେଖିବ। | | | |
| ୩୭ | - ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।<br>- ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜଭାଷା ତିଆରି କରିବ ଓ ଏହାକୁ ବ୍ୟବହାର କରିବ।<br>- ନିଜ ଅନୁଭୂତିରୁ ନିଜ ଶୈଳୀରେ ଲେଖିବ। | ୩୭ | | |
| ୩୮ | - ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।<br>- କୌଣସି ବିଷୟରେ ଲେଖାହେଉଥିବା ଶବ୍ଦଗୁଡ଼ିକ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଓ ଶବ୍ଦକୁ ଉପଯୁକ୍ତ ବ୍ୟବହାର କରି ଲେଖିବ।<br>- ଓଡିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତି ଓ ଧ୍ୱନୀକୁ ଚିହ୍ନିବ। | ୩୮ | | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| ୩୯ | - ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ। | ୩୯ | | |
| ୪୦ | - ଭିନ୍ନ ଭିନ୍ନ ପ୍ରକାର ବିଷୟ ବସ୍ତୁରେ ଆସୁଥିବା ନୂଆ ଶବ୍ଦକୁ ବୁଝି ସେଗୁଡ଼ିକର ଅର୍ଥ ବାହାର କରିବ। | ୪୦ | | |
| ୪୧ | - ବିଭିନ୍ନ ଉଦ୍ଦେଶ୍ୟ ଲେଖିବା ସମୟରେ ଶବ୍ଦଚୟନ, ବାକ୍ୟ ସଂରଚନା ଓ ବିଭିନ୍ନ ପ୍ରକାର ଲେଖା ପାଇଁ (ଯେପରି ସାଙ୍ଗକୁ ଚିଠି ଲେଖିବା, ପତ୍ରିକାର ସଂପାଦକଙ୍କୁ ପତ୍ର ଲେଖିବା) ନିଜେ ସିଦ୍ଧାନ୍ତ ଗ୍ରହଣ କରିବ। | ୪୧ | | |
| ୪୨ | ଦ୍ୱିତୀୟ ଗଠନମୂଳକ ଆକଳନ | ୪୨ | | |
| | **ବର୍ଷର ଅବଶିଷ୍ଟ ସମୟ ପାଇଁ** | | | |
| ୪୩ | - ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜା ନେବ ଯେପରି ଚକାଚକା ଭଉଁରୀ.....<br>- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ। | ୧ | ରାମାୟଣ କଥା (୭ମ)<br>ମୋର ଆସାମ ଭ୍ରମଣ (୮ମ) | |
| ୪୪ | - ସ୍ୱରର ଉତ୍ଥାନପତନ, ଗତି, ଲୟ, ଠିକ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ କହିବ ।<br>- ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସଚେତନ ହୋଇ ଲେଖିବ । | ୨ | କହିବି କଥାଟି (୭ମ)<br>ବୃକ୍ଷ ମାହାତ୍ମ୍ୟ (୮ମ) | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| ୪୫ | - ସ୍ୱରର ଉପଯୁକ୍ତ ଉତ୍‌ଥାନ, ପତନ, ଗତି, ଲୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ କହିବ ।<br>- ଭିନ୍ନ ଭିନ୍ନ ପ୍ରକାରର ପ୍ରବନ୍ଧ ସାମଗ୍ରୀକୁ (ଖବରକାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ଆଲୋଚନା କରିବ । ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ / ଲିଖିତଭାବରେ ଦେବ ।<br>- ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ । | ୩ | କଳା ମାଣିକରେ (୭ମ)<br>ବୃକ୍ଷ ମାହାତ୍ମ୍ୟ (୮ମ) | |
| ୪୬ | - ପରିଚିତ / ଅପରିଚିତ, ଲିଖିତ ସାମଗ୍ରୀର ଆଗ୍ରହ ଦେଖାଇବ ଏବଂ ଅର୍ଥ ଖୋଜିବା ପାଇଁ ବିଭିନ୍ନ ପ୍ରକାର କୌଶଳକୁ ବ୍ୟବହାର କରି କହିବ, ଯେପରି ଚିତ୍ର ବା ପ୍ରିଣ୍ଟ୍ ସାହାଯ୍ୟରେ ଅନୁମାନ କରିବ । ଶବ୍ଦକୁ ଚିହ୍ନିବ, ପୂର୍ବ ଅନୁଭୂତି ଆଧାରରେ ଅନୁମାନ କରିବ ।<br>- ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ ସାମଗ୍ରୀକୁ (ଖବରକାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ଆଲୋଚନା କରିବ । ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ / ଲିଖିତଭାବରେ ଦେବ ।<br>- ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ । | ୪ | ସତ୍ୟର ପୂଜାରୀ ଆଚାର୍ଯ୍ୟ ହରିହର (୭ମ)<br>ରୋଗୀସେବା (୮ମ) | |
| ୪୭ | - ଭିନ୍ନ ଭିନ୍ନ ପ୍ରକାରର ପ୍ରବନ୍ଧ ସାମଗ୍ରୀକୁ (ଖବରକାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ଆଲୋଚନା କରିବ । ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ / ଲିଖିତଭାବରେ ଦେବ ।<br>- ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ । | ୫ | କାଠରୁ ଭାତ, ଘାସରୁ ଦୁଧ, (୭ମ)<br>ଗୁରୁଶିଷ୍ୟ ସମ୍ପର୍କ (୮ମ) | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| ୪୮ | – ସ୍ୱରର ଉପଯୁକ୍ତ ଉତ୍‌ଥାନ, ପତନ, ଗତି, ଲୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ  କହିବ । ଭିନ୍ନ ଭିନ୍ନ ପ୍ରକାରର ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦକୁ ବୁଝି ସେଗୁଡିକର ଅର୍ଥ ବାହାର କରିବା ।<br>– ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ । | ୬ | ମୃତ୍ୟୁ ବିଜୟୀ ବାଦକ (୭ମ)<br>ବୈଜ୍ଞାନିକ ମନୋବୃତ୍ତି (୮ମ) | |
| ୪୯ | – ସ୍ୱରର ଉପଯୁକ୍ତ ଉତ୍‌ଥାନ, ପତନ, ଗତି, ଲୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ  କହିବ ।<br>– ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ ।<br>– ବିଭିନ୍ନ ଉଦ୍ଦେଶ୍ୟପାଇଁ ଲେଖୁଥିବା ନିଜ ଲେଖା ବିରାମ ଚିହ୍ନ ଯେପରି ପୂର୍ଣ୍ଣଚ୍ଛେଦ,ପ୍ରଶ୍ନବାଚୀ ଚିହ୍ନ, ଉଦ୍ଧୃତ ଚିହ୍ନଆଦିକୁ ଠିକ୍ ଭାବରେ  ବ୍ୟବହାର କରିବ । | ୭ | ତାରାସୂର୍ଯ୍ୟ (୭ମ)<br>ଶିକ୍ଷାଦୀକ୍ଷା (୮ମ) | |
| ୫୦ | – ସ୍ୱରର ଉପଯୁକ୍ତ ଉତ୍‌ଥାନ, ପତନ, ଗତି, ଲୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ  କହିବ ।<br>– ବିଭିନ୍ନ ବିଷୟ ଓ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଉପଯୁକ୍ତ ଶବ୍ଦ, ବାକ୍ୟ ସଂରଚନା, ଲୋକକଥା, ବିରାମ ଚିହ୍ନ ଓ ଅନ୍ୟ ବ୍ୟାକରଣ ଗତ କାଳ, କ୍ରିୟା, କର୍ତ୍ତା ଆଦିକୁ ଠିକ୍ ଭାବରେ ବ୍ୟବହାର କରିବ । | ୮ | ମୁକ୍ତିଯୋଦ୍ଧା ଜୟୀ ରାଜଗୁରୁ (୭ମ)<br>ସୁନା ନେଉଳ (୮ମ) | |
| ୫୧ | **ତୃତୀୟ ଗଠନମୂଳକ ଆକଳନ ପ୍ରଶ୍ନାବଳୀ** | ୯ | | |
| ୫୨ | – ସ୍ୱରର ଉପଯୁକ୍ତ ଉତ୍‌ଥାନ, ପତନ ଗତି, ଲୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ  କହିବ ।<br>– ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ । | ୧୦ | ସଡକ ନିରାପତ୍ତା (୭ମ)<br>ପ୍ରଗତି ଓ ମାନବଧର୍ମ (୮ମ) | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| ୫୩ | - ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ ।<br>- ଭିନ୍ନ ଭିନ୍ନ ପ୍ରକାରର ବିଷୟବସ୍ତୁରେ ଆସୁଥିବା ନୂତନ ଶବ୍ଦକୁ ବୁଝି ତାହାର ଅର୍ଥ ବାହାର କରିବ । | ୧୧ | ଦେଖିନାହିଁ କେତେଦିନୁ ଖଣ୍ଡଗିରି (୭ମ) ଜଳ (୮ମ) | |
| ୫୪ | - ଭିନ୍ନ ଭିନ୍ନ ପ୍ରକାରର ପ୍ରବନ୍ଧ ସାମଗ୍ରୀକୁ (ଖବରକାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ଆଲୋଚନା କରିବ । ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ ଲିଖିତଭାବରେ ଦେବ ।<br>- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ । | ୧୨ | ଛୋଟ ମୋର ଗାଆଁଟି (୭ମ) ମନରେ ଆସୁ ମୋର ଭଲ ଭାବନା (୭ମ) ଉଦ୍‌ବୋଧନ (୮ମ) ଡାକ ମୁନ୍‌ସି (୮ମ) | |
| ୫୫ | - ଭିନ୍ନ ଭିନ୍ନ ପ୍ରକାରର ପ୍ରବନ୍ଧ ସାମଗ୍ରୀକୁ (ଖବରକାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ଆଲୋଚନା କରିବ । ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ ଲିଖିତଭାବରେ ଦେବ ।<br>- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ । | ୧୩ | ସଡ଼କ ନିରାପତ୍ତା (୭ମ) ଦରିଆ ଦଖଲ (୮ମ) | |
| ୫୬ | - ଚିତ୍ର ସୂକ୍ଷ୍ମତାକୁ ନିରୀକ୍ଷଣ କରିବ ।<br>- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ । | ୧୪ | ତଟିନୀର ଖେଳ (୭ମ) ଜଳ (୮ମ) | |
| ୫୭ | - ଅପରିଚିତ ଶବ୍ଦଗୁଡ଼ିକର ଅର୍ଥ ଅଭିଧାନରୁ ଖୋଜିବ ।<br>- ଅପରିଚିତ ଶବ୍ଦଗୁଡିକର ଅର୍ଥ ଶବ୍ଦ କୋଷରୁ ଖୋଜିବ । | ୧୫ | ଏ ମଣିଷକୁ ପଥର କଲା କିଏ ? (୭ମ) ସ୍ୱପ୍ନ (୮ମ) | |
| ୫୮ | - ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବେ । | ୧୬ | ବିପ୍ରନର ଉଦ୍ଧାର (୭ମ) ବୃକ୍ଷ ମାହାତ୍ମ୍ୟ (୮ମ) | |
| ୫୯ | - ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ । ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ । ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ । | ୧୭ | ବୀର ସୁରେନ୍ଦ୍ର ସାଏ (୭ମ) ଦଶହରା ଭେଟି (୮ମ) | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| ୬୦ | ଚତୁର୍ଥ ଗଠନମୂଳକ ଆକଳନ ପ୍ରଶ୍ନାବଳୀ | ୧୮ | | |
| ୬୧ | - ଚିତ୍ରର ସୂକ୍ଷ୍ମତାକୁ ନିରୀକ୍ଷଣ କରିବ ।<br>- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ । | ୧୯ | ମୁକ୍ତିଯୋଦ୍ଧା ଜୟୀ ରାଜଗୁରୁ (୭ମ)<br>ଶିକ୍ଷାଦୀକ୍ଷା (୮ମ) | |
| ୬୨ | - ଚିତ୍ର ସୂକ୍ଷ୍ମତାକୁ ନିରୀକ୍ଷଣ କରିବେ ।<br>- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବେ । | ୨୦ | ତଟନୀର ଖେଳ (୭ମ)<br>ଶିବରାତ୍ରୀ (୮ମ) | |
| ୬୩ | - ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବେ । | ୨୧ | ଛୋଟରୁ ବଡ (୭ମ)<br>ବୈଜ୍ଞାନିକ ମନୋବୃତ୍ତି (୮ମ) | |
| ୬୪ | - ଭିନ୍ନଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ । ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ । ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ । | ୨୨ | ମୋ' ପିଲାବେଳ କଥା (୭ମ)<br>ସୁନା ନେଉଳ (୮ମ) | |
| ୬୫ | - ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଏବଂ ସେଥିପ୍ରତି ସଚେତନ ହୋଇ ଲେଖିବ ।<br>- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବେ । | ୨୩ | ମାଡ ହାଣ୍ଡି କଥା (୭ମ)<br>ଭାରତ ମାଆ (୮ମ) | |
| ୬୬ | - ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସଚେତନ ହୋଇ ଲେଖିବ ।<br>- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ । | ୨୪ | ଏ ମଣିଷକୁ ପଥର କଲା କିଏ ? (୭ମ)<br>ମୋର ଆସାମ ଭ୍ରମଣ (୮ମ) | |
| ୬୭ | - ସ୍ୱରର ଉପଯୁକ୍ତ ଉତ୍ଥାନ, ପତନ, ଗତି, ଲୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ କହିବ ।<br>- ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ । ଶିକ୍ଷକ | ୨୫ | ଛୋଟରୁ ବଡ (୭ମ)<br>ହାତୀର ପତାକା (୮ମ) | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| | ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।<br>– ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଏବଂ ସେଥିପ୍ରତି ସଚେତନ ହୋଇ ଲେଖିବ। | | | |
| ୬୮ | – ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ। | ୨୬ | ଛୋଟ ମୋର ଗାଆଁଟି (୭ମ)<br>ଉଦ୍‌ବୋଧନ (୮ମ) | |
| ୬୯ | **ପଞ୍ଚମ ଗଠନ ମୂଳକ ଆକଳନ ପ୍ରଶ୍ନାବଳୀ** | ୨୭ | | |
| ୭୦ | – ଚିତ୍ର ସୂକ୍ଷ୍ମତାକୁ ନିରୀକ୍ଷଣ କରିବ।<br>– ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ।<br>– ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ।<br>– ବିଭିନ୍ନ ବିଷୟ ଓ ଉଦ୍ଦେଶ୍ୟ ପାଇଁ ଲେଖିବା ସମୟରେ ଉପଯୁକ୍ତ ଶବ୍ଦ, ବାକ୍ୟ ସଂରଚନା, ଲୋକକଥା, ବିରାମ ଚିହ୍ନ ଏବଂ ଅନ୍ୟ ବ୍ୟାକରଣଗତ କାଳ, କ୍ରିୟା, କର୍ତ୍ତା ଆଦିକୁ ଠିକ୍‌ଭାବରେ ବ୍ୟବହାର କରିବ। | ୨୮ | ବାଜିଉ ବୀର ସେ (୭ମ)<br>ବୃକ୍ଷ ମାହାତ୍ମ୍ୟ (୮ମ)<br>ପ୍ରଗତି ଓ ମାନବଧର୍ମ (୮ମ) | |
| ୭୧<br>୭୨ | – ବିଭିନ୍ନ ବିଷୟ ଓ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଉପଯୁକ୍ତ ଶବ୍ଦ, ବାକ୍ୟ ସଂରଚନା, ଲୋକକଥା, ବିରାମ ଚିହ୍ନ ଓ ଅନ୍ୟ ବ୍ୟାକରଣଗତ କାଳ, କ୍ରିୟା, କର୍ତ୍ତା ଆଦିକୁ ଠିକ୍‌ଭାବରେ ବ୍ୟବହାର କରିବ।<br>– ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ। | ୨୯ | କଳା ମାଣିକରେ (୭ମ)<br>ଦେଖିନାହିଁ କେତେ ଦିନୁ<br>ଖଣ୍ଡଗିରି (୭)<br>ଶିବରାତ୍ରୀ (୮ମ)<br>ଶିକ୍ଷାଦୀକ୍ଷା (୮ମ) | |
| ୭୩ | – ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି | ୩୦ | ସତ୍ୟର ପୂଜାରୀ ଆଚାର୍ଯ୍ୟ ହରିହର (୭ମ) | |

| କ୍ର. ନଂ. | ଶିକ୍ଷଣ ଫଳାଫଳ | କାର୍ଯ୍ୟଫର୍ଦ୍ଦ କ୍ର.ସଂଖ୍ୟା | ପାଠ୍ୟପୁସ୍ତକ ସଂପର୍କିତ ଶ୍ରେଣୀ / ପ୍ରସଙ୍ଗ | ପୃଷ୍ଠା |
|---|---|---|---|---|
| | ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।<br>– ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସଚେତନ ହୋଇ ଲେଖିବା ।<br>– ବିଭିନ୍ନ ବିଷ ୟ ଓ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଉପଯୁକ୍ତ ଶବ୍ଦ, ବାକ୍ୟ ସଂରଚନା, ଲୋକକଥା, ବିରାମ ଚିହ୍ନ ଓ ଅନ୍ୟ ବ୍ୟାକରଣଗତ କାଳ, କ୍ରିୟା, କର୍ତ୍ତା ଆଦିକୁ ଠିକ୍‌ଭାବରେ ବ୍ୟବହାର କରିବ। | ୩୧ | ଆମେ ଧରଣୀ ବୁକୁର ଶିଶୁ (୭ମ)<br>ମୋର ଆସାମ ଭ୍ରମଣ (୮ମ) | |
| ୭୪ | – ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ। | ୩୨ | ସତ୍ୟର ପୂଜାରୀ ଆଚାର୍ଯ୍ୟ ହରିହର (୭ମ)<br>ବଶିଷ୍ଠ ଓ ବିଶ୍ୱାମିତ୍ର (୮ମ) | |
| ୭୫ | – ବିଭିନ୍ନ ଉଦ୍ଦେଶ୍ୟ ଲେଖିବା ସମୟରେ ଶବ୍ଦ ଚୟନ, ବାକ୍ୟ ସଂରଚନା ଓ ବିଭିନ୍ନ ପ୍ରକାର ଶବ୍ଦ ଚୟନ, ବାକ୍ୟ ସଂରଚନା ଓ ବିଭିନ୍ନ ପ୍ରକାର ଲେଖାପାଇଁ (ଯେପରି ସାଙ୍ଗକୁ ଚିଠି ଲେଖିବା, ପତ୍ରିକାର ସଂପାଦକଙ୍କୁ ପତ୍ର ଲେଖିବା) ନିଜେ ସିଦ୍ଧାନ୍ତ ଗ୍ରହଣ କରିବ। | ୩୩ | ବିପନ୍ନର ଉଦ୍ଧାର (୭ମ)<br>ସ୍ୱପ୍ନ (୮ମ) | |
| ୭୬ | **ଷଷ୍ଠ ଗଠନ ମୂଳକ ଆକଳନ ପ୍ରଶ୍ନାବଳୀ** | ୩୪ | | |

# କାର୍ଯ୍ୟଫର୍ଦ୍ଦ - ୧

**ଶିକ୍ଷଣ ଫଳାଫଳ :-**

**ଚିତ୍ର ସୂକ୍ଷ୍ମତାକୁ ନିରୀକ୍ଷଣ କରିବେ।**

ଚିତ୍ର ଦେଖି ନାମ ଗୁଡ଼ିକୁ ସଜାଡ଼ି ଲେଖିବା ।



__________ ଆ/ଠେ/କୁ __________




__________ ତା/ଛ __________



__________ ଲ/କେ/ସା/ଇ __________



__________ ହି/ବ __________



__________ ଷା/ମୂ __________



__________ ଦ/ଲ/ବା __________

**ଶିକ୍ଷକଙ୍କ ପାଇଁ ସୂଚନା :**

- ଶିକ୍ଷକ ଛୋଟ ଛୋଟ ଦଳରେ କାର୍ଯ୍ୟଫର୍ଦ୍ଦଗୁଡ଼ିକୁ ପରିଚାଳନା କରିବେ । ଆବଶ୍ୟକ ସ୍ଥଳେ ଦଳପତିର ସହାୟତା ନେବେ । ପ୍ରତି ପିଲାର କାର୍ଯ୍ୟକୁ ତଦାରଖ ଓ ସଂଶୋଧନ କରିବେ ।
- କାର୍ଯ୍ୟଫର୍ଦ୍ଦ ବ୍ୟତୀତ ଅନ୍ୟ ଚିତ୍ରକାର୍ଡ, ମାତ୍ରାଫଳା ନଥିବା ଶବ୍ଦକାର୍ଡ, ସଂପର୍କିତ ଶବ୍ଦକାର୍ଡ ଇତ୍ୟାଦି ଦଳର ଆବଶ୍ୟକତା ଅନୁଯାୟୀ ସଂଗ୍ରହ କରି ଶ୍ରେଣୀକାର୍ଯ୍ୟ ପରିଚାଳନା କରିବେ ।
- ଶିକ୍ଷାର୍ଥୀମାନେ ଚିତ୍ରକୁ ଚିହ୍ନି ଚିତ୍ରର ନାମ ଲେଖିବେ । ବିଭିନ୍ନ ମାତ୍ରା ବ୍ୟବହାର କରି ଶବ୍ଦ ଲେଖିବେ ଅନୁଭୂତି ଆଧାରିତ ବିଭିନ୍ନ ମାତ୍ରା ଓ ଫଳାଯୁକ୍ତ ବାକ୍ୟ ଲେଖିବେ ।
- ଏହି ସୂଚନା କାର୍ଯ୍ୟଫର୍ଦ୍ଦ ୧, ୨, ୩, ୪ ଓ ୫ ପାଇଁ ପ୍ରଯୁଜ୍ୟ ।

## କାର୍ଯ୍ୟଫର୍ଦ୍ଦ - ୨

**ଶିକ୍ଷଣ ଫଳାଫଳ :-**

**ଓଡ଼ିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତି ଓ ଧ୍ୱନିକୁ ଚିହ୍ନବା।**

- ଅନୁଚ୍ଛେଦଟି ପଢ଼ ଓ ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବା ।

ଦିନେ ଆଇ ମନଉଣା କରି ବସିଥିଲେ । ଅଜା ତାଙ୍କୁ ଋଷି ଦେଇଥିବା ଏକ ମିଠା ଔଷଧ ଦେଲେ । ବୈଠକ ଘର ଚୌକି ଉପରେ ଧୀରେ ବସାଇଲେ । କୃଷକ ବୋହୂଟି ଆସି ତାଙ୍କୁ ଜୁହାର ହେଲା ।

**ପ୍ରଶ୍ନ-୧ - ଉପର ଅନୁଚ୍ଛେଦରେ ମାତ୍ରା ଥିବା ବିଭିନ୍ନ ଶବ୍ଦକୁ ତଳ କୋଠରିରେ ଲେଖିବା ଓ ସେହି ମାତ୍ରାରେ ଆଉ କିଛି ଅଧିକ ଶବ୍ଦ ତାହା ସହିତ ଯୋଡି ଲେଖିବା ।**

| 'ଆ'କାର | 'ଇ'କାର | 'ଈ'କାର | 'ଉ'କାର | 'ଊ'କାର |
|---|---|---|---|---|
| | | | | |
| | | | | |
| | | | | |
| 'ଋ'କାର | 'ଏ'କାର | 'ଐ'କାର | 'ଓ'କାର | 'ଔ'କାର |
| | | | | |
| | | | | |
| | | | | |

**ପ୍ରଶ୍ନ -୨- ଆସ ପଢ଼ିବା ଓ ମାତ୍ରା ଲଗାଇ ଶବ୍ଦ ଗଢ଼ିବା**

ଯେପରି - କଉ - କାଉ ('ଆ' କାର)
ଧନ - ('ଆ' କାର)
ଶବ - ('ଇ' କାର)
ନଦ - ('ଈ' କାର)
ଖର - ('ଉ' କାର)

କଳ - ('ଊ' କାର)
ବକ୍ଷ - ('ଋ' କାର)
ପଟ - ('ଏ' କାର)
ତଳ - ('ଐ' କାର)
ଗଡ - ('ଓ'କାର)
ମନ - ('ଔ' କାର)

# କାର୍ଯ୍ୟପତ୍ର - ୩

**ଶିକ୍ଷଣ ଫଳାଫଳ :-**

**ପରିଚିତ/ଅପରିଚିତ ଲିଖିତ ସାମଗ୍ରୀରେ ଆଗ୍ରହ ଦେଖାଇବ ଓ ଅର୍ଥ ଖୋଜିବା ପାଇଁ ବିଭିନ୍ନ ପ୍ରକାରର କୌଶଳକୁ ବ୍ୟବହାର କରିବ ଯେପରି ଚିତ୍ର ବା ପ୍ରିଣ୍ଟ ସାହାଯ୍ୟରେ ଅନୁମାନ କରିବ, ଶବ୍ଦକୁ ଚିହ୍ନିବ, ପୂର୍ବ ଅନୁଭୂତି ଆଧାରରେ ଅନୁମାନ କରିବ।**

କାଉ ରାବଇ କା କା
କୋଇଲି କୁହୁ କୁ,
ଘରଚଟିଆ ଚିଁ ଚିଁ
ପାରା ଗୁଟରୁ ଗୁଁ ।

ବିରାଡ଼ି କରେ ମ୍ୟାଉଁ ମ୍ୟାଉଁ
କୁକୁର ଭୁକେ ଭୋ
ଗାଈ କରେ ହମା ହମା
ବିଲୁଆ ହୁକେ ହୋ ।

**ପ୍ରଶ୍ନ-୧ ଗୀତରେ ମାତ୍ରା ଥିବା ଶବ୍ଦ ଗୁଡ଼ିକୁ ବାଛି ଲେଖିବା ।**

'ଆ'କାର - ଯେପରି କାଉ

'ଇ' କାର - ସେପରି ____________

'ଈ' କାର - ____________

'ଉ' କାର - ____________

'ଊ' କାର - ____________

'ଏ' କାର - ____________

'ଐ' କାର - ____________

'ଓ' କାର - ____________

'ଔ' କାର - ____________

'ର' କାର - ____________

# କାର୍ଯ୍ୟଫର୍ଦ୍ଦ - ୪

**ଶିକ୍ଷଣ ଫଳାଫଳ :-**

- କୌଣସି ବିଷୟରେ ଲେଖାହୋଇଥିବା ଶବ୍ଦଗୁଡିକ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଏବଂ ଶବ୍ଦକୁ ଉପଯୁକ୍ତ ବ୍ୟବାହର କରି ଲେଖିବା । ନିଜ ଅନୁଭୂତିରୁ ନିଜ ଶୈଳୀରେ ଲେଖିବ ।

**୧. ତଳେ 'କ' ସ୍ତମ୍ଭରେ କିଛି ଶବ୍ଦ ଦିଆଯାଇଛି । 'ଖ' ସ୍ତମ୍ଭର ସଂପର୍କିତ ଶବ୍ଦ ସହିତ ମିଳାଇ ଯେଉଁ ନୂଆ ପଦଟି ହେଉଛି ତାକୁ 'ଗ' ସ୍ତମ୍ଭରେ ଲେଖିବା ଓ ପଢ଼ିବା ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ | 'ଗ' ସ୍ତମ୍ଭ |
|---|---|---|
| ଲୁହ | ଫରଫର | ଯେପରି ଲୁହ- ଝରଝର |
| କାମ | ଝରଝର | ____________ |
| ଓଦା | ଗରଗର | ____________ |
| ରାଗ | ସରସର | ____________ |
| ପତାକା | ତରତର | ____________ |

**୨. ଆସ 'ଆମ ବିଦ୍ୟାଳୟ ବିଷୟରେ କହିବା ଏବଂ ୮ଟି ବାକ୍ୟ ଲେଖିବା ।**

ଉ- ଆମ ବିଦ୍ୟାଳୟର ନାମ ____________________________________________

____________________________________________

____________________________________________

____________________________________________

____________________________________________

____________________________________________

____________________________________________

## ଲକ୍ଷ୍ୟ ପ୍ରଶ୍ନ

**ତଳ ଲିଖିତ ଶବ୍ଦ ଗୁଡ଼ିକୁ ନେଇ ସୁନ୍ଦର କବିତାଟିଏ ଲେଖିବା ।**

ପତାକା, ଝରଣା, ଝରଝର, ଫରଫର, ଉଡଇ, ପିଲାଟି, ସରସର ଓଦା ।

# କାର୍ଯ୍ୟପତ୍ର - ୫

**ଶିକ୍ଷଣ ଫଳାଫଳ :-**

**ଓଡ଼ିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତି ଓ ଧ୍ୱନିକୁ ଚିହ୍ନିବ।**

**୧.(କ) ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ଼ି ତଳେ ମାତ୍ରା ଅନୁଯାୟୀ ସଜାଡ଼ି ଲେଖିବା।**

| | | | | | |
|---|---|---|---|---|---|
| ଜୀବନ | କାଗଜ | ଜଗତ | କୂଳ | ଦୁନିଆ | ବନ୍ଦୀ |
| ସିଲଟ | ଧୂଳି | କେବଳ | କୋମଳ | କୈଳାସ | ବଂଶ |
| ସାପେକ୍ଷ | ଶାରୀରିକ | ସୌରଭ | ଦୁଃଖ | ଧୂଳି | ଧନୀ |
| ଦୌଲତ | ଜନ୍ମ | ଗର୍ଜନ | ଆବିଷ୍କାର | ପାଣ୍ଡିତ୍ୟ | ବୈରାଗ୍ୟ |

| 'ଆ' କାର | 'ଇ' କାର | 'ଈ' କାର | 'ଉ' କାର | 'ଊ' କାର | ______ |
|---|---|---|---|---|---|
| ______ | ______ | ______ | ______ | ______ | ______ |
| ______ | ______ | ______ | ______ | ______ | ______ |
| ______ | ______ | ______ | ______ | ______ | ______ |

| 'ଋ' କାର, | 'ଏ' କାର, | 'ଐ' କାର, | 'ଓ' କାର, | 'ଔ' କାର | ______ |
|---|---|---|---|---|---|
| ______ | ______ | ______ | ______ | ______ | ______ |
| ______ | ______ | ______ | ______ | ______ | ______ |
| ______ | ______ | ______ | ______ | ______ | ______ |
| ______ | ______ | ______ | ______ | ______ | ______ |

(ଖ) ଆସ ମାତ୍ରା ଦିଆଯାଇଥିବା ଅକ୍ଷର ଚାରିପଟେ ◯ ବୁଲାଇବା ଏବଂ ମାତ୍ରାର ନାମ ଲେଖିବା ।

ଯେପରି - (କା)ଉ - 'ଆ' କାର

ସେପରି - ଚିଲ -  ଶେଯ -

ଭୁଲ -  ସୂତା -

ଭୋକ -  ଭୈରବ -

ଦୀନ -  ବୃଷଭ

ପୌଷ -

# କାର୍ଯ୍ୟଫର୍ଦ୍ଦ - ୬

**ଶିକ୍ଷଣ ଫଳାଫଳ :-**

**ପରିଚିତ/ଅପରିଚିତ ଲିଖିତ ସାମଗ୍ରୀରେ ଆଗ୍ରହ ଦେଖାଇବ ଓ ଅର୍ଥ ଖୋଜିବାପାଇଁ ବିଭିନ୍ନ ପ୍ରକାରର କୌଶଳକୁ ବ୍ୟବହାର କରିବ, ଯେପରି ଚତ୍ର ବା ପ୍ରିଣ୍ଟ ସାହାଯ୍ୟରେ ଅନୁମାନ କରିବ, ଶବ୍ଦକୁ ଚିହ୍ନିବ, ପୂର୍ବ ଅନୁଭୂତି ଅଧାରରେ ଅନୁମାନ କରିବ।**

**(କ) ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ିବା:**

ନିକିତାକୁ ପେନ୍‌ସିଲ୍ ଦିଆଗଲା ।

ମୋହନ ତାଲା ନେଇକରି ଆସିଲା ।

କମଳା ପାଚିଅଛି ।

ନଳ ପାଣି ଛିଟୁକୁଛି ।

ଲୀଳା ବଜାରକୁ ଯାଇ ଫେରିଲାଣି ।

ଏହା ସେ ଦିନର କଥା ଅଟେ ।

ଜମିରେ ଧାନ ପାଚିଅଛି ।

କବିତା ଜୋତା ସଜାଡ଼ି କରି ଆସିଲା ।

ମୁଁ କାନପୁରରୁ ପାଟଣା ଗଲି ।

ଆଜି କୁଆପଥର ପଡ଼ିଲା ।

ଜମିରେ ଗଛ ଲଗାଅ ।

ହମିଦ୍‌ର ଘରେ ହାତୀ ପଶିଗଲା ।

ଦୀପକ କାନପୁରରୁ ଆସିଲା ।

ଛେଳି ଘାସ ଖାଉଅଛି ।

**(ଖ) ନିମ୍ନଲିଖିତ ବାକ୍ୟଗୁଡ଼ିକ ପଢ଼ିବା :**

ରାମ ବଜାର ଯାଉଅଛି ।

ରାଜା ଅମୃତଭଣ୍ଡା ଖାଉଥିଲା ।

ପିଲାଟି ଚାଲିଚାଲି ଯାଉଛି ।

ଦୀପକ ପାଳଙ୍ଗ ଶାଗ ଆଣିଲା ।

ଘରର ଦାମ୍ କମ୍ ଥିଲା ।

ମୀନା ଦେହ ଖରାପ ଥିଲା ।

କାଲି ଖେଳପଡ଼ିଆ ଖାଲି ଥିଲା ।

ରାଜା ତାଜମହଲ ପର୍ଯ୍ୟନ୍ତ ଚାଲିଚାଲି ଗଲେ ।

ବର୍ଷା ହେଉଛି ।

ହାତୀ ଆରାମ୍‌ରେ ଶୋଇଅଛି ।

ଘରେ ଖାଇବା ଜିନିଷ ଅଛି ।

ବାଳକ କ୍ଷୀର ପିଉଅଛି ।

ଏଠାରେ ଠେଲାପେଲା ହେଉଅଛି ।

ଗୁଣ୍ଡୁଚି ମୂଷା ଟମାଟୋ ଖାଉଥିଲା ।

## ଅନୁଚ୍ଛେଦଟିକୁ ପଢ଼ ଏବଂ ପ୍ରଶ୍ନ ତିଆରି କର

### ଲକ୍ଷ୍ୟ ପ୍ରଶ୍ନ

ସ୍ୱର୍ଣ୍ଣପ୍ରସୂ ବୀରଭୂମି ଭାରତ । ଏ ଦେଶର ଶିକ୍ଷା, ସଂସ୍କୃତି ଓ ପରମ୍ପରା ମହାନ । ଏହାର ସୁନାମ ସାରା ଜଗତରେ ପ୍ରଚାରିତ । ଭାରତର ଧନ ଓ ସମ୍ପତ୍ତିରେ ଆକୃଷ୍ଟ ହୋଇ ସୁଦୂର ଗ୍ରୀସ୍ ଦେଶରୁ ଆଗେଇ ଆସିଛନ୍ତି ଆଲେକ୍‌ଜାଣ୍ଡାର । ଦୁଃଖ ଲାଗେ ସେନାପତି, ବୀର ଓ ବୀରାଙ୍ଗନାମାନଙ୍କର ଭୂମି ଏଇ ଭାରତବର୍ଷର ରାଜ୍ୟରାଜ୍ୟ ମଧ୍ୟରେ ଏକତା ଓ ବୁଝାମଣା ନ ଥିବାରୁ ଆମର ଆଜି ଏଭଳି ପରାଜୟ ଘଟୁଛି ।

**ପ୍ରଶ୍ନ :-**

୧. ରେଖାଙ୍କିତ ଶବ୍ଦ ଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖିବା ।

୨. ଯେପରି ପ୍ରଚାରରୁ ପ୍ରଚାରିତ, ସେପରି ପ୍ରଭାବରୁ ............. ହେବ ।

୩. ଶବ୍ଦର ଆରମ୍ଭରେ ସୁ ଲଗାଇ କେତୋଟି ଶବ୍ଦ ଲେଖିବା ।

________ ________ ________ ________

________ ________ ________ ________

### ଶିକ୍ଷକଙ୍କ ପାଇଁ ସୂଚନା :

- ଶିକ୍ଷକ ଛୋଟ ଛୋଟ ଦଳରେ, ଆବଶ୍ୟକସ୍ଥଳେ ବ୍ୟକ୍ତିଗତ ଭାବେ କାର୍ଯ୍ୟଫର୍ଦ୍ଦଗୁଡ଼ିକୁ ଅଭ୍ୟାସ କରାଇବେ । ଦଳପତିର ସହାୟତା ନେବେ ।
- ଶବ୍ଦକାର୍ଡ଼, ବାକ୍ୟକାର୍ଡ଼, ଚିତ୍ରକାର୍ଡ ମାଧ୍ୟମରେ ନୂତନ ଶବ୍ଦଲିଖନ, ବାକ୍ୟ ଗଠନ ଓ ଲିଖନ କାର୍ଯ୍ୟ କରାଇବେ ।
- ପିଲାମାନେ କବିତା ଆବୃତ୍ତି କରିବେ, ପାଦ ପୂରଣ କରିବେ, ଶବ୍ଦ ଗଠନ, ବାକ୍ୟ ଗଠନ, ବିଭିନ୍ନ ଯୁକ୍ତାକ୍ଷରଯୁକ୍ତ ଶବ୍ଦ ଓ ବାକ୍ୟ ପଢ଼ିବେ, ଲେଖିବେ ।
- ଏହି ସୂଚନା କାର୍ଯ୍ୟଫର୍ଦ୍ଦ ୬, ୭, ୮, ୯ ପାଇଁ ପ୍ରଯୁଜ୍ୟ ।

## କାର୍ଯ୍ୟଫର୍ଦ୍ଦ - ୭

**ଶିକ୍ଷଣ ଫଳାଫଳ :-**

- ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜଭାଷା ତିଆରି କରିବ ଏବଂ ଏହାକୁ ବ୍ୟବହାର କରିବ ।
- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଏବଂ ସେଥିପ୍ରତି ସଚେତନ ହୋଇ ଲେଖିବ ।

**ନିମ୍ନରେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟ ଗଠନ କରିବା :**

| | | | |
|---|---|---|---|
| ଦୁଇ | ଭଉଣୀ | ବଳିଥିବା | ରୁଟି |
| କିଣି | ସଉଦା | ଘରକୁ | ଆଣିଲେ |
| ଆସି | ଦେଲେ | ବିଲେଇକୁ | କଲେ |
| ଚାଉଳ | ଦୁହେଁ | ଅଟା | ବଜାରକୁ |
| ସୀତା ଓ ଗୀତା | ପାଇଁ | ଗଲେ | ସେଠାରୁ |

ସୀତା ଓ ଗୀତା ଦୁଇ ଭଉଣୀ । ______________________________

______________________________

______________________________

______________________________

______________________________

______________________________

______________________________

## ଲକ୍ଷ୍ୟ ପ୍ରଶ୍ନ

**ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ି ସେଥିରେ କାମ ସୂଚାଉଥିବା ପଦକୁ ଗୋଲ ବୁଲାଇବା ।**

(କ) ଗୀତା ଛାତ ଉପରେ ଫଳ ଖାଉଅଛି ।

ବାଳକ ଡ଼େଇଁଡ଼େଇଁ ନାଚୁଅଛି ।

ସୀତା ଆଜି କବିତା ପାଠ କରୁଅଛି ।

କୃଷକ ଜମିରେ ହଳ କରୁଅଛି ।

ଗପ ଶୁଣି ପିଲାମାନେ ହସୁଥିଲେ ।

ମୁଁ ଆଜି ବହିରୁ କବିତା ଶୁଣାଉଥିଲି ।

ମମତା ଘରୁ ଆସୁଅଛି ।

ଆଜି ସକାଳେ ମୀରା ମୋତେ ଗପ ଶୁଣାଉଥିଲା ।

# କାର୍ଯ୍ୟଫର୍ଦ୍ଦ -୮

**ଶିକ୍ଷଣ ଫଳାଫଳ :-**

**ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜଭାଷା ତିଆରି କରିବ ଓ ଏହାକୁ ବ୍ୟବହାର କରିବ।**

**(କ) ଆସ ପଢ଼ିବା ଓ ବାକ୍ୟ ଗଢ଼ିବା :-**

ଜୁଡୁଜୁଡୁ ____________________

ଧରାଧରି ____________________

ଯୋଜନା ____________________

ବ୍ୟସ୍ତ ____________________

ସୁସ୍ୱାଦୁ ____________________

ସୁଫଳ ____________________

**(ଖ) ଆସ ଲେଖିବା :-**

ଯେପରି ଚିନ୍ତା- ଚିନ୍ତିତ

ସେହିପରି କ'ଣ ହେବ- ଦୁଃଖ __________

ପୀଡ଼ା __________

ପାଠ __________

ପୂଜା __________

ପାଳନ __________

ଉଦୟ __________

(ଗ) ଚିତ୍ରଟି ଦେଖି ତା' ବିଷୟରେ ପାଞ୍ଚଟି ବାକ୍ୟ ଲେଖିବା ।



**ଲକ୍ଷ୍ୟ ପ୍ରଶ୍ନ**

## ଚିତ୍ର ଦେଖି ତା' ବିଷୟରେ ଅନୁଚ୍ଛେଦଟିଏ ଲେଖିବା

### କ୍ରିକେଟ୍ ଖେଳ ପଡିଆର ଚିତ୍ର



**ଶିକ୍ଷକଙ୍କ ପାଇଁ ସୂଚନା :**

- ଶିକ୍ଷକ ପିଲାମାନଙ୍କୁ ଛୋଟଛୋଟଦଳରେ ବିଭକ୍ତ କରି କାର୍ଯ୍ୟପତ୍ର ଆଧାରିତ କାର୍ଯ୍ୟ ପରିଚାଳନା କରିବେ । ଆବଶ୍ୟକ ସ୍ଥଳେ ବ୍ୟକ୍ତିଗତ କାର୍ଯ୍ୟ କରାଇବେ ।
- ଶବ୍ଦ କାର୍ଡ, ବାକ୍ୟ କାର୍ଡ, ଅନୁଭୂତି ବର୍ଣ୍ଣନା ପାଇଁ ଚିତ୍ରକାର୍ଡ ବ୍ୟବହାର କରିବେ ।
- ଶୁଦ୍ଧ ଭାବରେ ପଢ଼ିବେ । ଅନୁଚ୍ଛେଦରୁ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବେ । ଅନୁଚ୍ଛେଦରୁ ପ୍ରଶ୍ନ ପ୍ରସ୍ତୁତ କରିବେ । ଅନୁଭୂତି ବର୍ଣ୍ଣନା କରିବେ ।
- ବ୍ୟାବହାରିକ ବ୍ୟାକରଣ କ୍ଷେତ୍ରରେ କ୍ରିୟା, ବିଶେଷ୍ୟ, ବିଶେଷଣ, ବିପରୀତ ଅର୍ଥବୋଧକ ଶବ୍ଦ କହିବେ, ଲେଖିବେ ।
- ଏହି ସୂଚନା କାର୍ଯ୍ୟପତ୍ର ୮, ୯, ୧୦, ୧୧, ୧୨ ଓ ୧୩ ପାଇଁ ପ୍ରଯୁଜ୍ୟ ।

## କାର୍ଯ୍ୟଫର୍ଦ୍ଦ - ୯

**ଶିକ୍ଷଣ ଫଳାଫଳ :-**

**ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ। କୌଣସି ବିଷୟରେ ଲେଖାହେଉଥିବା ଶବ୍ଦଗୁଡ଼ିକ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଏବଂ ଶବ୍ଦକୁ ଉପଯୁକ୍ତ ବ୍ୟବହାର କରି ଲେଖିବ। ନିଜ ଅନୁଭୂତିରୁ ନିଜ ଶୈଳୀରେ ଲେଖିବ।**

**(କ) ଆସ କବିତା ଆବୃତ୍ତି କରିବା,**

ଭୁଲିବାନି କେବେ ପିତାମାତା ସ୍ନେହ
ଗୁରୁ ଗୁରୁଜନ ବାଣୀ,
ଭୁଲିବାନି କେବେ ସମୟର ମୂଲ୍ୟ
ବନ୍ଧୁଙ୍କ ସାହାଯ୍ୟ ପୁଣି ।୧।

ଭୁଲିବାନି କେବେ ସେବା, ଉପକାର
ଅନ୍ୟଠୁ ମିଳଇ ଯାହା
ଘୃଣା କରିବାନି ଆଘାତ ଦେବାନି
ଆମକୁ ହୁଏ ଯେ ସାହା ।୨।

ଭୁଲିବାନି କେବେ ନିଜର କର୍ତ୍ତବ୍ୟ
ଅଜଣା ଜାଗା ଠିକଣା
ଏସବୁ ଭୁଲିଲେ ମଣିଷ ଭାବରେ
ହେବା ନିଶ୍ଚେ ବାଟବଣା ।୩।

**(ଖ) କବିତା ପଢ଼ି ଆସ ଉତ୍ତର ଲେଖିବା -**

(ପ୍ର) କବିତାରେ ପିତାମାତାଙ୍କର ବିଷୟରେ କ'ଣ କୁହାଯାଇଛି ?

ଉ ____________________________________________

(ପ୍ର) ଅନ୍ୟ ଠାରୁ ଆମେ କ'ଣ ପାଇଥାଉ ଯାହା ନଭୁଲିବା ଉଚିତ୍ ?

ଉ ____________________________________________

(ପ୍ର) ଆମକୁ ଯେ ସାହା ହୋଇଥାଏ ତାଙ୍କ ପ୍ରତି ଆମେ କ'ଣ ନ କରିବାକୁ କବିତାରେ କୁହାଯାଇଛି ?

ଉ ________________________________

(ପ୍ର) ଆମ କର୍ତ୍ତବ୍ୟ ସମ୍ପର୍କରେ କବିତାରେ କ'ଣ କୁହାଯାଇଛି ?

ଉ ________________________________

(ପ୍ର) ମଣିଷ ଭାବରେ ବାଟବଣା ନ ହେବାପାଇଁ କବିତାରେ କି ପରାମର୍ଶ ଦିଆଯାଇଛି ?

ଉ ________________________________

(ପ୍ର) ଆସ ପଦ ପୂରଣ କରିବା -

ଭୁଲିବାନି କେବେ ପିତାମାତା ସ୍ନେହ

________________________________

ଭୁଲିବାନି କେବେ ସମୟର ମୂଲ୍ୟ

________________________________

ଏ ସବୁ ଭୁଲିଲେ ମଣିଷ ଭାବରେ

________________________________

**(ଘ) ତଳ ଲିଖିତ ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଢ଼ିବା ।**

ସ୍ନେହ -

କର୍ତ୍ତବ୍ୟ -

ବାଣୀ -

ମୂଲ୍ୟ -

ସାହାଯ୍ୟ -

ଘୃଣା -

**ଲକ୍ଷ୍ୟ ପ୍ରଶ୍ନ**

**ତୁମ ପ୍ରିୟ ଶିକ୍ଷକ ବିଷୟରେ ବର୍ଣ୍ଣନା କରି ନିଜ ଖାତାରେ ଲେଖ ।**

# କାର୍ଯ୍ୟଫର୍ଦ୍ଦ -୧୦

**ଶିକ୍ଷଣ ଫଳାଫଳ :-**

- କୌଣସି ବିଷୟରେ ଲେଖାହେଉଥିବା ଶବ୍ଦଗୁଡ଼ିକ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଏବଂ ଶବ୍ଦକୁ ଉପଯୁକ୍ତ ବ୍ୟବହାର କରି ଲେଖିବ।
- ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସେଚେତନ ହୋଇ ଲେଖିବ।

**(କ) ଆସ ଶବ୍ଦ ଯୋଡ଼ି ସଜାଡ଼ି ଲେଖିବା ।**

ଯେପରି 'ରୁଚି' ଶବ୍ଦ ସହିତ 'କର' ଯୋଗ କଲେ 'ରୁଚିକର' ହୁଏ, ସେହିପରି ତଳ ଶବ୍ଦଗୁଡ଼ିକରେ 'କର' ଯୋଗ କଲେ ଯେଉଁ ନୂଆ ଶବ୍ଦଟି ହେବ ତାକୁ ବାକ୍ୟରେ ବ୍ୟବହାର କରି ଲେଖିବା ଓ ପଢ଼ିବା ।

**ଶବ୍ଦ ବାକ୍ୟ**

ବିସ୍ମୟ - ______________, ______________________________

ଲଜ୍ଜା - ______________, ______________________________

ସ୍ୱାସ୍ଥ୍ୟ - ______________, ______________________________

ହିତ - ______________, ______________________________

କଷ୍ଟ - ______________, ______________________________

**(ଖ) ଆସ, ଅସଜଡ଼ା ବାକ୍ୟଟିକୁ ସଜାଡ଼ି ଲେଖିବା ଓ ପଢ଼ିବା :-**

(ପ୍ର) ଗୁଳିରେ ଜଙ୍ଗଲ ପୁଲିସ କମ୍ପିଲା ।

ଉ- ______________________________

(ପ୍ର) ଥିଲେ ମାଆ ତାଙ୍କ ଶିକ୍ଷିତା ମଧ୍ୟ ।

ଉ- ______________________________

(ପ୍ର) କେତେ ଦିଶୁଛ ତମେ ସୁନ୍ଦର ବେଶରେ ଏ ।

ଉ- ______________________________

(ପ୍ର) ଲିଜା ଉଡ଼ାଜାହାଜ ବମ୍ବେ ରେ ଗଲା ।

ଉ- ______________________________

(ପ୍ର) ମଫସଲ ତୁଳସୀପାଳ ଗୋଟିଏ ଗାଁ ।

ଉ- ______________________________

**ଲକ୍ଷ୍ୟ ପ୍ରଶ୍ନ**

**ଯେପରି ଖରାପ ଚିନ୍ତା - କୁଚିନ୍ତା**

ସେପରି ଖରାପ ପଥ -

ଖରାପ ବଚନ -

ଖରାପ କର୍ମ -

ଖରାପ ବୁଦ୍ଧି -


ଖରାପ ଫଳ -

## କାର୍ଯ୍ୟଫର୍ଦ୍ଦ - ୧୧

**ଶିକ୍ଷଣ ଫଳାଫଳ :-**


**ଚିତ୍ର ସୂକ୍ଷ୍ମତାକୁ ନିରୀକ୍ଷଣ କରିବ।**

**୧. ତଳେ ଦିଆଯାଇଥିବା ଚିତ୍ରକୁ ଦେଖି ବାକ୍ୟ ଲେଖିବା ।**


_______________________


_______________________


_______________________


_______________________

**ଲକ୍ଷ୍ୟ ପ୍ରଶ୍ନ**

ଚିତ୍ର ଦେଖି ତାହା ସଂପର୍କରେ ୫ ଧାଡ଼ି ଲେଖିବା ।

# କାର୍ଯ୍ୟଫର୍ଦ୍ଦ - ୧୨

**ଶିକ୍ଷଣ ଫଳାଫଳ :-**

**ଓଡ଼ିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତିକୁ ଓ ଧ୍ୱନିକୁ ଚିହ୍ନିବ।**

ଯୁକ୍ତାକ୍ଷରକୁ ନେଇ ନିମ୍ନରେ ଦିଆଯାଇଥିବା ଶବ୍ଦ ଭଳି ଆଉ କେତେକ ଶବ୍ଦ ମନରୁ ଲେଖିବା ।

ଙ୍କ-ମାଙ୍କଡ଼ ______ ______ ଙ୍ଖ-ଶଙ୍ଖା, ______ ______

ଙ୍ଗ-ବେଙ୍ଗ ______ ______ ଙ୍ଘ-ସଙ୍ଘ, ______ ______

ମ୍ବ-ଆମ୍ବ, ______ ______ ମ୍ଭ-ଦମ୍ଭ, ______ ______

ନ୍ତ-ଦାନ୍ତ ______ ______ ନ୍ଥ-କାନ୍ଥ, ______ ______

**ଲକ୍ଷ୍ୟ ପ୍ରଶ୍ନ**

**୧. ସଜାଡ଼ି ଲେଖିବା :-**

ସ୍କାମନର    ଙ୍କକଡ଼ା    ଧୀସ୍ୱାତାନ

ର୍ଣ୍ଣରିପୂପ    ସସୀନ୍ନ୍ୟା

ରମନ୍ଦି    ନ୍ତତଗଣ    ଟ୍ସ୍କୁବି

ଡ଼୍ମପା    ବିସଶ୍ୱା

# କାର୍ଯ୍ୟଫର୍ଦ୍ଦ - ୧୩

**ଶିକ୍ଷଣ ଫଳାଫଳ :-**

**ଓଡ଼ିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତି ଓ ଧ୍ୱନିକୁ ଚିହ୍ନିବା।**

**(କ) ଆସ ପଢ଼ିବା :-**

| | | | | |
|---|---|---|---|---|
| ବିପ୍ଳବ | ପୁରସ୍କାର | ପରିଶ୍ରମ | ଲଣ୍ଡନ | ଜହ୍ନ |
| ପ୍ରହ୍ଲାଦ | ବିସ୍କୁଟ୍ | ବକ୍ତବ୍ୟ | ନିଶ୍ଚିନ୍ତ | ରତ୍ନାକର |
| ଉଲ୍ଲାସ | ନମସ୍କାର | ଆହ୍ୱାନ | ବାଲ୍ମିକୀ | ବାଗ୍ମିତା |
| ଦ୍ରୁତଗାମୀ | ସଂଗ୍ରାମୀ | ସାମାନ୍ୟ | ସତର୍କ | ସ୍ୱାଧୀନତା |
| ସନ୍ନ୍ୟାସୀ | ଦୁର୍ଘଟଣା | ଆଶ୍ରୟ | ପରିପକ୍ୱ | ବ୍ରହ୍ମଚାରୀ |

**(ଖ) ସମାନ ଯୁକ୍ତାକ୍ଷର ଥିବା ଶବ୍ଦଗୁଡିକୁ କ ସ୍ତମ୍ଭରୁ ବାଛି ଲେଖିବା ।**

ଯେପରି ସ୍କୁଟର, ବିସ୍କୁଟ୍ ________ ________ ________

ଡେଣ୍ଟା ________ ________ ________ ________

କନ୍ଥା ________ ________ ________ ________

ପରିଷ୍କାର ________ ________ ________ ________

ବଳିଷ୍ଠ ________ ________ ________ ________

ସମଷ୍ଟି ________ ________ ________ ________

# କାର୍ଯ୍ୟଫର୍ଦ୍ଦ - ୧୪

**ଶିକ୍ଷଣ ଫଳାଫଳ :-**

**ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବରକାଗଜ, ଶିଶୁପତ୍ରିକାଆଦି) ପଢ଼ି ବୁଝିବାସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତଦେବ, ଶିକ୍ଷକ ଓ ଅନ୍ୟ ସାହପାଠୀଙ୍କସହ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ/ଲିଖିତ ଭାବରେ ଦେବ।**

**ତଳ ଲିଖିତ ଗପଟି ପଢ଼ ।**

ନଦୀବନ୍ଧ କଡ଼ରେ ଗଣ୍ଡମୁଣ୍ଡା ଗ୍ରାମ । ଶକ୍ତିବାବୁଙ୍କ ପରିବାର ସେହି ଅଞ୍ଚଳରେ ବାସ କରନ୍ତି । ତାଙ୍କ ଝିଅ ନାମ ପଲ୍ଲବୀ ଓ ପୁଅ ନାମ କମ୍ବୁପାଣି । ସେମାନେ ଦୁଃଖୀ ଓ ଦରିଦ୍ରମାନଙ୍କ ସେବା କରିବାପାଇଁ ସବୁବେଳେ ବ୍ୟଗ୍ର ଥିଲେ । କିନ୍ତୁ ତାଙ୍କର ଆର୍ଥିକସ୍ଥିତି ଦୁର୍ବଳ ଥିଲା । ତେଣୁ ସେମାନେ ନିଜ ଘରେ କଣ୍ଢେଇ ତିଆରି ବ୍ୟବସାୟ ଆରମ୍ଭ କଲେ । ତାଙ୍କର ଆନ୍ତରିକ ଉଦ୍ୟମ ଓ ନିଷ୍ଠାପର କର୍ମ ହେତୁ ସବୁ ବାଧାବିଘ୍ନକୁ ସେମାନେ ଏଡ଼ାଇ ଦେଇ ପାରିଲେ । ତାଙ୍କର ଲକ୍ଷ୍ୟ ପୂରଣ ହେଲା । ପଲ୍ଲବୀ ପାଠ ପଢ଼ି ଡାକ୍ତର ହେଲା । ସେ ଦୁଃଖୀ ଓ ଦରିଦ୍ରମାନଙ୍କୁ ମାଗଣା ସେବା ଯୋଗାଇ ଦେବାପାଇଁ ଚିକିତ୍ସାଳୟଟିଏ ଖୋଲିଲା । ଗ୍ରାମବାସୀମାନେ ଖୁସି ହୋଇ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ତା'ର ମଙ୍ଗଳ ମନାସିଲେ ।

**ପ୍ରଶ୍ନ-୧ ଆସ କଥାବାର୍ତ୍ତା ହେବା ଓ ଲେଖିବା ।**

(କ) ଶକ୍ତିବାବୁ କେଉଁଠି ବାସ କରନ୍ତି ? ______________________

(ଖ) ସେ କ'ଣ ପାଇଁ ସବୁବେଳେ ବ୍ୟଗ୍ର ଥିଲେ ? ______________________

(ଗ) ଶକ୍ତି ବାବୁଙ୍କ ଲକ୍ଷ୍ୟ କିପରି ପୂରଣ ହେଲା ? ______________________

______________________________________________

(ଘ) ଗ୍ରାମବାସୀମାନେ କାହିଁକି ପଲ୍ଲବୀର ମଙ୍ଗଳ ମନାସିଲେ ? ______________________

______________________________________________

**ପ୍ରଶ୍ନ-୨ ଖାଲି ସ୍ଥାନ ପୂରଣ କରିବା ।**

(କ) ଗଣ୍ଡମୁଣ୍ଡା ଗ୍ରାମ ______________________ କଡ଼ରେ ଅବସ୍ଥିତ ।

(ଖ) ପଲ୍ଲବୀ ______________________ ବାବୁଙ୍କ ଝିଅ ଅଟେ ।

(ଗ) ପଲ୍ଲବୀ ପାଠ ପଢ଼ି ______________________ ହେଲା ।

(ଘ) ପଲ୍ଲବୀ ଦୁଃଖୀ ଓ ଦରିଦ୍ରମାନଙ୍କୁ ମାଗଣା ସେବା ଯୋଗାଇ ଦେବାପାଇଁ __________ ଖୋଲିଲା ।

**ପ୍ରଶ୍ନ-୩ ଉପର ଗପରୁ ଫଳା ଥିବା ଶବ୍ଦଗୁଡ଼ିକ ବାଛି ତଳେ ଲେଖ ।**

__________ __________ __________

__________ __________ __________

__________ __________ __________

__________ __________ __________

**ପ୍ରଶ୍ନ-୪ ଉପର ଗପରୁ ଯୁକ୍ତାକ୍ଷର ଥିବା ଶବ୍ଦଗୁଡ଼ିକ ବାଛି ତଳେ ଲେଖ ।**

__________ __________ __________

__________ __________ __________

__________ __________ __________

__________ __________ __________

**ଲକ୍ଷ୍ୟ ପ୍ରଶ୍ନ**

**ପଢ଼ିଥିବା ଗପଟିକୁ ନିଜ ଭାଷାରେ ନିଜ ଖାତାରେ ଲେଖିବା ।**

**ଶିକ୍ଷକଙ୍କ ପାଇଁ ସୂଚନା :**

- ଶିକ୍ଷକ ଛୋଟ ଛୋଟ ଦଳରେ, ଆବଶ୍ୟକସ୍ଥଳେ ବ୍ୟକ୍ତିଗତ ଭାବେ କାର୍ଯ୍ୟଫର୍ଦ୍ଦଗୁଡ଼ିକୁ ପରିଚାଳନା କରିବେ । ପ୍ରତ୍ୟେକ ପିଲାର କାର୍ଯ୍ୟକୁ ସୁନିଶ୍ଚିତ କରାଇବେ । କାର୍ଯ୍ୟଫର୍ଦ୍ଦ ସଂଶୋଧନ କରିବେ । ଦଳପତିର ସହାୟତା ନେବେ ।
- ଫଳା, ଯୁକ୍ତାକ୍ଷର ବ୍ୟବହୃତ ଶବ୍ଦକାର୍ଡ଼ ଦଳର ଆବଶ୍ୟକତା ଅନୁଯାୟୀ ବ୍ୟବହାର କରିବେ ।
- ପିଲାମାନେ ଫଳା, ଯୁକ୍ତାକ୍ଷର ବ୍ୟବହୃତ ଶବ୍ଦ ଲେଖିବେ, ଅନୁଚ୍ଛେଦ ଲେଖିବେ, ଅନୁଚ୍ଛେଦରୁ ପ୍ରଶ୍ନ ପ୍ରସ୍ତୁତ କରିବେ । ଦିଆଯାଇଥିବା ଶବ୍ଦକୁ ନେଇ ଗଳ୍ପ ଲେଖିବେ । ବ୍ୟାବହାରିକ ବ୍ୟାକରଣ ଯଥା- ଲିଙ୍ଗ ପରିବର୍ତ୍ତନ, ଯୋଡ଼ିଶବ୍ଦ, ପ୍ରତିଶବ୍ଦ, ବିପରୀତ ଅର୍ଥବୋଧକ ଶବ୍ଦ ଲେଖିବେ ।
- ଏହି ସୂଚନା କାର୍ଯ୍ୟଫର୍ଦ୍ଦ ୧୪, ୧୫, ୧୬, ୧୭, ୧୮, ୧୯, ୨୦ ପାଇଁ ପ୍ରଯୁଜ୍ୟ ।

# କାର୍ଯ୍ୟଫର୍ଦ୍ଦ - ୧୫

**ଶିକ୍ଷଣ ଫଳାଫଳ :-**

**ଭିନ୍ନଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବରକାଗଜ, ଶିଶୁପତ୍ରିକାଆଦି) ପଢ଼ି ବୁଝିବାସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତଦେବ, ଶିକ୍ଷକ ଓ ସାହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର ଲିଖିତ ଓ ମୌଖିକ ଭାବରେ ଦେବ।**

**(କ) ଆସ ପଢ଼ିବା :-**

ଦୀନବନ୍ଧୁ ବଡ଼ ଯତ୍ନରେ ନେଉଳଟିଏ ପାଳିଥିଲା । ବର୍ଷାଦିନେ ନେଉଳଟି ତିନୋଟି ଛୁଆ ଜନ୍ମ କଲା । ନେଉଳଟି ସ୍ନେହରେ ତା' ଛୁଆଗୁଡ଼ିକୁ ଦେଖେ । ଯେମିତି କେହି ବିପଦଆପଦରେ ନ ପଡ଼ୁ, ସେଥିପ୍ରତି ତା'ର ଭାରି ନଜର । ଦୀନବନ୍ଧୁ ନେଉଳର ମର୍ମ କଥା ବୁଝି ମାଆ ଛୁଆ ସମସ୍ତଙ୍କୁ ଶ୍ରଦ୍ଧା କରେ । ନେଉଳପାଇଁ ଦୀନବନ୍ଧୁର ଘର ସତେ ଯେମିତି କି ସ୍ୱର୍ଗପୁର ।

**(ଖ) ଆସ ଅନୁଚ୍ଛେଦରୁ ଉତ୍ତର ଲେଖିବା :-**

(ପ୍ର) ଦୀନବନ୍ଧୁ ନେଉଳଟିକୁ କିପରି ପାଳିଥିଲା ?

ଉ- ______________________________

(ପ୍ର) କେବେ ନେଉଳଟି ଛୁଆ ଜନ୍ମ କଲା ?

ଉ- ______________________________

(ପ୍ର) ନେଉଳ ଛୁଆଗୁଡ଼ିକୁ ନଜରରେ ରଖିଥିଲା କାହିଁକି ?

ଉ- ______________________________

(ପ୍ର) ନେଉଳର ମର୍ମ କଥା ବୁଝି ଦୀନବନ୍ଧୁ କ'ଣ କରେ ?

ଉ- ______________________________

(ପ୍ର) ଦୀନବନ୍ଧୁର ଘର ନେଉଳପାଇଁ ସ୍ୱର୍ଗପୁର ଥିଲା କିପରି ?

ଉ- ______________________________

**(ଗ) ତଳେ ଗଦ୍ୟ ରୂପରେ ଥିବା ଶବ୍ଦ ଗୁଡ଼ିକର ପଦ୍ୟ ରୂପ ଲେଖିବା ଓ ପଢ଼ିବା ।**

| | | | |
|---|---|---|---|
| ଯତ୍ନ | ________ | ପ୍ରାଣ | ________ |
| ବର୍ଷା | ________ | ମର୍ମ | ________ |
| ଜନ୍ମ | ________ | ଶ୍ରଦ୍ଧା | ________ |
| ସ୍ନେହ | ________ | ସ୍ୱର୍ଗ | ________ |

# କାର୍ଯ୍ୟଫର୍ଦ୍ଦ - ୧୬

**ଶିକ୍ଷଣ ଫଳାଫଳ :-**

**ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବରକାଗଜ, ଶିଶୁପତ୍ରିକାଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜମତଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ/ଲିଖିତ ଭାବରେ ଦେବ।**

**(କ) ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼।**

ଅନେକ ଦିନ ତଳର କଥା । ଅଯୋଧ୍ୟାରେ ସୂର୍ଯ୍ୟବଂଶର ରାଜା ଦଶରଥ ଶାସନ କରୁଥିଲେ । ତାଙ୍କର ତିନିରାଣୀ ଓ ଚାରିପୁତ୍ର ଥିଲେ । ଜ୍ୟେଷ୍ଠାରାଣୀ କୌଶଲ୍ୟାଙ୍କ ଠାରୁ ରାମଚନ୍ଦ୍ର, ମଧ୍ୟମା କୈକେୟୀଙ୍କ ଠାରୁ ଭରତ ଓ କନିଷ୍ଠା ସୁମିତ୍ରାଙ୍କ ଠାରୁ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମଲାଭ କରିଥିଲେ । ରାମଚନ୍ଦ୍ର ମିଥିଳାର ରାଜା ଜନକଙ୍କ କନ୍ୟା ସୀତାଙ୍କୁ ସ୍ୱୟମ୍ବରରେ ଶିବଧନୁ ଭଙ୍ଗକରି ବିବାହ କରିଥିଲେ । ଦଶରଥ ବାର୍ଦ୍ଧକ୍ୟ ହେତୁ ରାମଚନ୍ଦ୍ରଙ୍କୁ ରାଜା ରୂପେ ଅଭିଷିକ୍ତ କରିବାକୁ ଚାହୁଁଥିବା ବେଳେ କୈକେୟୀ ଚକ୍ରାନ୍ତ କଲେ । ଭରତଙ୍କୁ ରାଜାକରି ରାମଚନ୍ଦ୍ରଙ୍କୁ ଚଉଦ ବର୍ଷପାଇଁ ବନବାସରେ ପଠାଇବାକୁ ବାଧ୍ୟ କଲେ । ରାମଙ୍କୁ ଯିଏ ଯେତେ ବୁଝାଇଲେ ମଧ୍ୟ ପିତୃସତ୍ୟ ପାଳନ ନିମନ୍ତେ ବନଗମନ କଲେ । ତାଙ୍କ ସହିତ ସହଧର୍ମିଣୀ ଜନକ ନନ୍ଦିନୀ ସୀତା ଓ ଆଜ୍ଞାବହ ଅନୁଜ ଲକ୍ଷ୍ମଣ ମଧ୍ୟ ବନଗମନ କରିଥିଲେ ।

**(ଖ) ଆସ ଅନୁଚ୍ଛେଦକୁ ଆଧାର କରି ତଳ ପ୍ରଶ୍ନ ଗୁଡ଼ିକର ଉତ୍ତର ଲେଖିବା :-**

(୧) ଦଶରଥ କେଉଁ ବଂଶର ରାଜା ?

ଉ-

(୨) ରାମଚନ୍ଦ୍ର କିପରି ସୀତାଙ୍କୁ ବିବାହ କରିଥିଲେ ?

ଉ-

(୩) ଦଶରଥ କାହିଁକି ରାମଚନ୍ଦ୍ରଙ୍କୁ ରାଜା କରିବାକୁ ଚାହୁଁଥିଲେ ?

ଉ-

(୪) ଏହି ଅନୁଚ୍ଛେଦରୁ ଲକ୍ଷ୍ମଣଙ୍କର କେଉଁ ଗୁଣ ଜଣାପଡୁଛି ?

ଉ-

(୫) ରାମଚନ୍ଦ୍ରଙ୍କର କେଉଁ ଭଲ ଗୁଣ ଥିଲା ?

ଉ-

**ଲକ୍ଷ୍ୟ ପ୍ରଶ୍ନ** ମନେ ପକାଇ ଗପଟିକୁ ନିଜ ଭାଷାରେ କୁହ ।

# କାର୍ଯ୍ୟଫର୍ଦ୍ଦ - ୧୭

**ଶିକ୍ଷଣ ଫଳାଫଳ :-**

**ଭିନ୍ନଭିନ୍ନ ପ୍ରକାରର ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦକୁ ବୁଝି ତାହାର ଅର୍ଥ ବାହାର କରିବ। ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସଚେତନ ହୋଇ ଲେଖିବ।**

**୧. (କ) କାର୍ଯ୍ୟଫର୍ଦ୍ଦ ୧୬ ର ଅନୁଚ୍ଛେଦଟିକୁ ପଢ଼ି ନିମ୍ନ ଶବ୍ଦଗୁଡ଼ିକର ଅର୍ଥ ଲେଖ ।**

ଜ୍ୟେଷ୍ଠ -

ମଧ୍ୟମ -

କନିଷ୍ଠ -

କନ୍ୟା -

ହେତୁ -

ଚକ୍ରାନ୍ତ -

ସହଧର୍ମିଣୀ -

ଅନୁଜ -

**(ଖ) ଯେପରି ପଙ୍କଜ,** ସେହିପରି ଶେଷରେ 'ଜ' ଲଗାଇ ପାଞ୍ଚଟି ଶବ୍ଦ ଲେଖିବା ।

---

---

**୨. ଠିକ୍ ଶବ୍ଦ ଚାରିପଟ ଗୋଲ ବୁଲାଇବା :-**

କସଣ, କଶଣ, କଷଣ

ଇଶ୍ୱର, ଈଶ୍ୱର, ଇସ୍ୱର

ଭୂଷଣ, ଭୁଷଣ, ଭୂସଣ

ସୁଶମା, ଶୁସମା, ସୁଷମା

କିର୍ତ୍ତି, କୀର୍ତ୍ତି, କିର୍ତ୍ତୀ

# କାର୍ଯ୍ୟଫର୍ଦ୍ଦ - ୧୮

**ଶିକ୍ଷଣ ଫଳାଫଳ :-**

- ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁପତ୍ରିକା ଆଦି) ପଢ଼ିବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ/ ଲିଖିତ ଭାବରେ ଦେବ।
- ଭଷାର ବ୍ୟାକରଣ ଯେପରି କାରକ, କ୍ରିୟା, କର୍ତ୍ତା ଆଦି ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ।
- ନିଜ ଅନୁଭୂତିରୁ ନିଜ ଶୈଳୀରେ ଲେଖିବ।

ସାରୁ ବୂଦା ମୂଳରେ ବେଙ୍ଗଟିଏ ଖପ୍‌ଖପ୍ କରି ଡେଉଁଥିଲା । ସେହି ବାଟରେ କାଉ ହାଟରୁ ଫେରୁଥିଲା ତାକୁ ଦେଖି ବେଙ୍ଗ ପଚାରିଲା, "ଭାଇ, ତମର ଭଲମନ୍ଦ ଖବର କ'ଣ ?'' କାଉ କହିଲା, "ସବୁ ଠିକ୍‌ଠାକ୍ ଚାଲିଛି । ଆଉ ତୁମ ଖବର କ'ଣ ?'' ବେଙ୍ଗ କହିଲା, "ମୁଁ ବର୍ଷା ଦିନପାଇଁ କିଛି ଖାଦ୍ୟ ସଞ୍ଚୟ କରି ରଖି ଦେଇଛି । ଘର ଛପର ମଧ୍ୟ ସାରି ଦେଇଛି । ଏବେ ଆଉ ଚିନ୍ତା ନାହିଁ ।'' କାଉ କହିଲା, "ଯିଏ ତୁମପରି ବେଳହୁଁ ସାବଧାନ ରହିବ, ସେ ବିପଦ ସମୟରେ ହଇରାଣ ହେବ ନାହିଁ । ସତରେ ତୁମେ ଚାଲାଖ ।'' ସେତିକି ବେଳକୁ ସାପଟି ସର୍‌ସର୍ ହୋଇ ଆସି ସେଠାରେ ପହଞ୍ଚିଲା । ମନ ଦୁଃଖ କରି କହିଲା, "ମୋର ତ ଘରଦ୍ୱାର ନାହିଁ, ମୁଁ କ'ଣ କରିବି ?'' କାଉ ଗୁଣୁଗୁଣୁ ହୋଇ କହିଲା - "ତୁ ଅଳସୁଆ, ତେଣୁ ଦୁଃଖ ପାଇବୁ ।''

**୧. ଅନୁଚ୍ଛେଦଟିକୁ ପଢ଼ି ଆସ ତଳ ଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

(କ) ବେଙ୍ଗଟି କେଉଁଠି ଡେଉଁଥିଲା ? ____________________

(ଖ) କାଉ କେଉଁଠାରୁ ଫେରୁଥିଲା ? ____________________

(ଗ) ବର୍ଷାଦିନ ପାଇଁ ବେଙ୍ଗ କ'ଣ କରିଥିଲା ? ____________________

(ଘ) ବେଳହୁଁ ସାବଧାନ ରହିବା କାହିଁକି ? ____________________

(ଙ) ସାପ ଦୁଃଖ ପାଇବା କଥା କାଉ କାହିଁକି କହିଲା ? ____________________

**୨. ତଳ ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖିବା ।**

ବାଟ ________ ଭଲ ________ ଠିକ୍ ________

ଦିନ ________ ଖାଦ୍ୟ ________ ସଞ୍ଚୟ ________

ଚିନ୍ତା ________ ସାବଧାନ ________ ବିପଦ ________

ସତ ________ ଚାଲାକ ________ ମୂଳ ________

୩. ଗପଟିକୁ ପଢ଼ି ସେଥିରେ ଥିବା ଯୋଡ଼ି ଶବ୍ଦ ଗୁଡ଼ିକ ଲେଖିବା ।

_____________ _____________ _____________ _____________ _____________

_____________ _____________ _____________ _____________ _____________

_____________ _____________ _____________ _____________ _____________

୪. ଗପଟିକୁ ପଢ଼ି ଶୂନ୍ୟସ୍ଥାନ ପୂରଣ କରିବା ।

୧. ସାରୁ ବୁଦା ମୂଳରେ _____________ ଖପ୍‌ଖପ୍ କରି ଡ଼େଉଁଥିଲା ।

୨. ବେଙ୍ଗ କହିଲା, ମୁଁ ବର୍ଷାଦିନ ପାଇଁ କିଛି __________ ____________ କରି ରଖିଦେଇଛି ।

**ଲକ୍ଷ୍ୟ ପ୍ରଶ୍ନ**

- ସନ୍ଧ୍ୟାବେଳେ ଲାଇନ୍ ଚାଲିଗଲେ ତୁମେ କ'ଣ କର, ନିଜ କଥା ତଳେ ଥିବା ଖାଲି ଜାଗାରେ ଲେଖ ।

## କାର୍ଯ୍ୟଫର୍ଦ୍ଦ - ୧୯

**ଶିକ୍ଷଣ ଫଳାଫଳ :-**

**କୌଣସି ବିଷୟରେ ଲେଖାହୋଇଥିବା ଶବ୍ଦଗୁଡ଼ିକମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଏବଂ ଶବ୍ଦକୁ ଉପଯୁକ୍ତ ବ୍ୟବହାର କରି ଲେଖିବ।**
**ଭାଷାର ବ୍ୟାକରଣକୁ ଯେପରି କାରକ, କ୍ରିୟା, କର୍ତ୍ତା ଆଦି ଚିହ୍ନିବ ଏବଂ ସେଥିପ୍ରତି ସଚେତନ ହୋଇ ଲେଖିବ।**

- ଆସ ଅନୁଚ୍ଛେଦଟି ପଢ଼ିବା

ଦ୍ୱାରକା ନଗରୀଠାରୁ କିଛି ଦୂରରେ ଗୋଟିଏ ବଡ଼ ଗ୍ରାମ ଥିଲା । ସେଠାରେ ଅଧିକାଂଶ ସନ୍ଥ ଲୋକ ବାସ କରୁଥିଲେ । ଈଶ୍ୱର ଭକ୍ତି ଦ୍ୱାରା ସେମାନଙ୍କୁ ଶାନ୍ତି ମିଳୁଥିଲା ।

ହଠାତ୍ ସେହି ଗ୍ରାମରେ ବୃଷ୍ଟି ନ ହେବାରୁ ଜମି ଶୁଷ୍କ ହୋଇ ଦୁର୍ଭିକ୍ଷ ପଡିଲା । ଗ୍ରାମବାସୀମାନେ ଘରଛାଡ଼ି ସକୁଟୁମ୍ବେ ଉତ୍କଳ, ବଙ୍ଗ, ବିହାର ଆଦି ସ୍ଥାନକୁ ଚାଲିଗଲେ । ଉତ୍ପଳ ନାମକ ଏକ ଦରିଦ୍ର ବ୍ରାହ୍ମଣ ନିଜ ପୁତ୍ର ଶାନ୍ତନୁକୁ ନେଇ ଦ୍ୱାରକାରେ ପହଞ୍ଚିଲା । ନଗରୀ ସୀମାରେ କୁଟୀର ନିର୍ମାଣ କରି ସେଠାରେ ସେ କୃଷିକୁ ବୃତ୍ତି କରି ଚଳୁଥାଏ ।

ଧୀରେଧୀରେ ପିତା ପୁତ୍ର ସେଠାକାର ସ୍ଥାୟୀ ବାସିନ୍ଦା ହେବାକୁ ଲାଗିଲେ । ବାଳକ ଶାନ୍ତନୁ ଦ୍ୱାରକା ନଗରୀର ବାଳକବାଳିକାଙ୍କ ସହିତ ହସଖୁସିରେ ମାତି ସମୟ ଅତିବାହିତ କରୁଥାଏ ।

**ପ୍ରଶ୍ନ-୧ - ଉପର ଅନୁଚ୍ଛେଦ ଆଧାରରେତଳେ ଦିଆଯାଇଥିବା କୋଠରି ଦୁଇଟିର ସମ୍ପର୍କିତ ଶବ୍ଦକୁ ଯୋଡି ତଳେ ଲେଖିବା ।**

| | |
|---|---|
| କୁଟୀର | ବାସିନ୍ଦା |
| ସନ୍ଥ | ଭକ୍ତି |
| ଈଶ୍ୱର | ସୀମା |
| ଗ୍ରାମ | ଲୋକ |
| ସ୍ଥାୟୀ | ନିର୍ମାଣ |
| ଦ୍ୱାରକା | ନଗରୀ |

________, ________, ________,

________, ________, ________,

________, ________, ________,

________, ________, ________,

**ପ୍ରଶ୍ନ-୨ - ପୂର୍ବ ପୃଷ୍ଠାରେ ଗଢ଼ିଥିବା ଶବ୍ଦ ଗୁଡ଼ିକୁ ନେଇ ବାକ୍ୟ ଲେଖିବା ।**

________________________________________

________________________________________

________________________________________

________________________________________

________________________________________

________________________________________

________________________________________

________________________________________

**ଲକ୍ଷ୍ୟ ପ୍ରଶ୍ନ**

କୋଠରି ଭିତରେ ଥିବା ଶବ୍ଦଗୁଡିକୁ ବ୍ୟବହାର କରି ନିଜ ଖାତାରେ ଗପଟିଏ ଲେଖିବା ।

**ଷଣ୍ଢ, ବେଙ୍ଗ, ସାରୁଗଛ, ଛୁଆ, ଡରିଗଲେ, ପେଟ ଆହୁରି ବଡ, ଫୁଲାଇଲା, ଫାଟିଗଲା**

**୧. ତଳ ଲିଖିତ ବାକ୍ୟ ଗୁଡ଼ିକରେ ଥିବା ରେଖାଙ୍କିତ ଶବ୍ଦ ଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କରି ଲେଖିବା ।**

(କ) <u>ମାତା</u> ପିଲାମାନଙ୍କର ସର୍ବଦା ମଙ୍ଗଳ କାମନା କରନ୍ତି ।

ଉତ୍ତର: ________________________________________

(ଖ) କୁମାର ପୂର୍ଣ୍ଣିମା ରାତିସାରା କୁମାରୀ ମାନେ ବିଭିନ୍ନ ଖେଳରେ ମାତିଥା'ନ୍ତି ।

ଉତ୍ତର: ____________________

(ଗ) ଆଶ୍ରମରେ ଶିଷ୍ୟଗଣ ଗୁରୁଙ୍କ ଠାରୁ ବିଦ୍ୟାଲାଭ କରନ୍ତି ।

ଉତ୍ତର: ____________________

(ଘ) ଜଙ୍ଗଲରେ ବାଘୁଣୀ ଜୀବଜନ୍ତୁଙ୍କୁ ମାରି ଖାଇଲା ।

ଉତ୍ତର: ____________________

(ଙ) ଶ୍ରୀରାମଚନ୍ଦ୍ର ପିତାଙ୍କୁ ଅତ୍ୟଧିକ ଭକ୍ତି କରୁଥିଲେ ।

ଉତ୍ତର: ____________________

# କାର୍ଯ୍ୟଫର୍ଦ୍ଦ - ୨୦

**ଶିକ୍ଷଣ ଫଳାଫଳ :-**

- କୌଣସି ବିଷୟରେ ଲେଖାହୋଇଥିବା ଶବ୍ଦଗୁଡ଼ିକମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଏବଂ ଶବ୍ଦକୁ ଉପଯୁକ୍ତ ବ୍ୟବହାର କରି ଲେଖିବ।
- ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ।
- ଭିନ୍ନଭିନ୍ନ ପ୍ରକାର ପ୍ରବନ୍ଧ/ ସାମଗ୍ରୀକୁ (ଖବରକାଗଜ, ଶିଶୁପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ।
- ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ/ଲିଖିତ ଭାବରେ ଦେବ।

**ପ୍ରଶ୍ନ-୧ କାର୍ଯ୍ୟଫର୍ଦ୍ଦ ୧୫ ର ଅନୁଚ୍ଛେଦକୁ ପଢ଼ି ତଳେ ଥିବା ଖାଲି ସ୍ଥାନ ପୂରଣ କରିବା ।**

(କ) ନଗରୀର ନାମ ____________ ଥିଲା ।

(ଖ) ସେଠାରେ ____________ ଲୋକ ବାସ କରୁଥିଲେ ।

(ଗ) ଈଶ୍ୱର ଭକ୍ତିଦ୍ୱାରା ସେମାନଙ୍କୁ ____________ ମିଳୁଥିଲା ।

(ଘ) ହଠାତ୍ ____________ ନହେବାରୁ ଜମି ଶୁଷ୍କ ହୋଇଗଲା ।

(ଙ) ବ୍ରାହ୍ମଣ ନିଜ ପୁତ୍ର ____________ କୁ ନେଇ ଦ୍ୱାରକାରେ ପହଞ୍ଚିଲା ।

**ପ୍ରଶ୍ନ-୨ 'ଧୀରେଧୀରେ' ପରି କେତୋଟି ଯୋଡ଼ିଶବ୍ଦ ଲେଖିବା ।**

____________ ____________ ____________

____________ ____________ ____________

**ପ୍ରଶ୍ନ-୩ ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକ ପଢ଼ି ପ୍ରଶ୍ନ ପ୍ରସ୍ତୁତ କରିବା ।**

କ. ଦ୍ୱାରକା ନଗରୀ ଠାରୁ କିଛି ଦୂରରେ ଗୋଟିଏ ବଡ଼ ଗ୍ରାମ ଥିଲା ।

________________________________

ଖ. ସେହି ଗ୍ରାମରେ ବୃଷ୍ଟି ନହେବାରୁ ଜମି ଶୁଷ୍କ ହୋଇ ଦୁର୍ଭିକ୍ଷ ପଡ଼ିଲା ।

________________________________

ଗ. ଗ୍ରାମବାସୀମାନେ ଘର ଛାଡ଼ି ଚାଲିଗଲେ ।

______________________________

ଘ. ଉତ୍ପଳ ନାମକ ଏକ ଦରିଦ୍ର ବ୍ରାହ୍ମଣ ନିଜ ପୁତ୍ର ଶାନ୍ତନୁକୁ ନେଇ ଦ୍ୱାରକାରେ ପହଞ୍ଚିଲା ।

______________________________

ଙ. ନଗରୀ ସୀମାରେ କୁଟୀର ନିର୍ମାଣ କରି ସେଠାରେ ସେ କୃଷିକୁ ବୃତ୍ତି କରି ଚଳୁଥାଏ ।

______________________________

**୧. 'କ' ସ୍ତମ୍ଭର ଶବ୍ଦ ସହିତ ସମାନଅର୍ଥ ବୁଝାଉଥିବା 'ଖ' ସ୍ତମ୍ଭର ଶବ୍ଦକୁ ଗାରଟାଣି ଯୋଡିବା :-**

**ଲକ୍ଷ୍ୟ ପ୍ରଶ୍ନ**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ରଜନୀ | ବର୍ଷା |
| ଶୁଷ୍କ | ଆଖି |
| ବୃଷ୍ଟି | ପକ୍ଷୀ |
| ନୟନ | ଆକାଶ |
| କୁଟୀର | ଶୁଖିଲା |
| ନଭ | ରାତି |
| ବିହଙ୍ଗମ | କୁଡ଼ିଆ |
| | ତାରା |

# କାର୍ଯ୍ୟଫର୍ଦ୍ଦ - ୨୧

## ପ୍ରଥମ ଗଠନମୂଳକ ଆକଳନ

ପୂର୍ଣ୍ଣସଂଖ୍ୟା - ୨୦

(୪)

**ପ୍ରଶ୍ନ ୧- ତଳ ଅନୁଚ୍ଛେଦଟିକୁ ପଢ଼ି ଠିକ୍ ଉତ୍ତର ପାଖରେ ଠିକ୍ (✓) ଚିହ୍ନ ଦିଅ।**

ଅଯୋଧ୍ୟାରେ ଦଶରଥ ନାମରେ ଜଣେ ରାଜା ଥିଲେ । ସେ ତାଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀରାମଚନ୍ଦ୍ରଙ୍କୁ ଅଧିକ ସ୍ନେହ କରୁଥିଲେ। ଶ୍ରୀରାମଚନ୍ଦ୍ର ମଧ୍ୟ ପିତାଙ୍କୁ ଅତ୍ୟଧିକ ଭକ୍ତି କରୁଥିଲେ। ବାଲ୍ୟକାଳରେ ସେ ବିଦ୍ୟାଅଧ୍ୟୟନପାଇଁ ଗୁରୁଆଶ୍ରମକୁ ଗମନ କରିଥିଲେ। ସେଠାରେ ସେ ଅନ୍ୟ ଶିଷ୍ୟଗଣଙ୍କସହ ବିଦ୍ୟାଲାଭ କରିଥିଲେ।

କ) ଦଶରଥ କେଉଁ ରାଜ୍ୟର ରାଜା ଥିଲେ ?

(i) ଅଯୋଧ୍ୟା (ii) ମଗଧ

(iii) ଭୁବନେଶ୍ୱର (iv) କଳିଙ୍ଗ

ଖ) ଶ୍ରୀରାମଚନ୍ଦ୍ର ଗୁରୁଆଶ୍ରମକୁ ଯାଇଥିଲେ କାହିଁକି ?

(i) ଭୋଜନ କରିବାପାଇଁ

(ii) ଜଙ୍ଗଲ ବୁଲିବାପାଇଁ

(iii) ଅଧ୍ୟୟନ କରିପାଇଁ

(iv) ଦର୍ଶନ କରିବାପାଇଁ

**ପ୍ରଶ୍ନ - ୨- ଅସଜଡ଼ା ଅକ୍ଷରକୁ ସଜାଡ଼ି ଠିକ୍ ଶବ୍ଦ ପାଖେ ଠିକ୍ ଚିହ୍ନ ଦିଅ।**

(କ) ଶ୍ୱା/ନିଃ/ସ

(i) ସନିଃଶ୍ୱା (ii) ନିଃଶ୍ୱାସ

(iii) ସଶ୍ୱାନିଃ (iv) ନିଃସଶ୍ୱା

(ଖ) ର/ଙ୍ଗା/ଅ

(i) ଙ୍ଗାଅର (ii) ଙ୍ଗାରଅ

(iii) ରଅଙ୍ଗା (iv) ଅଙ୍ଗାର

**ପ୍ରଶ୍ନ - ୩- ଠିକ୍ ଶବ୍ଦ ପାଖେ ✔ ଚିହ୍ନ ଦିଅ।**

(କ) ବିଲୂଆ, ବଲୁଆ, ବିଲୁଆ, ବୀଲୁଆ

(ଖ) ଭୂବନେଶ୍ୱର, ଭୁବନେସ୍ୱର, ଭୁବନେଶ୍ୱର, ଭୂବନେଶୋର।

**ପ୍ରଶ୍ନ - ୪- ତଳ ଲିଖିତ ଶବ୍ଦ ସହ ସଂପର୍କିତ ଶବ୍ଦ ପାଖରେ ✔ ଚିହ୍ନ ଦିଅ।**

(କ) ସୁସ୍ୱାଦୁ

(i) କର୍ମ (ii) ଫଳ (iii) ବାଙ୍କୀ (iv) ଲୋକ

(କ) ଉଜ୍ଜ୍ୱଳ

(i) ଅନ୍ଧାର (ii) ପ୍ରାଣ (iii) ଆଲୋକ (iv) ବୃକ୍ଷ

**ପ୍ରଶ୍ନ - ୫- ଠିକ୍ ଗଦ୍ୟ ବା ପଦ୍ୟ ରୂପ ପାଖରେ ✔ ଚିହ୍ନ ଦିଅ।**

(କ) ସେନେହ

(i) ଶ୍ନେହ (ii) ସିନିହ (iii) ସ୍ନେହ (iv) ଶ୍ରଦ୍ଧା

(କ) ଯତ୍ନ--

(i) ଜତନ (ii) ଯତେନ (iii) ଯେତେନ (iv) ଯତନ

**ପ୍ରଶ୍ନ - ୬- ତଳଲିଖିତ ଶବ୍ଦଗୁଡିକୁ ପଢ଼ି ଭିନ୍ନଶବ୍ଦ ପାଖରେ ✔ ଚିହ୍ନ ଦିଅ।**

(କ) ପଙ୍କଜ, ଅଗ୍ରଜ, ଦେଶଜ, ଭାଉଜ

(ଖ) ପଠିତ, ରକତ, ପାଳିତ, ପୂଜିତ

**ପ୍ରଶ୍ନ - ୭- କେଉଁଟି ସମାର୍ଥ ବୋଧକ ଶବ୍ଦ ନୁହେଁ ?**

(କ) ପକ୍ଷୀ-

(i) ବିହଙ୍ଗ (ii) ଖଗ

(iii) ଖେଚର (iv) ଦ୍ୱିଜ

(ଖ) ରାତ୍ରୀ---

(i) ରଜନୀ (ii) ତଟିନୀ

(iii) ନିଶା (iv) ଯାମିନୀ

**ପ୍ରଶ୍ନ ୮ - ବିପରୀତ ଅର୍ଥ ବୋଧକ ଶବ୍ଦ ପାଖରେ ✔ ଚିହ୍ନ ଦିଅ ।** (୨)

(କ) ବାଟ-

(i) କବାଟ (ii) ସୁବାଟ (iii) ଅବାଟ (iv) ନବାଟ

(ଖ) ରୋଗୀ-

(i) ନିରୋଗୀ (ii) ଅରୋଗ (iii) ନିରୋଗ (iv) ବିରାଗ

**ପ୍ରଶ୍ନ ୯ - ଯେପରି 'ଚାକର'ରୁ 'ଚାକରାଣୀ' ।** (୨)

(କ) ଡାକ୍ତରରୁ -

(i) ନର୍ସ (ii) ନର୍ସିଆଣୀ (iii) ସେବିକା (iv) ଡାକ୍ତରାଣୀ

(ଖ) 'ଜନକ' ରୁ-

(i) ଭଗିନୀ (ii) ଗୃହିଣୀ (iii) ଜନନୀ (iv) ସଜନୀ

# କାର୍ଯ୍ୟଫର୍ଦ୍ଦ - ୨୨

**ଶିକ୍ଷଣ ଫଳାଫଳ :-**

- ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସେଚେତନ ହୋଇ ଲେଖିବ।
- ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜ ଭାଷା ତିଆରି କରିବ ଏବଂ ଏହାକୁ ବ୍ୟବହାର କରିବ।
- କମା, ପ୍ରଶ୍ନବାଚୀ ଚିହ୍ନ, ଉଦ୍ଧୃତ ଚିହ୍ନକୁ ଠିକଭାବରେ ବ୍ୟବହାର କରିବ।
- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ।

ଅଜା କହିଲେ, "ଶୁଣ ପିଲାଏ, ଆମ ଏ ନଈକୂଳିଆ ଗାଁ'ଟିର ମାଟି ଆଗେ ଉର୍ବର ଥିଲା । ମଞ୍ଜିଟାଏ କି ଚାରାଟାଏ ପୋତିଦେଲେ ମନକୁ ମନ କାହିଁରେ କ'ଣ ବଢ଼ିଯାଉଥିଲା । କିଛି ବର୍ଷ ତଳେ ଏ ଅଞ୍ଚଳରେ ଗୋଟିଏ ବଡ଼ ଧରଣର ବାତ୍ୟା ହେଲା । ବାତ୍ୟାରେ ଲୋକମାନଙ୍କର ଘରଦ୍ୱାର ଯାହା ତ ଭାଙ୍ଗିଲା, ତା' ସହିତ ଅଧାରୁ ଅଧିକ ବଡ଼ବଡ଼ ଗଛସବୁ ଉପୁଡି ପଡିଲା । ବାତ୍ୟା ପରେ କ୍ଷେତବାଡ଼ିରେ ପୋକ ଭର୍ତ୍ତି ହୋଇଗଲେ । ପୋକଙ୍କ ଦାଉରୁ ଫସଲ ରକ୍ଷା କରିବାପାଇଁ ଚାଷୀମାନେ ମନଇଚ୍ଛା ପୋକମରା ବିଷ ପକାଇଲେ ।''

ବାପୁ କହିଲା, "ସେଗୁଡ଼ାକ ପୋକମରା ଔଷଧ, ତାକୁ ଆପଣ ବିଷ ବୋଲି କାହିଁକି କହୁଛନ୍ତି ?'' ଅଜା ଟିକିଏ ହସିଲେ । କହିଲେ, "ସେ ପ୍ରକୃତରେ ଔଷଧ ନୁହେଁ, ଖାଣ୍ଟି ବିଷ । କେବଳ ପୋକ କାହିଁକି ସେଥିରେ କାଉ, ଚିଲ, ବଗ ଭଳି ପକ୍ଷୀଙ୍କ ସହିତ ଗୋରୁଗାଈ, ଛେଳିମେଣ୍ଢା ଏପରିକି ମଣିଷ ମଧ୍ୟ ମରିଯିବେ ।''

**ପ୍ରଶ୍ନ-୧ ଯେପରି - ନଈକୂଳରୁ - ନଈକୂଳିଆ ହୋଇଛି, ସେହିପରି ତଳ ଶବ୍ଦଗୁଡ଼ିକ କ'ଣ ହେବ ତଳେ ଲେଖିବା ।**

ଜଙ୍ଗଲ :- ____________________

ପାହାଡ :- ____________________

ବଣ :- ____________________

ଘର :- ____________________

**ପ୍ରଶ୍ନ-୨** ଉପରେ ଦିଆଯାଇଥିବା ଅନୁଚ୍ଛେଦରୁ କେତେଗୁଡ଼ିଏ ଯୋଡ଼ିଶବ୍ଦ ତଳେ ଦିଆଯାଇଛି । ତାକୁ ନେଇ ଗୋଟିଏ ଲେଖାଏଁ ବାକ୍ୟ ଲେଖିବା ।

ଘରଦ୍ୱାର :- ______________________________

କ୍ଷେତବାଡ଼ି :- ______________________________

ଗୋରୁଗାଇ :- ______________________________

**ପ୍ରଶ୍ନ-୩** ଅନୁଚ୍ଛେଦରେ ବ୍ୟବହାର ହୋଇଥିବା ଚିହ୍ନକୁ ଲକ୍ଷ୍ୟ କରି ତଳ ବାକ୍ୟଗୁଡ଼ିକରେ ଚିହ୍ନ ଦେବା ।

କ. ଏ ବର୍ଷ ଅତ୍ୟଧିକ ଖରା ହେବାର ଆଶଙ୍କା କରାଯାଇଛି

ଖ. ଲିପି କହିଲା ମୁଁ ଆଜି ମାମୁ ଘରକୁ ଯିବି ।

ଗ. ତୁମେ ଘରକୁ ଯିବ କି

**ଲକ୍ଷ୍ୟ ପ୍ରଶ୍ନ**

- ନଈବଢ଼ି ବିଷୟରେ ବର୍ଣ୍ଣନା କରି ନିଜ ଖାତାରେ ଲେଖିବା ।

**ଶିକ୍ଷକଙ୍କ ପାଇଁ ସୂଚନା :**

- ଶିକ୍ଷକ କାର୍ଯ୍ୟଫର୍ଦ୍ଦ ଆଧାରରେ ଅଧିକାଂଶ କାର୍ଯ୍ୟଫର୍ଦ୍ଦକୁ ବ୍ୟକ୍ତିଗତ ପରିଚାଳନା କରିବେ । ପ୍ରତି ପିଲାର କାର୍ଯ୍ୟକୁ ଦୃଷ୍ଟି ଦେବେ । ସଂଶୋଧନ କାର୍ଯ୍ୟକୁ ସୁନିଶ୍ଚିତ କରାଇବେ ।
- ଶ୍ରୁତଲିଖନ ପାଇଁ ଅନୁଚ୍ଛେଦ କାର୍ଡ଼ ଅଧାଲେଖା ଗପକାର୍ଡ ବ୍ୟବହାର କରିବେ ।
- ପିଲାମାନେ ଶ୍ରୁତଲିଖନ ଲେଖିବେ, ଅଧାଗପକୁ ପୂରା କରିବେ, ପଦ୍ୟ ଆବୃତ୍ତି କରିବେ । ପଦ୍ୟ ରୂପର ଗଦ୍ୟରୂପ ଲେଖିବେ, କ୍ରିୟା, ପ୍ରତ୍ୟୟ ଯୋଗକରି ଶବ୍ଦ ଗଢ଼ିବେ, ପଦପାତ ଶବ୍ଦ ଓ ବିପରୀତ ଅର୍ଥବୋଧକ ଶବ୍ଦ ଲେଖିବେ ।
- ଏହି ସୂଚନା କାର୍ଯ୍ୟଫର୍ଦ୍ଦ ୨୨, ୨୩, ୨୪, ୨୫ ଓ ୨୬ ପାଇଁ ପ୍ରଯୁଜ୍ୟ ।

# କାର୍ଯ୍ୟଫର୍ଦ୍ଦ - ୨୩

**ଶିକ୍ଷଣ ଫଳାଫଳ :-**

- ଗପ କବିତା କିମ୍ବା ଅନ୍ୟ ସାମଗ୍ରୀକୁ ନିଜ ଶୈଳୀରେ ନିଜ ଭାଷାରେ କହିବା ସହିତ ସେଥିରେ ନିଜ ଗପକୁ ମଧ୍ୟ ଯୋଡିବେ।
- ଗପ କଅଣ କିମ୍ବା ଅନ୍ୟ ସାମଗ୍ରୀକୁ ବୁଝିବ ଓ ସେଥିରେ ନିଜଗପ ଓ କଥାକୁ ଯୋଡ଼ିବ।

(କ) ଗପଟିକୁ ପଢ଼ିବା

ମାଙ୍କଡ଼ଟିଏ ଗଛ ଉପରେ ବସିଥିଲା । ତା'ର ଲାଞ୍ଜ ବହୁତ ଲମ୍ବା ଥିଲା । ତାହା ଏତେ ଲମ୍ବା ଥିଲା ଯେ, ଭୂମି ପର୍ଯ୍ୟନ୍ତ ଲମ୍ବି ଯାଇଥିଲା । ଏକ ଗୁଣ୍ଡୁଚି ମୂଷା ଭୂମି ଉପରେ ଡିଆଁ ମାରୁଥିଲା । ହଠାତ୍ ସେ ଲାଞ୍ଜଟିକୁ ଦେଖିଲା । ଗୁଣ୍ଡୁଚି ଭାବିଲା, "ଏ ଦୋଳି କେଉଁଠୁ ଆସିଲା ? କିଛି ସମୟ ପୂର୍ବରୁ ତ ନଥିଲା ।'' ଗୁଣ୍ଡୁଚି ମୂଷାଟି ସେହି ଲାଞ୍ଜ ଧରି ଝୁଲିବାକୁ ଲାଗିଲା । ମାଙ୍କଡକୁ କୁତୁକୁତୁ ଲାଗିଲା, ସେ ତଳକୁ ଚାହିଁଲା । ମାଙ୍କଡ କହିଲା, "ଗୁଣ୍ଡୁଚି ଭାଇ । କ'ଣ କରୁଛୁ ଯେ, ମୋତେ କୁତୁକୁତୁ ଲାଗୁଛି ?'' ଗୁଣ୍ଡୁଚି କହିଲା, "ମାଙ୍କଡ଼ ଭାଇ ! ମୁଁ ତ ତୋର ଲାଞ୍ଜକୁ ଦୋଳି ଭାବି ଝୁଲୁଥିଲି, ବହୁତ ମଜା ଲାଗୁଥିଲା ।'' ଗୁଣ୍ଡୁଚି ଭାବିଲା ତାକୁ ସବୁଦିନେ ଏମିତିକା ଦୋଳି ମିଳନ୍ତା କି ? ବହୁତ ମଜା ଲାଗନ୍ତା । ଏହା ଭାବି ସେ ହସିଦେଇ ଗଛର ଡାଳକୁ ଚଢ଼ିଗଲା ।

(ଖ) ଗପଟିର ସାରାଂଶ ଲେଖିବା ।

(ଗ) **ଶ୍ରୁତଲିଖନ : ଶିକ୍ଷକ ମାତ୍ରା, ଫଳା ଓ ଯୁକ୍ତାକ୍ଷର ବିଶିଷ୍ଟ ଶବ୍ଦଥିବା ପାଞ୍ଚଟି ବାକ୍ୟ ଶ୍ରୁତଲିଖନ ଡାକିବେ ।**

**ଲକ୍ଷ୍ୟ ପ୍ରଶ୍ନ**

ଗପଟିକୁ ଆଗେଇ ନେବା ।

ଦିନେ କୁକୁରଟିଏ ରାସ୍ତାରେ ଯାଉଯାଉ ମାଂସ ଖଣ୍ଡେ ପାଇଲା । ତାକୁ ଧରି ନଈକୂଳ ପୋଲ ଉପରେ ଧାଇଁଲା । ପୋଲ ଉପରୁ .................................. ।

# କାର୍ଯ୍ୟଫର୍ଦ୍ଦ - ୨୪

**ଶିକ୍ଷଣ ଫଳାଫଳ :-**

- ଓଡିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତି ଓ ଧ୍ୱନିକୁ ଚିହ୍ନିବ।
- ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବରକାଗଜ, ଶିଶୁ ପତ୍ରିକା ଆଦି) ପଢ଼ିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ ଦେବ) ।
- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ।

**ଗପଟିକୁ ପଢ଼ିବା**

ଦିନେ ବାପା ବଜାରରୁ ସୁନ୍ଦର ପକ୍ଷୀଟିଏ ଘରକୁ କିଣି ଆଣିଲେ । ତାକୁ ଦେଖି ଅଞ୍ଜଳି ଭାରି ଖୁସି ହେଲା । ତା'ର ଯତ୍ନ ନେଲା । କିନ୍ତୁ ପକ୍ଷୀଟି ସବୁବେଳେ ମୁକ୍ତି ଚାହୁଁଥିଲା । ଥରେ ସମସ୍ତେ ଏକାଠି ଖାଉଥିବା ସମୟରେ ସୁଯୋଗ ଉଣ୍ଡି ସେ ନିଜ ମନ କଥା ଖୋଲି କହିଲା । ମାତ୍ର ତାକୁ ଛାଡ଼ିବାକୁ କେହି ରାଜି ହେଲେ ନାହିଁ । ପକ୍ଷୀଟି ସେହି ଦିନଠାରୁ ମନ ଦୁଃଖରେ ରହିଲା । ଅଞ୍ଜଳି ଏ କଥା ବୁଝିପାରିଲା । ଦିନେ ବାପା ନଥିବା ସମୟରେ ସେ ପକ୍ଷୀଟିକୁ ପଞ୍ଜୁରି ବାହାରକୁ ଛାଡ଼ିଦେଲା । ବାପା ଘରକୁ ଫେରି ଝିଅର କାମରେ ବିରକ୍ତି ପ୍ରକାଶ କଲେ । ତା'ପର ଦିନ ବାପା ଦେଖିଲେ, ପକ୍ଷୀଟି ଆସି ଝିଅ ଶୋଇଥିବା ଝରକା ପାଖରେ ବସିଛି ଏବଂ କହୁଛି, "ମୋତେ ଆଉ ପଞ୍ଜୁରିରେ ରଖନାହିଁ । ଆପଣଙ୍କ ଝିଅ ସହିତ ମୋର ଯେଉଁ ସ୍ନେହର ବନ୍ଧନ ହୋଇଯାଇଛି, ତାକୁ ମୁଁ ଭୁଲି ପାରିବି ନାହିଁ । ତେଣୁ ପ୍ରତିଦିନ ତାକୁ ଦେଖା କରିବାକୁ ଏଠାକୁ ଆସିବି ।" ବାପା ଓ ଅଞ୍ଜଳି ଖୁସି ହୋଇ ପକ୍ଷୀଟିକୁ ଆଉଁସି ଦେଲେ ।

**ତଳ ଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

**ପ୍ରଶ୍ନ-୧ 'ଅଞ୍ଜଳି', 'ପଞ୍ଜୁରି', ପରି ଆଉ ଶବ୍ଦ ଲେଖିବା ।**

______________, ______________, ______________, ______________

**ପ୍ରଶ୍ନ-୨ ଗପଟିକୁ ପଢ଼ି ଉତ୍ତର ଲେଖିବା ।**

କ. ଅଞ୍ଜଳି କାହାକୁ ଦେଖି ଖୁସି ହେଲା ?

ଖ. ପକ୍ଷୀଟି କ'ଣ ଚାହୁଁଥିଲା ?

ଗ. ଝରକା ପାଖରେ ବସି ପକ୍ଷୀଟି କ'ଣ କହିଲା ?

ଘ. ପକ୍ଷୀଟି ମନ ଦୁଃଖରେ କାହିଁକି ଥିଲା ?

**ଲକ୍ଷ୍ୟ ପ୍ରଶ୍ନ**

**୩. ତଳ ଲିଖିତ ଶବ୍ଦ ଗୁଡ଼ିକର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ ଲେଖିବା :-**

ଦିବା - ____________ ସନ୍ତୁଷ୍ଟ ____________

ଲାଭ - ____________ ଜୟ ____________

ହିତ - ____________ ପ୍ରାଚୀନ ____________

କ୍ଷୁଦ୍ର - ____________ ଜ୍ୟେଷ୍ଠ ____________

ଉନ୍ନତି - ____________ ସମ୍ପତ୍ତି ____________

ସୁଯୋଗ - ____________

## କାର୍ଯ୍ୟଫର୍ଦ୍ଦ - ୨୫

**ଶିକ୍ଷଣ ଫଳାଫଳ :-**

- ଓଡିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତି ଓ ଧ୍ୱନୀକୁ ଚିହ୍ନିବ।
- ଭିନ୍ନ ଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ, ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ ।

ଗୀତଟିକୁ ପଢ଼ିବା ।

ହନୁମାଙ୍କଡ଼ ହଲାଇ ଲାଞ୍ଜ
ଡାଳରୁ ଡାଳ ଡିଏଁ
ପିଜୁଳି ଖାଇ ଖଞ୍ଜାରେ ଶୁଆ
ମନ ଖୁସିରେ ଗାଏ ।

ଭଞ୍ଜାଙ୍କ ଝିଅ ଚଉରା ମୂଳେ
ଜାଳଇ ସଞ୍ଜବତି
ଗଧିଆ ଭାଇ ବଜାଏ ବେଞ୍ଜୁ
ହନୁ ଗୀତରେ ମାତି ।

ଆଇଲା ହନୁ ଖୁସିରେ ଦିନେ
ଭଞ୍ଜାବାବୁଙ୍କ ଘରେ
କଦଳୀ ପୁଞ୍ଜେ ଧରିଲା ଖଞ୍ଜେ
ପକାଇଦେଲା ଦୂରେ ।

**ପ୍ରଶ୍ନ-୧ ତଳ ଲିଖିତ ଶବ୍ଦଗୁଡିକ ପଢ଼ିବା ଏବଂ ଲେଖିବା ।**

ଇଞ୍ଜିନ୍, ଖଞ୍ଜଣି, ପଞ୍ଜୁରି, ସିମ୍ପାଞ୍ଜି, ସଞ୍ଜୀବନୀ

__________, __________, __________, __________, __________,

**ପ୍ରଶ୍ନ-୨ ଅସଜଡା ଶବ୍ଦକୁ ସଜାଇ ଲେଖିବା ।**

ଳାଞ୍ଜୁଆ, ରନଞ୍ଜ, ଞ୍ଜନଭ, ଅନଞ୍ଜ

__________, __________, __________, __________, __________,

**ପ୍ରଶ୍ନ-୩ ଉତ୍ତର କହିବା ଓ ଲେଖିବା ।**

(କ) କବିତାରେ କିଏ ଡିଆଁଡେଇଁ କରି ଖେଳୁଛି ?

ଉତ୍ତର: ____________________

(ଖ) ହନୁର ଗୀତ ସୁରରେ କିଏ ବେଞ୍ଜୁ ବଜାଉଛି ?

ଉତ୍ତର: ____________________

(ଗ) ଭଞ୍ଜଙ୍କ ଝିଅ ସନ୍ଧ୍ୟାରେ କ'ଣ କରେ ?

ଉତ୍ତର: ____________________

(ଘ) ଶେଷ ପଦରେ ହନୁର କାମ ତମକୁ କେମିତି ଲାଗିଲା ?

ଉତ୍ତର: ____________________

**ପ୍ରଶ୍ନ-୪ ପଦ ପଡୁଥିବା ଶବ୍ଦ କବିତାରୁ ବାହାର କରିବା ।**

ଯେମିତି କି = ଡିଏଁ - ଗାଏ

ସେମିତି - ବତି -

ଘର -

ପୁଞ୍ଜେ -

**ଲକ୍ଷ୍ୟ ପ୍ରଶ୍ନ**

**ପଢ଼ିବା ଓ ଲେଖିବା ।**

- କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଶାର ଜଣେ ସ୍ୱନାମଧନ୍ୟ କବି । ସେ ବୈଦେହୀଶ ବିଳାସ ଓ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟ ରଚନା କରି କାଳଜୟୀ ହୋଇପାରିଛନ୍ତି ।

**ଲକ୍ଷ୍ୟ ପ୍ରଶ୍ନ**

**ଏକାଭଳି ଶୁଭୁଥିବା ଶବ୍ଦ ଲେଖିବା ।**

| | | | | | |
|---|---|---|---|---|---|
| ଯେପରି - | ଦେଶ | ତାଳି | ବସା | ଛତା | ଖଞ୍ଜି |
| | ବେଶ | ________ | ________ | ________ | ________ |

# କାର୍ଯ୍ୟଫର୍ଦ୍ଦ - ୨୬

**ଶିକ୍ଷଣ ଫଳାଫଳ :-**

- ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜାନେବ ଯେପରି ଚକା ଚକା ଭଉଁରୀ, ମାମୁଁଘର ଚଉଁରୀ.........
- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଏବଂ ସେଥିପ୍ରତି ସଚେତନ ହୋଇ ଲେଖିବ ।

**ଗୀତଟିକୁ ଗାଇବା ।**

ମାଙ୍କଡ ଡେଉଁଛି ଡାଳରୁ ଡାଳ
ଶଙ୍ଖୀ ବିଲେଇ ଯେ ମୂଷାଙ୍କୁ କାଳ ।

ବନରେ ଚାଲିଛି ରାଜନ ଖୋଜା
ଲମ୍ଫ ଦେଇ ଧାଏଁ ବାନର ରାଜା ।

କେତେ ଫୁଲ ନେଇ ହୋଇଛି ଗୁଚ୍ଛା
ମହୁଲ ଫୁଲ ସେ ପେଚ୍ଛାକୁ ପେଚ୍ଛା ।

କୋଇଲି କଣ୍ଠରେ କୁହୁ...କୁ ସ୍ୱର
ଶୁଆ ମୁହେଁ ନାଲି ଥଣ୍ଟ ସୁନ୍ଦର ।

ବଣ ହସେ ଜୀବଜନ୍ତୁଙ୍କୁ ନେଇ
ଗଛ ବଢୁଥାଏ ଆକାଶ ଛୁଇଁ ।

**ପ୍ରଶ୍ନ-୧ ପାଦ ପୂରଣ କରିବା ।**

ମାଙ୍କଡ଼ ଡେଉଁଛି ଡାଳରୁ ଡାଳ ______________________ ।

କେତେ ଫୁଲ ନେଇ ହୋଇଛି ଗୁଚ୍ଛା ______________________ ।

ବଣ ହସେ ଜୀବଜନ୍ତୁଙ୍କୁ ନେଇ ______________________ ।

**ପ୍ରଶ୍ନ-୨ 'ରାଜା' ସହ 'ଖୋଜା' ଶବ୍ଦର ଶେଷ ଅକ୍ଷର ମିଳିଗଲା ପରି ତଳ ଲିଖିତ ଶବ୍ଦ ପାଇଁ ନୂଆ ଶବ୍ଦ ଲେଖିବା ।**

ଗୁଚ୍ଛା - ________

ଡାଳ - ________

ନେଇ - ________

**ତଳ ଲିଖିତ ଶବ୍ଦ ଗୁଡ଼ିକର ଗଦ୍ୟ ରୂପ ଲେଖିବା :-**

କୀରତି -

ପୂରୁବ -

ହରଷ -

ବରଷା -

କଉତୁକ -

ମୁକତି -

ସୂରୁଜ -

ଗଉରବ

ଜନମ -

ଭକତି -

# କାର୍ଯ୍ୟଫର୍ଦ୍ଦ - ୨୭

**ଶିକ୍ଷଣ ଫଳାଫଳ :-**

- ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ, ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ ।

**ଅନୁଚ୍ଛେଦଟି ପଢ଼ିବା ଓ ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବା ।**

ଶାଳଗଛଟି ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲା- "ମୋ' କଥା ଏବେ ଶୁଣ । ମୋର ଭାଇ ବନ୍ଧୁଙ୍କୁ ନେଇ ବଣ ଜଙ୍ଗଲ । ବନଭୂଇଁ ହେଉଛି ଜୀବଜନ୍ତୁଙ୍କ ଆବାସ ସ୍ଥଳ । ମଣିଷ ଏବେ ତା'ର ଘରଦ୍ୱାର ଓ ଆସବାବପତ୍ରପାଇଁ ଅବାଧରେ ଗଛ କାଟି ଜଙ୍ଗଲ ସଫା କରି ଚାଲିଛି । ଅନ୍ୟର ଘର ଉଜାଡ଼ି ନିଜ ଘର ସଜାଡୁଛି । ହେଲେ ଏହାଦ୍ୱାରା ସେ ତା'ର ଧ୍ୱଂସକୁ ଆମନ୍ତ୍ରଣ କରିବା କଥା ବୁଝିପାରୁନାହିଁ ।''

**ଉତ୍ତର ଲେଖିବା:-**

ପ୍ରଶ୍ନ-୧ ଶାଳଗଛଟି କ'ଣ କହିଲା ?

______________________________

ପ୍ରଶ୍ନ-୨ ମଣିଷ କାହିଁକି ଗଛ କାଟି ଦେଉଛି ?

______________________________

ପ୍ରଶ୍ନ-୩ ମଣିଷ କିପରି ଧ୍ୱଂସକୁ ଆମନ୍ତ୍ରଣ କରୁଛି ?

______________________________

ପ୍ରଶ୍ନ-୪ 'ଅନ୍ୟର ଘର ଉଜାଡ଼ି ନିଜ ଘର ସଜାଡୁଛି ।' - ଏଠାରେ 'ଅନ୍ୟ' କହିଲେ କାହାକୁ ବୁଝାଉଛି ?

______________________________

ପ୍ରଶ୍ନ-୫ ଘରଦ୍ୱାର, ଜୀବଜନ୍ତୁ ପରି କେତୋଟି ଯୋଡ଼ି ଶବ୍ଦ ଲେଖିବା ।

______________________________

______________________________

______________________________

## ଶିକ୍ଷକଙ୍କ ପାଇଁ ସୂଚନା :

- ଶିକ୍ଷକ ଛୋଟ ଛୋଟ ଦଳରେ, ଆବଶ୍ୟକସ୍ଥଳେ ବ୍ୟକ୍ତିଗତ ଭାବେ ଶ୍ରେଣୀ ପରିଚାଳନା କରିବେ । ଦିଆଯାଇଥିବା ପ୍ରଶ୍ନର ମୌଖିକ ଉତ୍ତର ଆଦାୟ କରିବେ । ଦଳପତିର ସହାୟତା ନେବେ ।
- ଶିକ୍ଷକ ଫ୍ଲାସ୍କାର୍ଡ, କାର୍ଯ୍ୟଫର୍ଦ୍ଦରେ ଥିବା ପ୍ରଶ୍ନଫର୍ଦ୍ଦ ବ୍ୟବହାର କରିବେ ।
- ଅନୁଚ୍ଛେଦରୁ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବେ । ରୂଢ଼ିର ଅର୍ଥ ବୁଝାଇ ବାକ୍ୟ ଲେଖିବେ । ପହେଳିର ଉତ୍ତର ଲେଖିବେ । ଗଦ୍ୟରୂପର ପଦ୍ୟରୂପ ଲେଖିବେ । ବିଶେଷଣ, ଲିଙ୍ଗ ପରିବର୍ତ୍ତନ, ବିପରୀତ ଅର୍ଥବୋଧକ ଶବ୍ଦ, ଯୋଡ଼ିଶବ୍ଦ ଲେଖିବେ ।
- ଏହି ସୂଚନା ପାଠ ୨୭, ୨୮, ୨୯, ୩୦, ୩୧, ୩୨ ଓ ୩୩ ପାଇଁ ପ୍ରଯୁଜ୍ୟ ।

# କାର୍ଯ୍ୟଫର୍ଦ୍ଦ - ୨୮

**ଶିକ୍ଷଣ ଫଳାଫଳ :-**

- ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ, ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ ।
- ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜ ଭାଷା ତିଆରି କରିବ ଏବଂ ଏହାକୁ ବ୍ୟବହାର କରିବ।

**ଆସ ପଢ଼ିବା ଏବଂ ତଳେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଲେଖିବା ।**

ଆମ ଜିଲ୍ଲାରେ ପ୍ରତିବର୍ଷ "ପରବ'' ପାଳିତ ହୁଏ । ପ୍ରତିଭାର ଅନ୍ୱେଷଣପ୍ରତି ଯତ୍ନବାନ ହେବା ଏହାର ମୂଳ ଲକ୍ଷ୍ୟ ଅଟେ । ଏଥିପାଇଁ ଗ୍ରାମରୁ ବ୍ଲକ୍ ଓ ବ୍ଲକ୍‌ରୁ ଜିଲ୍ଲା ଯାଏଁ ଢେମସା ନୃତ୍ୟ, ଲୋକ ନୃତ୍ୟ, ବାଦ୍ୟ, ମହୁରୀ, ବଂଶୀ ବାଦନ, ପର୍ବତ ଆରୋହଣ, ନୌକା ଚାଳନା, ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥାଏ । ବିଦ୍ୟାଳୟ ଗୁଡ଼ିକରେ ମଧ୍ୟ ତର୍କ, ଦେଶାତ୍ମବୋଧକ ସଂଗୀତ ଗାନ ଆଦି ପ୍ରତିଯୋଗିତା ହୋଇଥାଏ । ଆଦିବାସୀମାନେ ଦୀର୍ଘ କୋଡ଼ିଏ ଦିନ ଧରି ଏହି ପ୍ରତିଯୋଗିତା ଗୁଡ଼ିକରେ ଭାଗ ନେଉଥିଲେ ମଧ୍ଧ କ୍ଲେଶ ଅନୁଭବ କରନ୍ତି ନାହିଁ । ପରବର ମୁଖ୍ୟ କାର୍ଯ୍ୟକ୍ରମ ଜିଲ୍ଲା ମହକୁମାରେ ତିନି ଦିନ ବ୍ୟାପି ପାଳିତ ହୁଏ । ଏଥିରେ ସଫଳ ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯାଏ । ତେଣୁ ପରବ ଆମ ଗୌରବ ଅଟେ ।

୧. 'ପରବ'ର ମୂଳ ଲକ୍ଷ୍ୟ କ'ଣ ?

୨. ପରବରେ କେଉଁ ସବୁ ନୃତ୍ୟ ଦେଖିବାକୁ ମିଳେ ?

୩. ପରବର ମୁଖ୍ୟ କାର୍ଯ୍ୟକ୍ରମ କେଉଁଠାରେ କେତେ ଦିନ ଧରି ଚାଲେ ?

୪.	ପରବରେ କେଉଁମାନଙ୍କୁ ମାନପତ୍ର ଦିଆଯାଏ ?

୫.	ତୁମେ କେବେ ପ୍ରତିଯୋଗିତାରେ ଭାଗ ନେଇଛ କି ? ଯଦି ହଁ, ତେବେ କେଉଁ ବିଭାଗରେ ?

**ବିଜୟଲକ୍ଷ୍ମୀ ଭାଗରେ କ୍ଷ, ମମତା ଭାଗରେ ଲ ଓ କବିତା ଭାଗରେ ପ ବର୍ଣ୍ଣ ପଡ଼ିଲା । ସେମାନେ ଏହିପରି ଲେଖିଲେ :- ସେହିପରି ଆଉ ତିନୋଟି ଲେଖାଏଁ ଶବ୍ଦ ପ୍ରତ୍ୟେକ ବର୍ଣ୍ଣ ପାଇଁ ଲେଖିବା ।**

| କ୍ଷ | ଲ | ପ |
|---|---|---|
| କ୍ଷମା | ଲତା | ପବନ |
| କ୍ଷତ | ଲଳିତା | ପଇଡ଼ |
| ______ | ______ | ______ |
| ______ | ______ | ______ |
| ______ | ______ | ______ |
| ______ | ______ | ______ |

# କାର୍ଯ୍ୟଫର୍ଦ୍ଦ - ୨୯

**ଶିକ୍ଷଣ ଫଳାଫଳ :-**

- ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ, ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ ।
- ବିଭିନ୍ନ ବିଷୟ ଓ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଉପଯୁକ୍ତ ଶବ୍ଦ, ବାକ୍ୟ ସଂରଚନା, ଲୋକକଥା, ବିରାମ ଚିହ୍ନ ଏବଂ ଅନ୍ୟ ବ୍ୟାକରଣଗତ କାଳ, କ୍ରିୟା, କର୍ତ୍ତା ଆଦିକୁ ଠିକ୍ ଭାବରେ ବ୍ୟବହାର କରିବ ।

ଅନୁଚ୍ଛେଦଟି ପଢ଼ ଓ ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖ ।

ଧରମା କାରିଗର କୁଳର ପିଲା । ତାକୁ ମଧ୍ୟ କାରିଗରୀ ବିଦ୍ୟା ଜଣାଥିଲା । ଦଧିନଉତି ବସାଇ ମନ୍ଦିରର ମୁଣ୍ଡି ମାରିପାରିବ ବୋଲି ଧରମାର ସାହସ ହେଲା । ସେ ବାପା ବିଶୁ ମହାରଣାଙ୍କଠାରୁ ଅନୁମତି ନେଇ ମନ୍ଦିର ଚୂଳକୁ ଉଠିଲା । ରାତାରାତି ମାପଚୁପ କରି ଦଧିନଉତି ବସାଇଦେଲା । ସକାଳ ହେବା ଆଗରୁ ଦେଖାଗଲା ମନ୍ଦିର କାମ ଶେଷ ।

ଉତ୍ତର ଲେଖ :-

ପ୍ରଶ୍ନ-୧ କାହାକୁ କାରିଗରୀ ବିଦ୍ୟା ଜଣା ଥିଲା ?

______________________________

ପ୍ରଶ୍ନ-୨ କେଉଁ କାମ ପାଇଁ ଧରମାର ସାହସ ହେଲା ?

______________________________

ପ୍ରଶ୍ନ-୩ ମନ୍ଦିର କାମ କେତେବେଳେ ଶେଷ ହେଲା ?

______________________________

ପ୍ରଶ୍ନ-୪ ଧରମାର ବାପା କିଏ ?

______________________________

## ଲକ୍ଷ୍ୟ ପ୍ରଶ୍ନ

ଦଳ ଲିଖିତ ବାକ୍ୟ (ରଢ଼ି) ଗୁଡ଼ିକର ଅର୍ଥ ବୁଝାଇ ଲେଖ ।

ଅତି ଲେମ୍ବୁ ଚିପୁଡ଼ିଲେ ପିତା -

ଧୀର ପାଣି ପଥର କାଟେ -

ତୁଳସୀ ଦୁଇ ପତ୍ରରୁ ବାସେ -

## କାର୍ଯ୍ୟପର୍ଦ୍ଦ -୩୦

**ଶିକ୍ଷଣ ଫଳାଫଳ :-**

- ଭିନ୍ନ ଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ, ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ ।
- କୌଣସି ପାଠ୍ୟ ବିଷୟକୁ ତନ୍ନତନ୍ନ କରିଖୋଜି ସେଥିରେ ଥିବା ବିଶେଷ ଧାରଣାକୁ ବୁଝିବ।

ପୁରାଣ ଯୁଗର କଥା । କର୍ଣ୍ଣ ବୋଲି ଜଣେ ରାଜା ଥିଲେ । ସେ ମହାଦାନୀ ଥିଲେ । ପ୍ରଜାମାନଙ୍କୁ ସ୍ୱର୍ଣ୍ଣ ମୁଦ୍ରା ସହ ଧନରତ୍ନ ଦାନ କରୁଥିଲେ । ଦିନେ ରାଜାଙ୍କ ମୁଖ ବିଷଣ୍ଣ ଥିବା ଦେଖି ମନ୍ତ୍ରୀ ଏହାର କାରଣ ପଚାରିଲେ । ରାଜା କହିଲେ, "ଆଜି ମୋ ପାଖକୁ ଜଣେ ବ୍ୟକ୍ତି ଆସିଥିଲେ । ସେ ଜଣେ ସଙ୍ଗୀତଜ୍ଞ । ସେ ରାଜସଭାରେ ସଙ୍ଗୀତ ପରିବେଷଣ କରିବେ ବୋଲି କହୁଥିଲେ । ମୁଁ ଚାହୁଁଛି ତାଙ୍କ ସଙ୍ଗୀତ ଶୁଣି କର୍ଣ୍ଣ ପବିତ୍ର କରିବି ।'' ମନ୍ତ୍ରୀ ଏହା ଶୁଣି ଭାରି ଆନନ୍ଦିତ ହେଲେ ।

**ପ୍ରଶ୍ନ-୧ ଉପର ଅନୁଚ୍ଛେଦକୁ ପଢ଼ି ତଳ ପ୍ରଶ୍ନର ଉତ୍ତର ଲେଖିବା ।**

(କ) ଅନୁଚ୍ଛେଦରେ କେଉଁ ରାଜାଙ୍କ କଥା କୁହାଯାଇଛି ?

______________________________

(ଖ) ସେ ପ୍ରଜାଙ୍କୁ କ'ଣ ଦାନ କରୁଥିଲେ ?

______________________________

(ଗ) କିଏ ରାଜସଭାରେ ସଙ୍ଗୀତ ପରିବେଷଣ କରିବା କଥା ରାଜା ଚାହୁଁଥିଲେ ?

______________________________

(ଘ) ରାଜାଙ୍କ ମୁଖର ଅବସ୍ଥା କିପରି ଥିଲା ?

______________________________

(ଙ) ମନୁଷ୍ୟର ମୁଖ କେତେବେଳେ ବିଷଣ୍ଣ ହୁଏ ?

---

**ପ୍ରଶ୍ନ-୨ 'କ' ସ୍ତମ୍ଭରେ ଲିଖିତ ଶବ୍ଦ ସହ 'ଖ' ସ୍ତମ୍ଭର ସଂପର୍କିତ ଶବ୍ଦକୁ ଗାରଟାଣି ଯୋଡିବା ।**

| | |
|---|---|
| ସ୍ୱର୍ଣ୍ଣ | ପବିତ୍ର |
| ବିଷଣ୍ଣ | ମୁଦ୍ରା |
| କର୍ଣ୍ଣ | ମୁଖ |
| | ସଙ୍ଗୀତ |

**ଲକ୍ଷ୍ୟ ପ୍ରଶ୍ନ**

**ଉତ୍ତର ଖୋଜିବା**

(କ) ପବନ ତାହାର ଆହାର
ଖାଏ ଗୋଇଠା ପାହାର । ଉ.: ..........................................

(ଖ) ଆସିଲା ବଡ଼ ଚଢ଼େଇ, ବସିଲା ଡେଣା ମେଲାଇ,
ଧଇଲା ମାଛ ଖାଇଲା ନାହିଁ । ଉ.: ..........................................

(ଗ) ମାମୁ ଘରେ ଗୋଠେ ଗାଈ
ରାତି ପାହିଲେ ଗୋଟେ ନାହିଁ । ଉ.: ..........................................

# କାର୍ଯ୍ୟପତ୍ର - ୩୧

**ଶିକ୍ଷଣ ଫଳାଫଳ :-**

- ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହ ପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।
- ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସଚେତନ ହୋଇ ଲେଖିବ।
- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ।

**କବିତାଟିକୁ ପଢ଼ିବା :-**

(କ) ଟିକିଟିକି ଫୁଲ ଆମେ
        ଦେଇଥାଉ ବାସନା
    ସଭିଙ୍କର ମନ ମୋହୁ
        କରି ଘୋର ସାଧନା............ ।୧।

    ଟିକିଟିକି ନଈ ଆମେ
        ବହିଥାଉ ଧରାରେ
    ସୁଶୀତଳ ଜଳ ଦେଇ
        ପୁଣ୍ୟ କାମ କରୁରେ............ ।୨।

    ଟିକିଟିକି ତାରା ଆମେ
        ଆକାଶରେ ଥାଉରେ,
    ଘୋର ଅନ୍ଧାର ରାତିରେ
        ସାହା ପରା ହେଉରେ............ ।୩।

ଟିକିଟିକି ପକ୍ଷୀ ଆମେ
    କି ସୁନ୍ଦର ଡେଣାରେ
ଲଙ୍ଘିଥାଉ ଆକାଶକୁ
    ନୋହି ବାଟ ବଣାରେ............ ।୪।

ଆମେ ସବୁ ଟିକିଟିକି
    ବାଳକ ଓ ବାଳିକା
ପଢ଼ି, ବଢ଼ି, ଶ୍ରେଷ୍ଠ ହେବୁ
    ଏହି ଆମ ଆକାଙ୍କ୍ଷା............ ।୫।

**୧. ଉତ୍ତର ଲେଖିବା -**

(ପ୍ର) ଟିକିଟିକି ଫୁଲ ଗୁଡ଼ିକ କ'ଣ ଦିଅନ୍ତି ?

ଉ-

(ପ୍ର) ଟିକିଟିକି ନଈ କ'ଣ ଦେଇ ପୁଣ୍ୟ ଅର୍ଜନ କରନ୍ତି ?

ଉ-

(ପ୍ର) ଘୋର ଅନ୍ଧାର ରାତିରେ କିଏ ଆମର ସାହା ହୋଇଥାଏ ?

ଉ-

(ପ୍ର) କିଏ ଆନନ୍ଦ ମନରେ ଆକାଶକୁ ଲଙ୍ଘିଥାଏ ?

ଉ-

(ପ୍ର) ଟିକିଟିକି ବାଳକ ବାଳିକା କ'ଣ ହେବାକୁ ଆକାଙ୍କ୍ଷା ରଖିଛନ୍ତି ?

ଉ-

(ପ୍ର) ଟିକିଟିକି ପିଲାମାନଙ୍କୁ ଫୁଲ ସହିତ ତୁଳନା କରାଯାଇଛି କାହିଁକି ?

ଉ-

୨.  ଟିକିଟିକି ପରି ଆଉ କେତୋଟି ଯୋଡ଼ି ଶବ୍ଦ ଲେଖିବା ।

________, ________   ________, ________

________________   ________________

୩.  ଆସ ପଦ ପୂରଣ କରି ଲେଖିବା ଏବଂ ପଢ଼ିବା ।

(କ) ଟିକିଟିକି ନଈ ଆମେ

ବହିଥାଉ ଧାରାରେ

________________

________________

(ଖ) ଆମେ ସବୁ ଟିକିଟିକି ବାଳକ ଓ ବାଳିକା

________________

________________

୪.  କବିତାର କେଉଁ ପଦଟି ତୁମକୁ ଭଲ ଲାଗୁଛି ଓ କାହିଁକି ?

ଉ –

**ଲକ୍ଷ୍ୟ ପ୍ରଶ୍ନ**

**ତଳ ଲିଖିତ ବାକ୍ୟ ଗୁଡ଼ିକରେ ଗୁଣ, ଅବସ୍ଥା ଓ ପରିମାଣକୁ ସୂଚାଉଥିବା (ବିଶେଷଣ) ପଦ ତଳେ ଗାର ଟାଣିବା ।**

(କ) ପୋଖରୀରେ ନୀଳକଇଁ ଫୁଟିଅଛି ।

(ଖ) ଦରିଦ୍ର ଲୋକଟି ଭିକ ମାଗୁଛି ।

(ଗ) ହାତୀ ଧୀରେ ଚାଲୁଛି ।

(ଘ) ମଧୁ ଗୋଟିଏ ଦୁଷ୍ଟ ପିଲା ।

(ଙ) ସେ ପଥମ ଶ୍ରେଣୀରେ ପଢ଼େ ।

(ଚ) ସମସ୍ତଙ୍କୁ ମଧୁର ବଚନ କହିବା ଉଚିତ୍ ।

(ଛ) ତାଙ୍କ ଘର ବିଦ୍ୟାଳୟ ଠାରୁ ଦୂରବାଟ ନୁହେଁ ।

(ଜ) ଗୋପାଳ ସେପରି ପିଲା ନୁହେଁ, ଯିଏ ସର୍ବଦା ଗଣ୍ଡଗୋଳ କରେ ।

# କାର୍ଯ୍ୟଫର୍ଦ୍ଦ - ୩୨

**ଶିକ୍ଷଣ ଫଳାଫଳ :-**

- **ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ ।**

**(କ) ବିପରୀତ ଅର୍ଥବୋଧକ ଶବ୍ଦ ବନ୍ଧନୀରୁ ବାଛି ଲେଖିବା ।**

(ପୁଣ୍ୟ, ନିରାନନ୍ଦ, ଅନ୍ଧାର, ନବୀନ, ଅସ୍ତ, କ୍ଷତ, କନିଷ୍ଠ)

ଆଲୋକ ____________________

ଉଦୟ ____________________

ପ୍ରାଚୀନ ____________________

ଆନନ୍ଦ ____________________

ଜ୍ୟେଷ୍ଠ ____________________

ପାପ ____________________

**(ଖ) କରମ ଶବ୍ଦର ଗଦ୍ୟ ରୂପ ଯେପରି 'କର୍ମ', ସେହିପରି ତଳ ଶବ୍ଦଗୁଡିକର ଗଦ୍ୟ ରୂପ ଲେଖିବା**

କୀରତି ____________________

ହରଷ ____________________

କଉତୁକ ____________________

ନିରିମଳ ____________________

**(ଗ) ଲିଙ୍ଗ ପରିବର୍ତ୍ତନ କରି ଲେଖିବା**

ଯେପରି - ପୁଅ - ଝିଅ

ରାଜା ____________________

ଭାଇ ____________________

ପୁତ୍ର ____________________

ବୃଦ୍ଧ ______________________

କୁମାର ______________________

**ବିପରୀତାର୍ଥବୋଧକ ଶବ୍ଦ ଲେଖ ।**

ଲୋଭୀ – ନିର୍ଲୋଭ

ରୋଗୀ – ______________________

ଜ୍ଞାନୀ – ______________________

ସୁନାମ – ______________________

ପୂଣ୍ୟ – ______________________

ଜନ୍ମ – ______________________

ଦୁଷ୍ଟ – ______________________

କୃପଣ – ______________________

# କାର୍ଯ୍ୟଫର୍ଦ୍ଦ - ୩୩

**ଶିକ୍ଷଣ ଫଳାଫଳ :-**

- ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢି ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହ ପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।
- ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜଭାଷା ତିଆରି କରିବ ଓ ଏହାକୁ ବ୍ୟବହାର କରିବ।
- ଭିନ୍ନ ଭିନ୍ନ ପ୍ରକାରର ବିଷୟ ବସ୍ତୁରେ ଆସୁଥିବା ନୂଆ ଶବ୍ଦକୁ ବୁଝି ତାହାର ଅର୍ଥ ବାହାର କରିବ।
- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ।

(କ) ମଣ୍ଟୁ ଓ ଚିଣ୍ଟୁ ଦୁଇସାଙ୍ଗ । ଦିନେ ସ୍କୁଲ୍ ଗଲାବେଳେ ଚିଣ୍ଟୁ ଦେଖିଲା, ଗୋଟିଏ ଗଛ ଡାଳରେ ଏଣ୍ଡୁଅଟିଏ ମୁଣ୍ଡ ଟୁଙ୍ଗାରୁଛି । ଚିଣ୍ଟୁ ବିଳମ୍ବ ନକରି ତଳୁ ଟେକାଟିଏ ଉଠାଇ ଏଣ୍ଡୁଅ ଉପରକୁ ଫୋପାଡ଼ିଲା । ମାତ୍ର ଟେକାଟି ଏଣ୍ଡୁଅ ଦେହରେ ନବାଜି ସେ ଦିଗରୁ ଆସୁଥିବା ଗୁରୁଜୀଙ୍କ ଦେହରେ ବାଜିଲା । ଗୁରୁଜୀ ଦୁହିଁଙ୍କ ଆଡ଼କୁ ଚାହିଁ ଦେଲେ । ଉଭୟେ ଗୁରୁଙ୍କ ଚାହାଣି ଦେଖି ଭୟରେ ଥରିବାକୁ ଲାଗିଲେ । ଚିଣ୍ଟୁ , ଜୀବନରେ ଏପରି ଭୁଲ୍ କେବେ କରିବ ନାହିଁ ବୋଲି କାନ୍ଦିକାନ୍ଦି କହିଲା । ଗୁରୁଜୀ ଚିଣ୍ଟୁର ପରିବର୍ତ୍ତନ ଦେଖି ତା' ମୁଣ୍ଡ ଆଉଁସିଦେଲେ । ସେ ତା'ର ଭୁଲ୍ ବୁଝିପାରିଛି ଜାଣି ଗୁରୁଜୀ ଖୁସି ହେଲେ । ଏହାପରେ ସମସ୍ତେ ମିଶି ସ୍କୁଲ ଗଲେ ।

**(ଖ) ଆସ ଅନୁଚ୍ଛେଦ ପଢ଼ିବା ଏବଂ ତଳେ ଦିଆଯାଇଥିବା ଉତ୍ତର ଗୁଡ଼ିକପାଇଁ ପ୍ରଶ୍ନ ପ୍ରସ୍ତୁତ କରିବା -**

ଉ- ଚିଣ୍ଟୁ ଓ ମଣ୍ଟୁ  ଦୁଇସାଙ୍ଗ ।

ପ୍ରଶ୍ନ-________________________________________

ଉ- ଗଛ ଡ଼ାଳରେ ଏଣ୍ଡୁଅଟିଏ ମୁଣ୍ଡ ଟୁଙ୍ଗାରୁଥିଲା ।

ପ୍ରଶ୍ନ-________________________________________

ଉ- ଟେକାଟି ଗୁରୁଜୀଙ୍କ ଦେହରେ ବାଜିଲା ।

ପ୍ରଶ୍ନ-________________________________________

ଉ- ଗୁରୁଜୀ ଟିଣ୍ଟୁର ମୁଣ୍ଡ ଆଉଁସି ଦେଲେ ।

ପ୍ରଶ୍ନ-______________________________

ଉ- ଟିଣ୍ଟୁ ତା'ର ଭୁଲ୍ ବୁଝି ପାରିଛି ଜାଣି ଗୁରୁଜୀ ଖୁସି ହେଲେ ।

ପ୍ରଶ୍ନ-______________________________

(ଗ) **ଆସ ବାକ୍ୟ ଗଢ଼ିବା ।**

ବିଳମ୍ବ ______________________________

ମିଳିମିଶି ______________________________

ପରିବର୍ତ୍ତନ ______________________________

ଗୁରୁକୂଳ ______________________________

ଚାହାଣି ______________________________

(ଘ) **ଆସ ଦୁଇ ସ୍ତମ୍ଭରେ ଥିବା ସଂପର୍କିତ ଶବ୍ଦକୁ ଗାର ଟାଣି ଯୋଡ଼ିବା ଏବଂ ଯୋଡ଼ିସାରି ସେଗୁଡ଼ିକୁ ପଢିବା (ସମାନ ଅର୍ଥ) -**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ବିଳମ୍ବ | ଯାଆଁଳା |
| ଯମଜ | ବସ୍ତ୍ର |
| ବସନ | ମୃତ୍ୟୁ |
| ତିରୋଧାନ | ଯଥେଷ୍ଟ |
| ପର୍ଯ୍ୟାପ୍ତ | ଡେରି |

### ଲକ୍ଷ୍ୟ ପ୍ରଶ୍ନ

(ଙ) ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ ଭିନ୍ନ ଶବ୍ଦଟିକୁ ବାଛି ଲେଖିବା ।

(ବିହଙ୍ଗ, ପକ୍ଷୀ, ବିହଙ୍ଗମ, ତରୁ) - ______________________________

(ସୂର୍ଯ୍ୟ, ତପନ, ଭାସ୍କର, ଚନ୍ଦ୍ର) - ______________________________

(ନଦୀ, ତଟିନୀ, ତରଙ୍ଗିଣୀ, ସାଗର) - ______________________________

(ନୌକା, ନାବ, ନାଆ, ଜାହାଜ) - ______________________________

**ନିମ୍ନଲିଖିତ ବାକ୍ୟଗୁଡିକ ପଢ଼ିବା ଏବଂ ବିଶେଷ୍ୟ (ନାମ ସୂଚାଉଥିବା) ପଦକୁ ଗୋଲ ବୁଲାଇବା ।**

**ଯେପରି ନିକିତା**

ନିକିତାକୁ ପେନସିଲ ଦିଆଗଲା ।

ମୋହନ ତାଲା ନେଇ କରି ଆସିଲା ।

କମଳା ପାଚିଅଛି ।

ଜମିରେ ଧାନ ପାଚିଅଛି ।

ଆଜି କୁଆପଥର ପଡ଼ିଲା ।

ଛେଳି ଘାସ ଖାଉଅଛି ।

ଜମିରେ ଗଛ ଲଗାଅ ।

ମୁଁ କାନପୁରରୁ ପାଟଣା ଗଲି ।

# କାର୍ଯ୍ୟଫର୍ଦ୍ଦ - ୩୪

**ଶିକ୍ଷଣ ଫଳାଫଳ :-**

- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ।
- ଭିନ୍ନ ଭିନ୍ନ ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦ ଗୁଡ଼ିକୁ ବୁଝି ସେଗୁଡିକୁ ଲେଖାରେ ବ୍ୟବହାର କରିବ।

(କ) ଆସ ତଳେ ଦିଆଯାଇଥିବା ଶବ୍ଦ ଗୁଡ଼ିକ ମଧ୍ୟରୁ ଠିକ୍ ବନାନ ଥିବା ଶବ୍ଦକୁ ବାଛି ଲେଖିବା ।

(କ) ଯାନକି, ଜାନକୀ, ଜାନକି, (____________________)

(ଖ) ସମୁଖ, ସମ୍ମୁଖ, ସମୂଖ (____________________)

(ଗ) ସଂକିର୍ଣ୍ଣ, ଶକୀର୍ଣ୍ଣ, ସଂକୀର୍ଣ୍ଣ (____________________)

(ଘ) ଭିକାରିଣୀ, ଭିକାରୁଣି, ଭିକାରୁଣୀ (____________________)

(ଖ) 'ଚାକରାଣୀ' ଶବ୍ଦର ଲିଙ୍ଗ ପରିବର୍ତ୍ତନ କଲେ ହେବ 'ଚାକର' । ସେହିପରି ନିମ୍ନଲିଖିତ ଶବ୍ଦ ଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କରି ଲେଖିବା ଓ ପଢ଼ିବା ।

ଠାକୁରାଣୀ ____________________

ମାଲିକାଣୀ ____________________

ସମ୍ବୁଦୁଣୀ ____________________

ମାଲୁଣୀ ____________________

ବାଘୁଣୀ ____________________

ସଙ୍ଗାତୁଣୀ ____________________

(ଗ) ଆସ, ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରେ ରେଖାଙ୍କିତ ପଦର ଅର୍ଥ ବନ୍ଧନୀ ମଧ୍ୟରେ ଲେଖିବା ।

(କ) ସେ ଦୂର ଯାତ୍ରାରେ ବାହାରିଲେ । [ ]

ଫଗୁଣ ମାସରେ ଦୋଳଯାତ୍ରା ହୁଏ । [ ]

(ଖ) ତାଙ୍କ ରାଗ ଦେଖି ମୁଁ ଡରିଗଲି । [ ]

ସେ ଖାଦ୍ୟରେ ବେଶୀ ରାଗ ଖାଆନ୍ତି । [ ]

## ଲକ୍ଷ୍ୟ ପ୍ରଶ୍ନ

**ତଳ ଶବ୍ଦର ଅର୍ଥ ଲେଖିବା :-**

| | | |
|---|---|---|
| ସିତ - ଧଳା | କୁଳ - ________ | ଦିନ ________ |
| ଶୀତ - ଋତୁ | କୂଳ - ________ | ଦୀନ ________ |
| ଈଶ - ________ | ସର - | ଲକ୍ଷ ________ |
| ଈଷ - ________ | ଶର - ________ | ଲକ୍ଷ୍ୟ ________ |

## ଶିକ୍ଷକଙ୍କ ପାଇଁ ସୂଚନା :

- ଶିକ୍ଷକ ଦଳଗତ ଓ ଆବଶ୍ୟକସ୍ଥଳେ ବ୍ୟକ୍ତିଗତ ଭାବରେ ଶ୍ରେଣୀ ପରିଚାଳନା କରିବେ । ଆବଶ୍ୟକ ମୁତାବକ ସାମଗ୍ରୀ ନେବେ । ଦଳପତିର ସହାୟତା ନେବେ । ସମସ୍ତ ପିଲାଙ୍କ ସଂପୃକ୍ତିକୁ ନିଶ୍ଚିତ କରାଇବେ ।
- ଶିକ୍ଷକ ପ୍ରଶ୍ନକାର୍ଡ, ଉତ୍ତର କାର୍ଡ଼, କାର୍ଯ୍ୟଫର୍ଦ୍ଦ ଚାହିଦା ଅନୁଯାୟୀ ପ୍ରଶ୍ନକାର୍ଡ଼ ସାମଗ୍ରୀ ରୂପେ ବ୍ୟବହାର କରିବେ ।
- ପିଲାମାନେ ଛୋଟଛୋଟ ରଚନା, ଗପ, ଘରୋଇ ଚିଠି ଲେଖିବେ । ଅଧାବାକ୍ୟକୁ ପୂରା କରିବେ, ଅର୍ଥ ନିର୍ଣ୍ଣୟ କରିବେ । ଅଭିଧାନର ବ୍ୟବହାର କରିବେ । ବ୍ୟାବହାରିକ ବ୍ୟାକରଣ କ୍ଷେତ୍ରରେ ପ୍ରତିଶବ୍ଦ ଗଢ଼ିବେ, ସମୋଚ୍ଚାରିତ ଶବ୍ଦ ଓ ଯୋଡ଼ିଶବ୍ଦ ଲେଖିବେ ।
- ଏହି ସୂଚନା କାର୍ଯ୍ୟଫର୍ଦ୍ଦ ୩୪, ୩୫, ୩୬, ୩୭, ୩୮, ୩୯, ୪୦ ଓ ୪୧ ପାଇଁ ପ୍ରଯୁଜ୍ୟ ।

# କାର୍ଯ୍ୟଫର୍ଦ୍ଦ - ୩୫

**ଶିକ୍ଷଣ ଫଳାଫଳ :-**

**ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ, ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ, ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ ।**

**(କ) ଆସ ଆବୃତ୍ତି କରିବା :-**

ଲିଲା, ମିଲା, ଲିଜା, ଲିନା
ଶ୍ରେଣୀରେ କଲେ ବିଚାର,
ଆସନ୍ତା କାଲିଠୁ ସ୍କୁଲ ଭିତରଟା
ରଖିବେ ସଫା ସୁତର ।୧।

'ଲିଜା' କହିଲା ଭଉଣୀମାନେ
ଶୁଣ ମୋ କଥା ଆଗ
ନିଜେ ରହିବା ପ୍ରଥମେ ସଫା
ତା'ପରେ ଅନ୍ୟ ଭାଗ ।୨।

ତା'ପର ଦିନ ଚାରି ସଙ୍ଗାତ
ଆସି ହୋଇଲେ ମେଳ,
ମିଳିମିଶି ସେ କରିଲେ ସଫା
ଶ୍ରେଣୀ ଓ ରୋଷେଇଶାଳ ।୩।

ପ୍ରାର୍ଥନା ସଭା ଆରମ୍ଭ ହେଲା,
ପରିବେଶ ଥିଲା ସଫା,
ଧନ୍ୟଧନ୍ୟ କଲେ ଗୁରୁଜୀ ଗୁରୁମା'
ଦେଖି ବିଦ୍ୟାଳୟ ସ୍ୱଚ୍ଛତା ।୪।

କୁଣ୍ଢେମୋଟ ହେଲା ଛାତି ତାଙ୍କର
କରିଲେ ଦୃଢ଼ ପଣ
ଆଗେଇ ନେବେ ସଭିଏଁ ମିଶି
ସ୍ୱଚ୍ଛତା ଅଭିଯାନ ।୫।

(ଖ) **ଆସ କବିତା ପଢ଼ି ଉତ୍ତର ଲେଖିବା :-**

(ପ୍ର) ଚାରି ସାଙ୍ଗ ମିଶି କ'ଣ ବିଚାର କଲେ ?

ଉ- ______________________________

(ପ୍ର) ପ୍ରଥମେ ଲିଜା କ'ଣ କରିବାକୁ ସାଙ୍ଗମାନଙ୍କୁ କହିଲା ?

ଉ- ______________________________

(ପ୍ର) ତା' ପରଦିନ ଚାରି ସଙ୍ଗାତ କେଉଁକେଉଁ ଜାଗା ସଫା କଲେ ?

ଉ- ______________________________

(ପ୍ର) ଗୁରୁଜୀ, ଗୁରୁମା' ପ୍ରାର୍ଥନା ସଭାରେ ଖୁସି ହେଲେ କାହିଁକି ?

ଉ- ______________________________

(ପ୍ର) ସ୍ୱଚ୍ଛତା ଦ୍ୱାରା ଆମର କ'ଣ ଉପକାର ହେବ ?

ଉ- ______________________________

(ଗ) **ଦିଆଯାଇଥିବା ବାକ୍ୟ ତଳେ କବିତାର ସମାନ ଅର୍ଥ ଥିବା ପଦ ପୂରଣ କରି ଲେଖିବା ।**

(ପ୍ର) ତା' ପରଦିନ ଚାରି ସଙ୍ଗାତ ମେଳି ହୋଇ ଆସିଲେ ।

______________________________

(ପ୍ର) ଚାରି ସାଙ୍ଗ ଛାତି କୁଣ୍ଢେମୋଟ କରି ଦୃଢ଼ ପଣ କଲେ ।

______________________________

## କାର୍ଯ୍ୟଫର୍ଦ୍ଦ - ୩୬

**ଶିକ୍ଷଣ ଫଳାଫଳ :-**

- ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।
- କୌଣସି ବିଷୟରେ ଲେଖାହେଉଥିବା ଶବ୍ଦଗୁଡ଼ିକ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଓ ଶବ୍ଦକୁ ଉପଯୁକ୍ତ ବ୍ୟବହାର କରି ଲେଖିବ।
- ନିଜ ଅନୁଭୂତିରୁ ନିଜ ଶୈଳୀରେ ଲେଖିବ।

**ଆସ ପଢ଼ିବା :-**

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର । ଏହାକୁ ମନ୍ଦିରମାଳିନୀ ନଗରୀ ବୋଲି ମଧ୍ୟ କୁହାଯାଏ । ଏଠାରେ ବିଧାନସଭା, ରାଜଭବନ, କୃଷି ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ଇନ୍ଦିରାଗାନ୍ଧୀ ପାର୍କ, ଲିଙ୍ଗରାଜ ମନ୍ଦିର, ବିମାନବନ୍ଦର, ରାଜ୍ୟ ସଂଗ୍ରହାଳୟ, ବିଭାଗୀୟ ମୁଖ୍ୟଦପ୍ତର, ବଡ଼ବଡ଼ ଡାକ୍ତରଖାନା, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଓ ରେଳଷ୍ଟେସନ ରହିଛି ।

ପ୍ରତିଦିନ ଜିଲ୍ଲାର ସଦର ମହକୁମାମାନଙ୍କରୁ ବହୁ ସଂଖ୍ୟାରେ ବସ ବରମୁଣ୍ଡା ବସଷ୍ଟାଣ୍ଡକୁ ଆସେ । ଆମ ରାଜଧାନୀର ରାତ୍ରକାଳୀନ ଦୃଶ୍ୟ ମନୋମୁଗ୍ଧକର । ସ୍ୱଚ୍ଛ ସହର ହିସାବରେ ଆମ ରାଜଧାନୀର ନାଁ ରହିଛି । ସ୍ମାର୍ଟସିଟି ହେତୁ ଏଠାରେ ଅନେକ ଉନ୍ନତି ମୂଳକ କାମ ଚାଲିଛି ।

**(କ) ଆସ କଥା ହେବା ଓ ଲେଖିବା :-**

(କ) ଓଡ଼ିଶାର ରାଜଧାନୀର ନାମ କ'ଣ ?

ଉ- ________________________________

(ଖ) ତୁମେ ରାଜଧାନୀ ଆସି କ'ଣ ସବୁ ଦେଖି ପାରିବ ?

ଉ- ________________________________

(ଗ) ଭୁବନେଶ୍ୱରରେ ଥିବା ବସ୍‌ଷ୍ଟାଣ୍ଡର ନାମ କ'ଣ ?

ଉ- ________________________________

(ଘ) କେତେବେଳେ ରାଜଧାନୀର ଦୃଶ୍ୟ ମନୋମୁଗ୍ଧକର ?

ଉ- ____________________

(ଙ) କେଉଁ କାରଣ ହେତୁ ରାଜଧାନୀରେ ଉନ୍ନତି ମୂଳକ କାର୍ଯ୍ୟମାନ ଚାଲୁଅଛି ?

ଉ- ____________________

**(ଖ) ଆସ ତଳ ଶବ୍ଦକୁ ଲଗାଇ ବାକ୍ୟ ଗଢ଼ିବା :-**

ଦୃଶ୍ୟ ____________________

ସ୍ୱଚ୍ଛ ____________________

ଉନ୍ନତି ____________________

**ଲକ୍ଷ୍ୟ ପ୍ରଶ୍ନ**

**ସ୍ମାର୍ଟ ସିଟି ଭୁବନେଶ୍ୱର ବିଷୟରେ ଲେଖ ।**

# କାର୍ଯ୍ୟଫର୍ଦ୍ଦ - ୩୭

**ଶିକ୍ଷଣ ଫଳାଫଳ :-**

- ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।
- ଭାଷାର ଗୁଣାତ୍ମକତାକୁ ଦୃଷ୍ଟିରେ ରଖି ନିଜଭାଷା ତିଆରି କରିବ ଓ ଏହାକୁ ବ୍ୟବହାର କରିବ।
- ନିଜ ଅନୁଭୂତିରୁ ନିଜ ଶୈଳୀରେ ଲେଖିବ।

**ଆସ ଗପ ପଢ଼ିବା,**

ଆଗ କାଳରେ ବାଘ ଓ ବିଲେଇ ବଣରେ ରହୁଥିଲେ । ବଣରେ ପଶୁମାନେ ବାଘକୁ ମାମୁ ଓ ବିଲେଇକୁ ମାଉସୀ ବୋଲି ଡାକୁଥିଲେ । ଦିନେ ବାଘ ମାମୁ ବଣର ସବୁ ଜୀବଙ୍କୁ ତା' ପୁଅ ବାହାଘରକୁ ନିମନ୍ତ୍ରଣ କଲା । ଭୋଜି ଦିନ ବାଘମାମୁ ଭାଲୁକୁ ମାଂସ, ବିଲେଇକୁ ମାଛ, ହରିଣକୁ ଶାଗ ତିଆରି କରିବା ଦାୟିତ୍ୱ ଦେଲା । ଠେକୁଆକୁ ଡାକି ତଦାରଖ କରିବାକୁ କହିଲା । ଠେକୁଆ ବୁଲିବୁଲି ତଦାରଖ କରୁଥିବାବେଳେ ଦେଖିଲା, ବିଲେଇ ପାଖରେ କିଛି ମାଛ ନାହିଁ । ସେ ଏହାର କାରଣ ପଚାରିଲା । ବିଲେଇ କହିଲା, "ମାଛ ଦେଖି ମୋ ଲୋଭ ବଢ଼ିଗଲା, ମୁଁ ଗୋଟିଗୋଟି କରି ମାଛ ଚାଖୁଚାଖୁ ସବୁ ମାଛ ଖାଇ ଦେଇଛି । ଠେକୁଆ ସବୁ ଶୁଣି କହିଲା "ତୁ ଶୀଘ୍ର ଏ ଜାଗା ଛାଡ଼ି ପଳା, ନହେଲେ ବାଘ ମାମୁ ଜାଣିଲେ ତୋତେ ଜୀବନରେ ମାରିଦେବ ।'' ବିଲେଇ, ବାଘ ଭୟରେ ଜଙ୍ଗଲ ଛାଡ଼ି ପଳାଇଲା । ସେହିଦିନ ଠାରୁ ଯାଇ ଗାଁରେ ରହିଲା, ବଣର ସୀମା ମାଡ଼ିଲା ନାହିଁ ।

**(କ) ଆସ, କଥା ହେବା ଓ ଲେଖିବା ।**

(କ) ଆଗ କାଳରେ ବାଘ ଓ ବିଲେଇ କେଉଁଠାରେ ରହୁଥିଲେ ?

ଉ- ______________________

(ଖ) ବାଘ ଓ ବିଲେଇକୁ ଜଙ୍ଗଲରେ କ'ଣ ବୋଲି କୁହାଯାଉଥିଲା ?

ଉ- ______________________

(ଗ) ଭୋଜି ତଦାରଖ କାମ କିଏ କରୁଥିଲା ?

ଉ- ______________________

(ଘ) ମାଛ ନଥିବା ଦେଖି ଠେକୁଆ ବିଲେଇକୁ କ'ଣ କହିଲା ?

ଉ- ______________________________

(ଙ) ବିଲେଇ ବଣର ସୀମା ମାଡ଼େ ନାହିଁ କାହିଁକି ?

ଉ- ______________________________

ଆସ "ଚାଖୁଚାଖୁ" ଭଳି ଆଉ କେତୋଟି ଶବ୍ଦ ଲେଖିବା,

______________ ______________

______________ ______________

______________ ______________

**ଲକ୍ଷ୍ୟ ପ୍ରଶ୍ନ**

କାଉ ଓ କୋଇଲିକୁ ନେଇ ଗପଟିଏ ଲେଖ ।

# କାର୍ଯ୍ୟଫର୍ଦ୍ଦ - ୩୮

**ଶିକ୍ଷଣ ଫଳାଫଳ :-**

- ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।
- କୌଣସି ବିଷୟରେ ଲେଖାହେଉଥିବା ଶବ୍ଦଗୁଡ଼ିକ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ଓ ଶବ୍ଦକୁ ଉପଯୁକ୍ତ ବ୍ୟବହାର କରି ଲେଖିବ।
- ଓଡିଆ ବର୍ଣ୍ଣମାଳାରେ ଥିବା ଅକ୍ଷରର ଆକୃତି ଓ ଧ୍ୱନୀକୁ ଚିହ୍ନିବ।

**ଆସ ପଢ଼ିବା,**

(କ) ବ୍ରହ୍ମପୁରରେ ଜନ୍ମେଜୟ ବାବୁଙ୍କ ଘର । ତାଙ୍କ ବଡ଼ପୁଅ ବ୍ରହ୍ମାନନ୍ଦ ବଡ଼ ମେଧାବୀ ଛାତ୍ର । ମନ ଦେଇ ପାଠ ପଢ଼େ । ଗୁରୁଜନମାନେ ତାକୁ ଦେଖି କୁହାକୁହି ହୁଅନ୍ତି - ବ୍ରହ୍ମାନନ୍ଦ ଦିନେ ବଡ଼ ମଣିଷ ହେବ । ଆନ୍ତରିକ ଉଦ୍ୟମ, ନିଷ୍ଠା, ପରିଶ୍ରମ ବଳରେ ସେ ସତକୁ ସତ ଡାକ୍ତର ହେଲା । ଚାକିରୀ କଲା ସୁଦୂର ମାଲକାନ୍‌ଗିରି ଜିଲ୍ଲାରେ । ଗରୀବ ଦୁଃଖିରଙ୍କି ଆଦିବାସୀଙ୍କ ସେବାରେ ସେ ଦିନରାତି କାମ କଲା । ରୋଗୀସେବା ତା' ଜୀବନର ବ୍ରତ ହେଲା । ଲୋକେ ତାକୁ ଆପଣାର ବୋଲି ଭାବିବାକୁ ଲାଗିଲେ ।

**(ଖ) ଆସ ଉପର ଅନୁଚ୍ଛେଦ ଆଧାରରେ କିଏ, କାହିଁକି, କିପରି ଶବ୍ଦ ବ୍ୟବହାର କରି ପ୍ରଶ୍ନ ତିଆରି କରିବା ।**

(କ) ______________________________

(ଖ) ______________________________

(ଗ) ______________________________

(ଘ) ______________________________

(ଙ) ______________________________

**(ଗ) ଆସ ଶୂନ୍ୟସ୍ଥାନ ପୂରଣ କରିବା ।**

(କ) ବ୍ରହ୍ମାନନ୍ଦ ଜଣେ ________________ ଛାତ୍ର ।

(ଖ) ରୋଗୀ ସେବା ତା' ଜୀବନର ________________ ଥିଲା ।

(ଗ) ବ୍ରହ୍ମପୁରରେ ________________ ର ଘର ।

(ଘ) ସତକୁ ସତ ସେ ଜଣେ ________________ ହେଲା ।

**(ଘ) ଆସ ଅନୁଚ୍ଛେଦରୁ ଯୁକ୍ତାକ୍ଷର ଥିବା ଶବ୍ଦଗୁଡ଼ିକୁ ଖୋଜି ଲେଖିବା ।**

________________ ________________

________________ ________________

________________ ________________

**ଲକ୍ଷ୍ୟ ପ୍ରଶ୍ନ**

**ତୁମେ ଖୋଜି ଲେଖିଥିବା ଯୁକ୍ତାକ୍ଷର ବିଶିଷ୍ଟ ଶବ୍ଦକୁ ବାକ୍ୟରେ ବ୍ୟବହାର କରି ଲେଖ ।**

# କାର୍ଯ୍ୟଫର୍ଦ୍ଦ - ୩୯

**ଶିକ୍ଷଣ ଫଳାଫଳ :-**

- **ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।**

**ଆସ, ଅନୁଚ୍ଛେଦଟିକୁ ପଢ଼ିବା ।**

(କ) ପୁଅମାନେ କାର୍, ବସ୍, ଟ୍ରକ୍ ଚଳାନ୍ତି । ହେଲେ ଆଜିକାଲି ଝିଅମାନେ ମଧ୍ୟ କାର୍, ବସ୍, ଟ୍ରକ୍ ସହିତ ଅଟୋରିକ୍ସା, ରେଳ, ଉଡ଼ାଜାହାଜ ଆଦି ଚଳାଇ ପାରୁଛନ୍ତି । ପୁଅ, ଝିଅ ମଧ୍ୟରେ ଆଜିକାଲି ସେଭଳି କିଛି ଫରକ୍ ନାହିଁ । ଝିଅମାନେ କଠିନ ପରିଶ୍ରମ, ଇଚ୍ଛାଶକ୍ତି ଓ ଦୃଢ଼ ମନୋବଳ ସହିତ ଭଲ ପାଠ ପଢ଼ି ସମାଜରେ ପ୍ରତିଷ୍ଠା ଅର୍ଜନ କଲେଣି । ବହୁ କ୍ଷେତ୍ରରେ ଝିଅମାନେ ପୁଅମାନଙ୍କ ଠାରୁ ଅଧିକ ଦକ୍ଷ ହୋଇ ଚାକିରୀ, ବ୍ୟବସାୟ, ସମାଜସେବା, ରାଜନୀତି କ୍ଷେତ୍ରରେ ସୁନାମ ଅର୍ଜନ କଲେଣି । ପରିବାର ପ୍ରତିପୋଷଣରେ ନାରୀମାନଙ୍କ ଭୂମିକା ମଧ୍ୟ ପୁରୁଷମାନଙ୍କ ଠାରୁ କମ୍ ନୁହେଁ ।

**(ଖ) ଉପର ଅନୁଚ୍ଛେଦ ଆଧାରରେ ଆସ ବାକ୍ୟର ଅଧା ଅଂଶକୁ ପୂରଣ କରିବା ।**

ଆଜିକାଲି ଝିଅମାନେ କାର, ବସ୍, ଟ୍ରକ୍, ସହିତ ____________________

____________________

ପୁଅ, ଝିଅ ମଧ୍ୟରେ ଆଜିକାଲି ସେଭଳି ____________________

____________________

ଝିଅମାନେ ____________________

ସମାଜରେ ପ୍ରତିଷ୍ଠା ଅର୍ଜନ କଲେଣି ।

ବହୁ କ୍ଷେତ୍ରରେ ଝିଅମାନେ________________________________________________

________________________________________________________________

(ଗ) **ଆସ ଉତ୍ତର କହିବା :-**

ଆଜିକାଲି ଝିଅମାନେ କେଉଁକେଉଁ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ପାରୁଛନ୍ତି ?

________________________________________________________________

________________________________________________________________

________________________________________________________________

**ଲକ୍ଷ୍ୟ ପ୍ରଶ୍ନ**

**ଝିଅ ମାନେ ପାଠ ପଢ଼ିବା କାହିଁକି ଜରୁରୀ ଅଟେ, ବର୍ଣ୍ଣନା କରି ଲେଖ ।**

## କାର୍ଯ୍ୟପତ୍ର - ୪୦

**ଶିକ୍ଷଣ ଫଳାଫଳ :-**

**ଭିନ୍ନ ଭିନ୍ନ ପ୍ରକାର ବିଷୟ ବସ୍ତୁରେ ଆସୁଥିବା ନୂଆ ଶବ୍ଦକୁ ବୁଝି ସେଗୁଡିକର ଅର୍ଥ ବାହାର କରିବ।**

**(କ) ନିମ୍ନଲିଖିତ ବାକ୍ୟ ଗୁଡ଼ିକରେ ଥିବା ଶୂନ୍ୟସ୍ଥାନ ପୂରଣ କରିବା ।**

ପ୍ରତ୍ୟେକ ବାକ୍ୟ ତଳେ ତିନୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଥି ମଧ୍ୟରୁ ଠିକ୍ ଉତ୍ତରକୁ ବାଛି ଗୋଲ ବୁଲାଅ ।

୧. ପର୍ବତରୁ ______________ ବାହାରିଥାଏ ।

(କ) କୁସୁମ

(ଖ) ନେତ୍ର

(ଗ) ତଟିନୀ

୨. ଦୁଃଖରେ ଲୋକଟିର ______________ ରୁ ଲୁହ ଝରି ପଡ଼ିଲା ।

(କ) ନାସା

(ଖ) ଚକ୍ଷୁ

(ଗ) କର୍ଣ୍ଣ

୩. ଠାକୁରଙ୍କୁ ______________ ରେ ସଜା ଯାଇଛି ।

(କ) ବାତ

(ଖ) ପୁଷ୍ପ

(ଗ) ନୀର

୪. ବୃକ୍ଷଟି ______________ ମାନଙ୍କ କଳକଳ ରାବରେ ମୁଖରିତ ।

(କ) ସୁମନ

(ଖ) ବିହଗ

(ଗ) ସମୀର

୫. ପୂର୍ବ ଦିଗରେ ______________________ ଉଦୟ ହୁଅନ୍ତି ।

(କ) ରବି

(ଖ) ଗିରି

(ଗ) ବାରି

**(ଖ) ଆସ ଦୁଇଟି ସ୍ତମ୍ଭରୁ ସମାନ ଅର୍ଥ ପ୍ରକାଶ ପାଉଥିବା ଶବ୍ଦକୁ ଗାର ଟାଣି ଯୋଡ଼ିବା ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସମୁଦ୍ର | ମୃତ୍ତିକା |
| ମାଟି | ବିହଗ |
| ଫୁଲ | ସାଗର |
| ଆକାଶ | ତଟିନୀ |
| ପକ୍ଷୀ | ନଭ |
| ନଦୀ | କୁସୁମ |

**ଲକ୍ଷ୍ୟ ପ୍ରଶ୍ନ**

**ତଳେ ଦିଆଯାଇଥିବା ଶବ୍ଦଗୁଡିକୁ ଭିନ୍ନ ଅର୍ଥ ପ୍ରକାଶ କରୁଥିବା ବାକ୍ୟରେ ବ୍ୟବହାର କର ।**

ବାସ –

ବାସ –

କର –

କର –

ସର –

ସର –

ପାଣି –

ପାଣି –

# କାର୍ଯ୍ୟଫର୍ଦ୍ଦ - ୪୧

**ଶିକ୍ଷଣ ଫଳାଫଳ :-**

- **ବିଭିନ୍ନ ଉଦ୍ଦେଶ୍ୟ ଲେଖିବା ସମୟରେ ଶବ୍ଦଚୟନ, ବାକ୍ୟ ସଂରଚନା ଓ ବିଭିନ୍ନ ପ୍ରକାର ଲେଖା ପାଇଁ (ଯେପରି ସାଙ୍ଗକୁ ଚିଠି ଲେଖିବା, ପତ୍ରିକାର ସଂପାଦକକୁ ପତ୍ର ଲେଖିବା) ନିଜେ ସିଦ୍ଧାନ୍ତ ଗ୍ରହଣ କରିବ ।**

ଆସ, ପତ୍ରଟିକୁ ପଢ଼ିବା ।

ପଞ୍ଚସଖା ନଗର

ତା: ୧୨.୦୭.୨୦୧୮

ପ୍ରିୟ ସାଙ୍ଗ କଲ୍ୟାଣୀ,

ମୋର ଶୁଭେଚ୍ଛା ନେବ । ଗୁରୁଜନମାନଙ୍କୁ ପ୍ରଣାମ ଓ ସାନମାନଙ୍କୁ ମୋର ସ୍ନେହ ଜଣାଇଦେବ । କାଲି ତୁମ ଚିଠି ପାଇଲି । ଗତ ଗ୍ରୀଷ୍ମଛୁଟି ମୁଁ କିପରି କଟାଇଲି, ତୁମେ ଜାଣିବାକୁ ଚାହିଁଛ । ମୁଁ ସେ ବିଷୟରେ ତଳେ ଲେଖୁଛି ।

ଏଥର ଗ୍ରୀଷ୍ମ ଛୁଟିରେ ମୁଁ ଭୁବନେଶ୍ୱର ଯାଇଥିଲି । ସେଠାରେ ମୋ ମାମୁ ଚାକିରୀ କରନ୍ତି । ତାଙ୍କ ଘରେ ରହି ମୁ ଭୁବନେଶ୍ୱରର ଅନେକ ଦର୍ଶନୀୟ ସ୍ଥାନ ଦେଖିବାର ସୁଯୋଗ ପାଇଲି । ଏହା ଆମ ରାଜ୍ୟ ଓଡ଼ିଶାର ରାଜଧାନୀ । ଏହାର ରାସ୍ତାଘାଟ ଭାରି ପରିଷ୍କାର । ପ୍ରଥମ ଦିନ ମୁ ମୋ ଭାଇଙ୍କ ସହ ଲିଙ୍ଗରାଜ ମନ୍ଦିର, ରାଜାରାଣୀ ମନ୍ଦିର, କେଦାରଗୌରୀ ଆଦି ଅନେକ ସୁନ୍ଦରସୁନ୍ଦର ମନ୍ଦିର ଦେଖିଲି । ତା'ପରେ ତିନିଦିନ ଧରି ମୁ ଖଣ୍ଡଗିରି, ଉଦୟଗିରି, ଧଉଳି, ବିମାନ ବନ୍ଦର, ରବୀନ୍ଦ୍ର ମଣ୍ଡପ, ଇନ୍ଦିରା ଗାନ୍ଧୀ ପାର୍କ, ରାଜ୍ୟ ସଂଗ୍ରହାଳୟ, ପ୍ଲାନୋଟୋରିୟମ୍, ନିକୋ ପାର୍କ ଆଦି ଦର୍ଶନୀୟ ସ୍ଥାନଗୁଡ଼ିକ ଦେଖିବାର ସୁଯୋଗ ପାଇଲି । ଏହାର ପରିବେଶ ମୋତେ ଖୁବ୍ ଭଲ ଲାଗିଲା ।

ତୁମ ଦେହ କେମିତି ଅଛି ? ମୋର ପାଠ ପଢ଼ା ଠିକ୍ ଚାଲିଅଛି । ଚିଠି ପାଇ ଚିଠି ଦେବ ।

(ଇତି)

ତୁମର ସାଙ୍ଗ ସସ୍ମିତା

**ଠିକଣା**

| ପ୍ରେରକ, | ପ୍ରାପକ, |
|---|---|
| **ସସ୍ମିତା ସାହୁ**<br>ସ୍ଥାନ - ପଞ୍ଚସଖା ନଗର<br>ପୋ.- ରଘୁନାଥ ନଗର<br>ଜିଲ୍ଲା - ମୟୂରଭଞ୍ଜ | ଡାକ ଟିକଟ<br>**କଲ୍ୟାଣୀ ଦାଶ**<br>ସ୍ଥାନ - ବାରୁଣା<br>ପୋ.- ତଳକୁସୁମା<br>ଜିଲ୍ଲା - କେନ୍ଦ୍ରାପଡ଼ା |

## ଆସ ଲେଖିବା

ତୁମ ବିଦ୍ୟାଳୟରେ ଗଣେଶ ପୂଜା କିପରି ପାଳନ କଲ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

# କାର୍ଯ୍ୟଫର୍ଦ୍ଦ - ୪୨

## ଦ୍ୱିତୀୟ ଗଠନମୂଳକ ଆକଳନ

ପୂର୍ଣ୍ଣସଂଖ୍ୟା - ୨୦

୧. ଅନୁଚ୍ଛେଦଟିକୁ ପଢ଼ି ଦିଆଯାଇଥିବା ପ୍ରଶ୍ନର ଠିକ ଉତ୍ତର ପାଖରେ (✓) ଚିହ୍ନ ଦିଅ। (୪)

ବୁଦ୍ଧଦେବ ଓ ହରିଶ୍ଚନ୍ଦ୍ର ଦୁଇ ବନ୍ଧୁ। ଥରେ ସେମାନେ ରତ୍ନଗିରି ପର୍ବତ ବୁଲିବାକୁ ଗଲେ। ପାଦଦେଶରେ ଖମ୍ଭେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର। ଖମ୍ଭେଶ୍ୱରୀଙ୍କୁ ଦର୍ଶନ କଲେ ଏବଂ ଭ୍ରମଣସାରି ଦୁହେଁ ଉଲ୍ଲାସମନରେ ପ୍ରତ୍ୟାବର୍ତ୍ତନ କଲେ।

ପ୍ରଶ୍ନ (କ) ବୁଦ୍ଧଦେବ ଓ ହରିଶ୍ଚନ୍ଦ୍ର କେଉଁଠାକୁ ବୁଲିବାକୁ ଯାଇଥିଲେ ?

(କ) ଧଉଳି ଗିରି

(ଖ) ରତ୍ନଗିରି

(ଗ) ଲଳିତ ଗିରି

(ଘ) ଉଦୟ ଗିରି

(ଖ) ସେମାନେ ଖମ୍ଭେଶ୍ୱରୀ ଠାକୁରାଣୀଙ୍କ ମନ୍ଦିରକୁ ଯାଇଥିଲେ କାହିଁକି ?

(କ) ପୂଜା କରିବାପାଇଁ

(ଖ) ବଣଭୋଜି କରିବା ପାଇଁ

(ଗ) ଦର୍ଶନ କରିବା ପାଇଁ

(ଘ) ପୁଷ୍ପାଞ୍ଜଳି ଦେବାପାଇଁ

(୨) କେଉଁ ଶବ୍ଦଟି "ପାହାଡ଼ିଆ" ଶବ୍ଦଭଳି ଅଟେ ? (୨)

(କ) ବୁଦ୍ଧିଆ

(ଖ) ନଡ଼ିଆ

(ଗ) ହାଡୁଆ

(ଘ) ଗହଳିଆ

୩. କେଉଁ ଶବ୍ଦଟି 'ଜୟ' ର ବିପରୀତ ଅର୍ଥକୁ ବୁଝାଉଛି ? (୨)

(କ) ପରାଜୟ

(ଖ) ବିଜୟ

(ଗ) ଅଜୟ

(ଘ) ସଞ୍ଜୟ

୪. ଉପଯୁକ୍ତ ଚିହ୍ନ ବ୍ୟବହାର କରାଯାଇଥିବା ବାକ୍ୟ ପାଖରେ (✓) ଚିହ୍ନ ଦିଅ। (୨)

(କ) ଶିକ୍ଷକ ଅରମାନକୁ ପଚାରିଲେ, "ତୁମର ଆଜି କାହିଁକି ଡେରି ହେଲା'' ?

(ଖ) ଶିକ୍ଷକ ଅରମାନକୁ ପଚାରିଲେ, ତୁମର ଆଜି କାହିଁକି ଡେରି ହେଲା !

(ଗ) ଶିକ୍ଷକ ଅରମାନକୁ ପଚାରିଲେ, "ତୁମର ଆଜି କାହିଁକି ଡେରି ହେଲା''

(ଘ) ଶିକ୍ଷକ ଅରମାନକୁ ପଚାରିଲେ ତୁମର ଆଜି କାହିଁକି ଡେରି ହେଲା,

୫. "ସ୍ୱର୍ଣ୍ଣ" ଶବ୍ଦ ସହିତ ସଂପର୍କିତ ଶବ୍ଦ ପାଖରେବ ଚିହ୍ନ ଦିଅ। (୨)

(କ) ବୃକ୍ଷ

(ଖ) ମୁଦ୍ରା

(ଗ) ଗୃହ

(ଘ) ଜଳ

୬. ଟିକି ଚଢ଼େଇ, ଟିକିଏ ପାଣିରେ ବୁଡ଼ି ମରଇ- ଏହି ଉକ୍ତି ପାଇଁ ଯେଉଁ ଉତ୍ତରଟି ଠିକ୍ ତା' ପାଖରେ (✓) ଚିହ୍ନ ଦିଅ। (୨)

(କ) ଘରଚଟିଆ

(ଖ) ଜାଲ

(ଗ) ଲୁଣ

(ଘ) କାଠ

୭. "ପିତା" ଶବ୍ଦର ସ୍ତ୍ରୀଲିଙ୍ଗ ରୂପଟି । (୨)

(କ) ପତ୍ନୀ

(ଖ) ନାରୀ

(ଗ) ଭଗ୍ନି

(ଘ) ମାତା

୮. ଅଲଗା ଶବ୍ଦଟିକୁ ଚିହ୍ନାଅ । (୨)

(କ) ପୋଷାକ

(ଖ) ଘର

(ଗ) ବାସ

(ଘ) ଗୃହ

୯. ବାକ୍ୟରେ ରେଖାଙ୍କିତ ଯେଉଁ ଶବ୍ଦଟି 'କାମ' କୁ ବୁଝାଉଛି, ତା'ପାଖରେ (✓) ଚିହ୍ନ ଦିଅ। (୨)

(କ) ରାସ୍ତା ଉପରେ ଗଛଟିଏ ପଡ଼ିଛି।

(ଖ) ରାସ୍ତା ଉପରେ ଗଛଟିଏ ପଡ଼ିଛି।

(ଗ) ରାସ୍ତା ଉପରେ ଗଛଟିଏ ପଡ଼ିଛି।

(ଘ) ରାସ୍ତା ଉପରେ ଗଛଟିଏ ପଡ଼ିଛି।

# ବର୍ଷର ଅବଶିଷ୍ଟ ସମୟ ପାଇଁ

## କାର୍ଯ୍ୟଫର୍ଦ୍ଦ - ୧

**ଶିକ୍ଷଣ ଫଳାଫଳ :-**

- ଭାଷାରେ ନିହିତ ଶବ୍ଦ ଓ ଧ୍ୱନି ସହିତ ଖେଳି ମଜା ନେବ ଯେପରି ଚକାଚକା ଭଉଁରୀ.....
- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ।

- **ଆସ, ଅନୁଚ୍ଛେଦଟି ପଢ଼ିବା ।**

ପ୍ରଭାତ ସମୟ । ପୂର୍ବ ଦିଗରେ ସୂର୍ଯ୍ୟ ଉଦୟ ହୋଇ ଆସୁଥା'ନ୍ତି । ଅମ୍ଳାନ ଶେଯରୁ ଉଠିଲା । ନିତ୍ୟକର୍ମ ସାରି ନିଜର ବହିପତ୍ର ସଜାଡ଼ିଲା । ମାଆ ଖାଇବା ପ୍ରସ୍ତୁତ କରି ତାକୁ ଡାକିଲେ । ସେ ତା' ସାଙ୍ଗ କହ୍ନେଇ ସହିତ ବିଦ୍ୟାଳୟକୁ ଗଲା । ସେଠାରେ ସଫେଇ, ପ୍ରାର୍ଥନା, ପାଠପଢ଼ା ପରେ ମଧ୍ୟାହ୍ନ ଭୋଜନ ଖାଇଲା । ତା' ଶ୍ରେଣୀର ପଦ୍ମିନୀ ତାର ପ୍ରତିଯୋଗୀ । ପାଠପଢ଼ାରେ ସବୁବେଳେ ଦୁହିଁଙ୍କର ଯୁକ୍ତିତର୍କ ହୋଇଥାଏ । ଅମ୍ଳାନ ପଦ୍ମିନୀକୁ ବ୍ୟାଡମିଣ୍ଟନ୍ ଖେଳିବାକୁ ଡାକିଲା । ଖେଳ ଶେଷରେ କ୍ଲାନ୍ତ ହୋଇ ଦୁହେଁ ଗଛମୂଳେ ବସି ପଡିଲେ । ପରଦିନ ଗଣତନ୍ତ୍ର ଦିବସ ଥିବାରୁ ଖେଳସାରି ପ୍ୟାରେଡ୍ ପାଇଁ ଗଲେ । ଅମ୍ଳାନ ସହ ତା'ର ସାଙ୍ଗ ବିଷ୍ଣୁ ଓ ବଙ୍କି ସ୍ଲୋଗାନ୍ ଦେବାପାଇଁ ବଛାହେଲେ । ସେମାନଙ୍କ ମନ ଭାରି ଖୁସି । କହ୍ନେଇ କ୍ୟାପଟେନ୍ ହୋଇଥାଏ । ତେଣୁ ସମସ୍ତେ ଏକାଠି ଅଭ୍ୟାସ କରି ଘରକୁ ଫେରିଲେ ।

**ପ୍ରଶ୍ନ-୧ ଉପର ଲିଖିତ ଅନୁଚ୍ଛେଦରେ ମାତ୍ରା, ଫଳା ଓ ଯୁକ୍ତାକ୍ଷର ଥିବା ଶବ୍ଦ ଗୁଡ଼ିକ ଖୋଜି ତଳେ ଲେଖିବା ।**

| ଫଳା ଓ ମାତ୍ରା ଥିବା ଶବ୍ଦ | ଯୁକ୍ତାକ୍ଷର ଥିବା ଶବ୍ଦ |
|---|---|
| | |

ପ୍ରଶ୍ନ-୨ ତଳେ ଲେଖାଯାଇଥିବା ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦ ଲେଖିବା ।

ଉଦୟ : ______________________

ଉଠିଲା : ______________________

ଗଲା : ______________________

ଦିବସ : ______________________

## କାର୍ଯ୍ୟଫର୍ଦ୍ଦ - ୨

**ଶିକ୍ଷଣ ଫଳାଫଳ :-**

- **ସ୍ୱରର ଉତ୍ଥାନପତନ, ଗତି, ଲୟ, ଠିକ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ କହିବ ।**
- **ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସଚେତନ ହୋଇ ଲେଖିବ ।**

- **ଆସ, ପଦଟି ଆବୃତ୍ତି କରିବା,**

ମାଟି ମାଆର ପେଟ ଭିତର
ଅନ୍ଧାର କିଟିକିଟି,
ସେଇଠି ଥିଲି ଜନମ ହେଲି
ଗୋଡକୁ ଆଗ ଛାଟି ।

କୋଳେଇ ନେଲା ମାଟି
କେତେ ସୁନ୍ଦର ନୀଳ ଆକାଶ
ଚାହିଁଲି ମିଟିମିଟି ।

ଖାଦ୍ୟ ଖାଇଲି ପାଣି ପିଇଲି
ଖରାକୁ କାଢ଼ି ମୁହଁ,
ଧୀରେ ବଢ଼ିଲି ବଡ଼ ମୁଁ ହେଲି
ଶାଗୁଆ ହେଲା ଦେହ ।

ନାଆଁଟି ମୋର କୁହ ?
ଗଛଟିଏ ମୁଁ ଉପକାରୀ ମୁଁ
ଯତନ ମୋର ନିଅ ।

**ପ୍ରଶ୍ନ-୧ ପଦ୍ୟଟି ପଢ଼ି କେଉଁ ପଦଟି ତଳ ଧାଡ଼ି ସହ ମେଳ ଖାଉଛି ଲେଖିବା ।**

(କ) ସୁନ୍ଦର ନୀଳ ଆକାଶକୁ ମୁଁ ମିଟିମିଟି କରି ଚାହିଁଲି ।

___________________________

(ଖ) ଖରାରେ ମୁହଁ ଦେଖାଇ ମୁଁ ଖାଦ୍ୟ ଖାଇଲି ଏବଂ ପାଣି ପିଇଲି ।

______________________________

(ଗ) ଧୀରେଧୀରେ ମୁଁ ବଡ ହେଲି ଏବଂ ମୋ ଦେହ ସବୁଜ ହେଲା ।

______________________________

(ଘ) ମୁଁ ଗଛ, ମୁଁ ଉପକାରୀ, ମୋର ଯତ୍ନ ନିଅ ।

______________________________

**ପ୍ରଶ୍ନ-୨ ଯେପରି ଉପକାରୀ - ଗଛ ସେପରି ତଳ ଶବ୍ଦରେ କ'ଣ ଲାଗିବ କହିବା ।**

ନୀଳ -

ଶାଗୁଆ -

**ପ୍ରଶ୍ନ-୩ ଯେପରି, ଯେ ଉପକାର କରେ - ଉପକାରୀ**

ସେପରି, ଯେ ସହଯୋଗ କରେ -

ଯେ ଉଦ୍‌ଯୋଗ କରେ -

ଯେ ପ୍ରତିଯୋଗିତା କରେ -

**ପ୍ରଶ୍ନ-୪ ଗଦ୍ୟ ରୂପ କରିବା ।**

ଜନମ -

ଯତନ -

## କାର୍ଯ୍ୟଫର୍ଦ୍ଦ - ୩

**ଶିକ୍ଷଣ ଫଳାଫଳ :-**

- **ସ୍ୱରର ଉପଯୁକ୍ତ ଉତ୍‌ଥାନ, ପତନ, ଗତି, ଲୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ କହିବ ।**
- **ଭିନ୍ନ ଭିନ୍ନ ପ୍ରକାରର ପ୍ରବନ୍ଧ ସାମଗ୍ରୀକୁ (ଖବରକାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ଆଲୋଚନା କରିବ । ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ / ଲିଖିତଭାବରେ ଦେବ ।**
- **ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ ।**

- ତଳ କବିତାଟି ଆବୃତ୍ତି କରିବା ।

ମନକଥା ବୁଝି ଥଟ୍ଟାମଜା କରି
ମନକୁ ଦିଏ ମଜାଇ,
ବିପଦ ଆପଦେ ପାଶେ ଠିଆ ହୁଏ,
ଭଲ ସାଙ୍ଗ ସିନା ସେହି ।

ଅପେକ୍ଷା କରଇ ସ୍କୁଲ୍ ଯିବା ପାଇଁ
ହେଲେ ବି ଯେତେ ଉଚ୍ଛୁର,
ଯିଏ ଯେତେ ଗାଳି ଦେଲେ ପଛେ ଦେଉ,
ନଥାଏ ତା'ର ଖାତର ।

**୧. ଆସ, କଥା ହେବା ଓ ଲେଖିବା ।**

(କ) ଆମ ମନକଥା କିଏ ବୁଝିଥାଏ ?

ଉତ୍ତର: ______________________________

(ଖ) ମନକୁ ମଜାଇବା ପାଇଁ ସାଙ୍ଗ କ'ଣ କରେ ?

ଉତ୍ତର: ______________________________

(ଗ) ସାଙ୍ଗ କାହିଁକି ଅପେକ୍ଷା କରିଥାଏ ?

ଉତ୍ତର: ______________________________

(ଘ) ଭଲ ସାଙ୍ଗ କିଏ ?

ଉତ୍ତର: ______________________________

**୨. ଖାଲି ସ୍ଥାନ ପୂରଣ କରିବା ।**

(କ) ବିପଦ ଆପଦେ ପାଶେ ଠିଆ ହୁଏ ।

______________________________

(ଖ) ______________________________

ନଥାଏ ତା'ର ଖାତିର ।

**୩. 'ଥଟ୍ଟାମଜା' ପରି ଆଉ କେତୋଟି ଯୋଡ଼ି ଶବ୍ଦ ଲେଖିବା ।**

__________, __________, __________

__________, __________, __________

__________, __________, __________

__________, __________, __________

## କାର୍ଯ୍ୟଫର୍ଦ୍ଦ - ୪

**ଶିକ୍ଷଣ ଫଳାଫଳ :-**

- ପରିଚିତ / ଅପରିଚିତ, ଲିଖିତ ସାମଗ୍ରୀର ଆଗ୍ରହ ଦେଖାଇବ ଏବଂ ଅର୍ଥ ଖୋଜିବା ପାଇଁ ବିଭିନ୍ନ ପ୍ରକାର କୌଶଳକୁ ବ୍ୟବହାର କରି କହିବ, ଯେପରି ଚିତ୍ର ବା ପ୍ରିଣ୍ଟ୍ ସାହାଯ୍ୟରେ ଅନୁମାନ କରିବ । ଶବ୍ଦକୁ ଚିହ୍ନିବ, ପୂର୍ବ ଅନୁଭୂତି ଆଧାରରେ ଅନୁମାନ କରିବ ।
- ଭିନ୍ନଭିନ୍ନ ପ୍ରକାରର ପ୍ରବନ୍ଧ ସାମଗ୍ରୀକୁ (ଖବରକାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ଆଲୋଚନା କରିବ । ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ / ଲିଖିତଭାବରେ ଦେବ ।

**ଆସ, ତଳେ ଦିଆଯାଇଥିବା କାହାଣୀଟି ପଢ଼ିବା**

ଗାଆଁ ନାଁ କହ୍ନେଇପୁର । ପୁରନ୍ଦର ସେହି ଗାଆଁର ବାସିନ୍ଦା । ନଦୀବନ୍ଧ କଡ଼ରେ ତାଙ୍କ ଘର । ତାଙ୍କର ସମ୍ପତ୍ତି ବୋଲି କିଛି ନାହିଁ । ପାମ୍ପଡ଼ ବିକି ସେ କୁଟୁମ୍ବ ପୋଷନ୍ତି । ପୁଅ ରତ୍ନାକର ଗାଁ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢ଼େ । ପାଠ ପଢ଼ି ଭଲ ମଣିଷଟିଏ ହେବାକୁ ସେ ସ୍ୱପ୍ନ ଦେଖେ । ବାପାଙ୍କର ଅର୍ଥବଳ ନାହିଁ ସିନା, ମାତ୍ର ସେ ବୁଝିଛି, ଆନ୍ତରିକ ଉଦ୍ୟମ ଓ କର୍ମରେ ନିଷ୍ଠା ରହିଲେ ଜୀବନରେ ସବୁ ବାଧାବିଘ୍ନକୁ ଏଡ଼ାଇ ଦେଇ ହେବ । ତା'ର ଲକ୍ଷ୍ୟ, ବଡ଼ ହେଲେ ଡାକ୍ତରଟିଏ ହେବ । ଦୁଃଖୀ ଓ ରୋଗୀଙ୍କୁ ଚିକିତ୍ସା ଯୋଗାଇଦେବ । ଗାଁ ଲୋକେ ତା'ର ମଙ୍ଗଳ ପାଇଁ ଗ୍ରାମଦେବତୀଙ୍କୁ ପ୍ରାର୍ଥନା କଲେ ।

ଦିନ ଆସିଲା, ରତ୍ନାକର ଜଣେ ଭଲ ଡାକ୍ତର ହେଲା । ଗାଁ ପାଇଁ ରତ୍ନ ପାଲଟିଗଲା । ଲୋକେ କହିଲେ - ଆମ ଗାଁର ରତ୍ନ 'ରତ୍ନାକର' ।

**ଉତ୍ତର ଲେଖିବା :-**

**ପ୍ରଶ୍ନ-୧**

(କ) ପୁରନ୍ଦରଙ୍କର ଗାଆଁର ନାମ କ'ଣ ଥିଲା ?

________________________________________

(ଖ) ରତ୍ନାକରର କ'ଣ ସ୍ୱପ୍ନ ଥିଲା ?

________________________________________

(ଗ) ସେ ଡାକ୍ତର ହୋଇ କ'ଣ କରିବ ବୋଲି ଭାବୁଥାଏ ?

______________________________

(ଘ) ତା'ର ମଙ୍ଗଳ ପାଇଁ ଗାଁ ଲୋକେ କ'ଣ କଲେ ?

______________________________

(ଙ) ଆମେ ଜୀବନରେ ସବୁ ବାଧାବିଘ୍ନକୁ କିପରି ଏଡ଼ାଇ ଦେଇ ପାରିବା ?

______________________________

**ପ୍ରଶ୍ନ-୨ ଖାଲି ସ୍ଥାନରେ ଠିକ୍ ଶବ୍ଦଟି ଲେଖିବା ।**

(କ) ଗାଆଁର ନାଁ __________ ।

(ଖ) ପୁରନ୍ଦର __________ ବିକି କୁଟୁମ୍ବ ପୋଷନ୍ତି ।

(ଗ) ରତ୍ନାକର __________ ଶ୍ରେଣୀରେ ପଢ଼େ ।

(ଘ) ତା'ର ଲକ୍ଷ୍ୟ, ବଡ଼ ହେଲେ ଜଣେ __________ ହେବ ।

**କାହାଣୀରୁ ଯୁକ୍ତାକ୍ଷର ବିଶିଷ୍ଟ ଶବ୍ଦଗୁଡ଼ିକୁ ଖୋଜି ଲେଖିବା ।**

__________, __________, __________

__________, __________, __________

__________, __________, __________

__________, __________, __________

## କାର୍ଯ୍ୟଫର୍ଦ୍ଦ - ୫

**ଶିକ୍ଷଣ ଫଳାଫଳ :-**

- **ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ ।**
- **ଭିନ୍ନ ଭିନ୍ନ ପ୍ରକାରର ପ୍ରବନ୍ଧ ସାମଗ୍ରୀକୁ (ଖବରକାଗଜ, ଶିଶୁ ପତ୍ରିକା ଆଦି) ପଢି ବୁଝିବା ସହିତ ଆଲୋଚନା କରିବ । ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ / ଲିଖିତଭାବରେ ଦେବ ।**

**ଆସ, ଅନୁଚ୍ଛେଦଟିକୁ ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଲେଖିବା ।**

ଜଙ୍ଗଲିଆ ସ୍ଥାନ । ପାଖରେ ବହି ଯାଉଥାଏ ନଈଟିଏ । ନଈକୂଳର ଜମିରେ ଲୋକମାନେ ପନିପରିବା ଚାଷ କରିଥା'ନ୍ତି । ଦିନକର କଥା । ବୁଢ଼ୀଟିଏ ନିଜ ପରିବା କ୍ଷେତରୁ ପରିବାପତ୍ର ତୋଳି ଅଖାରେ ଭର୍ତ୍ତି କଲା । ପାଖ ଗାଁରେ ବୁଢ଼ୀର ଘର । ସଞ୍ଜ ହୋଇ ଆସୁଥାଏ । ଘରକୁ ଫେରିବା ଲାଗି ବୁଢ଼ୀଟି ତରତର ହେଉଥାଏ । ପରିବାବସ୍ତାଟି ଓଜନିଆ ହୋଇଥିବାରୁ ସେ ଏକାଏକା ମୁଣ୍ଡ ଉପରକୁ ଉଠାଇ ପାରୁନଥାଏ । ଭାବୁଥାଏ କେହି ଜଣେ ଆସିଲେ ବସ୍ତାଟିକୁ ମୁଣ୍ଡ ଉପରକୁ ଟେକି ଦିଅନ୍ତା କି ସେ ଆରାମରେ ଯାଇପାରନ୍ତା ଘରକୁ । ସେହି ବାଟ ଦେଇ ବହୁତ ଲୋକ ସାଇକେଲ୍ ଓ ମଟର ସାଇକେଲ୍‌ରେ ଯାଉଥା'ନ୍ତି । ଅଟକିବାପାଇଁ ବୁଢ଼ୀ ତାଙ୍କୁ ଅନୁରୋଧ କରୁଥାଏ, କିନ୍ତୁ କେହି ବୁଢ଼ୀ ଆଡ଼େ ଟିକିଏ ବି ଅନାଉ ନଥା'ନ୍ତି । ଅନେକ ସମୟ ପରେ ମଟର ସାଇକେଲ୍‌ରେ ଜଣେ ବାବୁ ଆସିଲେ । ଗାଡ଼ି ଅଟକାଇଲେ । ସେତେବେଳକୁ ବୁଢ଼ୀର କାନ୍ଦକାନ୍ଦ ଅବସ୍ଥା । ବାବୁ ସବୁ ବୁଝିଲେ । ବସ୍ତାଟିକୁ ବୁଢ଼ୀର ମୁଣ୍ଡ ଉପରକୁ ଟେକିଦେଲେ । ମୁହଁରେ ତା'ର ହସ ଫୁଟି ଉଠିଲା । ବାବୁଙ୍କୁ ଅନେକ କଲ୍ୟାଣ କରି ବୁଢ଼ୀଟି ଧୀରେଧୀରେ ଘରକୁ ଫେରିଲା ।

**୧. 'ଧୀରେଧୀରେ', 'କାନ୍ଦକାନ୍ଦ' ପରି ଆଉ କେତେକ ଶବ୍ଦ ଲେଖିବା ।**

_______________, _______________, _______________, _______________

**୨. ଆସ, କଥା ହେବା ଓ ଲେଖିବା ।**

(କ) ଲୋକମାନେ କେଉଁଠାରେ ପନିପରିବା ଚାଷ କରିଥା'ନ୍ତି ?

ଉତ୍ତର: ________________________________________

(ଖ) ବୁଢ଼ୀ ପରିବାବସ୍ତାଟି କାହିଁକି ମୁଣ୍ଡ ଉପରକୁ ଉଠାଇ ପାରୁନଥାଏ ?

ଉତ୍ତର: ______________________________

(ଗ) ବୁଢ଼ୀ ମୁହଁରେ କେତେବେଳେ ହସ ଫୁଟି ଉଠିଲା ?

ଉତ୍ତର: ______________________________

୩. **ଯେପରି - ଘର - ବାହାର**

ସେହିପରି କ'ଣ ହେବ ଲେଖିବା ।

ବହୁତ -

ବାଟ -

ସଞ୍ଜ -

## କାର୍ଯ୍ୟଫର୍ଦ୍ଦ - ୬

**ଶିକ୍ଷଣ ଫଳାଫଳ :-**

- ସ୍ୱରର ଉପଯୁକ୍ତ ଉତ୍‌ଥାନ, ପତନ, ଗତି, ଲୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ କହିବ । ଭିନ୍ନ ଭିନ୍ନ ପ୍ରକାରର ବିଷୟବସ୍ତୁରେ ଆସୁଥିବା ନୂଆ ଶବ୍ଦକୁ ବୁଝି ସେଗୁଡିକର ଅର୍ଥ ବାହାର କରିବା ।
- ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ ।

- **ଆସ, ଗୀତଟି ପଢ଼ିବା,**

ବଣ ପରବତ ଘେରା ଇସ୍କୁଲର ଗଲା
ବାର୍ଷିକ ଉତ୍ସବ କାଲି,
ବିବରଣୀ ଘେନ ଆହେ ଟି.ଭି. ବାଲା
ସମାଚାରେ ଦେବ ବୋଲି ।

ଉତ୍ସବଟି ହେଲା ସଫଳତା ଭରା
ସଭିଙ୍କର ସହଯୋଗେ,
ଅତି ସଂକ୍ଷେପରେ ଲେଖା ଏ ଟିପ୍ପଣୀ
ନିଶ୍ଚୟ ପଢ଼ିବେ ଆଗେ ।

ବୈଶାଖ ପୁନେଇଁ ଜହ୍ନ ଆଲୁଅରେ
ଶାଗୁଆନ ବାଗନାରେ,
ପୁରସ୍କାର ଦିଆ ଭୋଜିଭାତ ଖିଆ
ସବୁ ଏଇ ଅବସରେ ।

**ପ୍ରଶ୍ନ-୧ ତଳେ ଦିଆଯାଇଥିବା ଯୁକ୍ତାକ୍ଷରକୁ ନେଇ ଆଉ କିଛି ଶବ୍ଦ ମନରୁ ଲେଖିବା ।**

ତ୍ସ - ଉତ୍ସବ - ______________, ______________, ______________,

ସ୍କ - ପୁରସ୍କାର - ______________, ______________, ______________,

ପ୍ରଶ୍ନ-୨ ଯେପରି, ସହଯୋଗେ - ସହଯୋଗରେ

ସେହିପରି, ଲେଖ - ସମାଚାରେ -

ଅବସରେ -


ଆଦରେ -

ଯତନେ -

ମେଳେ -

କୋଳେ -





## କାର୍ଯ୍ୟଫର୍ଦ୍ଦ - ୭

**ଶିକ୍ଷଣ ଫଳାଫଳ :-**

- ସ୍ୱରର ଉପଯୁକ୍ତ ଉତ୍‌ଥାନ, ପତନ, ଗତି, ଲୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ କହିବ ।
- ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ ।

**ଆସ, ତଳେ ଦିଆଯାଇଥିବା କବିତାଟି ପଢ଼ିବା ।**

ମୁନି କହୁଥିଲା ମୁନା ଆଗେ ଦିନେ
ଦୁନିଆରେ ବଡ଼ କିଏ ?
ବୁଝାଇ କହଇ ମୁନି ଆଗେ ମୁନା
ଜାଣିନୁ କି ବୋକାଟାଏ ।

ଆଜି ଯାଏ ଯେତେ ଦେଖିଲେଣି ଆମେ
ମାଆପରି କିଏ ହେବ ?
ଅଳି ଅରଦଳି ରାଗରୋଷ ସବୁ
ତା'ପରି କିଏ ସହିବ ?

ନାହିଁ ତା' ମନରେ ହିଂସା, ରାଗ, ସ୍ୱାର୍ଥ
ନାହିଁ ପାତରଅନ୍ତର,
ତ୍ୟାଗ ବଦଳରେ କିଛି ଚାହେଁ ନାହିଁ
ତା' ମନ ଅତି ସରଳ ।

**୧. 'ଅଳି ଅରଦଳି' ପରି କବିତାରେ ଆଉ କି କି ଶବ୍ଦ ଅଛି, ବାଛି ଲେଖିବା ।**

_______________, _______________ ।

୭. ଆସ, କଥା ହେବା ଓ ଲେଖିବା ।

(କ) ମାଆ କ'ଣ ସବୁ ସହିଥାଏ ?

ଉତ୍ତର: ________________________________

(ଖ) ମାଆ ମନରେ କେଉଁ ଭାବ ସବୁ ସ୍ଥାନ ପାଇନଥାଏ ?

ଉତ୍ତର: ________________________________

(ଗ) ଦୁନିଆରେ ମାଆ ସବୁଠାରୁ ବଡ଼ କାହିଁକି ?

ଉତ୍ତର: ________________________________

# କାର୍ଯ୍ୟଫର୍ଦ୍ଦ - ୮

**ଶିକ୍ଷଣ ଫଳାଫଳ :-**

- ବିଭିନ୍ନ ଉଦ୍ଦେଶ୍ୟପାଇଁ ଲେଖୁଥିବା ନିଜ ଲେଖା ବିରାମ ଚିହ୍ନ ଯେପରି ପୂର୍ଣ୍ଣଛେଦ,ପ୍ରଶ୍ନବାଚୀ ଚିହ୍ନ, ଉଦ୍ଧୃତ ଚିହ୍ନଆଦିକୁ ଠିକ୍ ଭାବରେ ବ୍ୟବହାର କରିବ ।
- ସ୍ୱରର ଉପଯୁକ୍ତ ଉତ୍‌ଥାନ, ପତନ, ଗତି, ଲୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ କହିବ ।
- ବିଭିନ୍ନ ବିଷୟ ଓ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଉପଯୁକ୍ତ ଶବ୍ଦ, ବାକ୍ୟ ସଂରଚନା, ଲୋକକଥା, ବିରାମ ଚିହ୍ନ ଓ ଅନ୍ୟ ବ୍ୟାକରଣ ଗତ କାଳ, କ୍ରିୟା, କର୍ତ୍ତା ଆଦିକୁ ଠିକ୍ ଭାବରେ ବ୍ୟବହାର କରିବ ।

**ତଳେ ଦିଆଯାଇଥିବା ଗଳ୍ପଟିକୁ ପଢ଼ିବା ।**

ଆରତି ଗୁରୁମା'ଙ୍କ ଘର ରାଜଧାନୀରେ । ଦିନେ ସେ ରାତିରେ ଶୋଇଥିବା ବେଳେ ଗୋଟିଏ ସ୍ୱପ୍ନ ଦେଖିଲେ, ତାଙ୍କ ବାଡ଼ିରେ ଥିବା ଗୁଣ୍ଡୁଚି ଓ ପ୍ରଜାପତି ମନ ଦୁଃଖରେ କଥା ହେଉଛନ୍ତି । ଗୁଣ୍ଡୁଚି ପ୍ରଜାପତିକୁ କହୁଥାଏ "ଆଲୋ ଭଉଣୀ, ଆଉ କ'ଣ ତୋ'ର ଦେଖାନାହିଁ ? ଆଗରୁ ଦଳଦଳ ହୋଇ ବଗିଚାରେ କେତେ ବୁଲୁଥିଲ ?'' ପ୍ରଜାପତି କାନ୍ଦି ପକାଇ କହିଲା, "ଆଉ କ'ଣ ମୋ ଭାଇଭଉଣୀ ଅଛନ୍ତି ? ସେମାନେ ପରା ଧୀରେଧୀରେ ସରି ଆସିଲେଣି ।'' ଗୁଣ୍ଡୁଚି କିଛି ବୁଝିପାରିଲା ନାହିଁ । ସେ ପଚାରିଲା, "କିପରି'' ? ପ୍ରଜାପତି ବୁଝାଇ କହିଲା, "ଏ ଲୋକଗୁଡ଼ାକ ପ୍ରତିଦିନ ଗଛ କାଟି ପକାଉଛନ୍ତି, ପାଣି ପବନକୁ ଦୂଷିତ କରି ଦେଉଛନ୍ତି । ଫଳରେ ଏହାର ପ୍ରଭାବ ଆମ ଉପରେ ପଡ଼ି ଏପରି ହେଉଛି ।'' ଗୁଣ୍ଡୁଚି ମନେମନେ ଭାବୁଥାଏ, ଆରେ ସତେ ତ ଆମ ବଂଶ ମଧ୍ୟ ସେଥିପାଇଁ ବୋଧହୁଏ କମି ଆସୁଛି । ଗୁଣ୍ଡୁଚିମୂଷା ପ୍ରଜାପତିକୁ କିଛି କହିବାକୁ ଯାଉଥିବାବେଳେ ହଠାତ୍ କାହା ଶବ୍ଦରେ ଗୁରୁମା'ଙ୍କର ନିଦ ଭାଙ୍ଗିଗଲା । ଗୁଣ୍ଡୁଚିର କଥା ଶୁଣି ପାରି ନଥିବାରୁ ତାଙ୍କର ମନଦୁଃଖ ହେଲା ।

**ପ୍ରଶ୍ନ-୧ ଆସ, ତଳ ଲେଖାରେ ଉପଯୁକ୍ତ ବିରାମ ଚିହ୍ନ ଦେବା ।**

- ଗୁଣ୍ଡୁଚି ପ୍ରଜାପତିକୁ କହୁଥାଏ ଆଲୋ ଭଉଣୀ ଆଜି କଣ ତୋର ଦେଖାନାହିଁ
- ପ୍ରଜାପତି କାନ୍ଦି ପକାଇ କହିଲା ଆଉ କ'ଣ ମୋ ଭାଇଭଉଣୀ ଅଛନ୍ତି
- ଗୁଣ୍ଡୁଚି କିଛି ବୁଝିପାରିଲା ନାହିଁ ସେ ପଚାରିଲା କିପରି

ପ୍ରଶ୍ନ-୨ ଆସ କଥାହୋଇ ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବା ।

- ଗୁରୁମା' କି ସପନ ଦେଖିଲେ ?

______________________________

- ପ୍ରଜାପତି ବଂଶ କାହିଁକି ଲୋପ ପାଇ ଯାଉଛି ?

______________________________

______________________________

- ଗୁରୁମା' ଙ୍କ ମନ କାହିଁକି ଦୁଃଖ ହେଲା ?

______________________________

______________________________

**ଦୁଇଜଣଙ୍କ କଥାବାର୍ତ୍ତାକୁ ସଂଳାପ କ୍ରମରେ ଲେଖିବା**

ଯେପରି :- ଗୁଣ୍ଡୁଚି - ଆଲୋ ଭଉଣୀ, ଆଉ କ'ଣ ତୋର ଦେଖାନାହିଁ ?

______________________________

ପ୍ରଜାପତି ______________________________

ଗୁଣ୍ଡୁଚି ______________________________

ପ୍ରଜାପତି ______________________________

# କାର୍ଯ୍ୟଫର୍ଦ୍ଦ - ୯

## ତୃତୀୟ ଗଠନମୂଳକ ଆକଳନ ପ୍ରଶ୍ନାବଳୀ

ପୂର୍ଣ୍ଣସଂଖ୍ୟା - ୨୦

**୧. ଅନୁଚ୍ଛେଦଟିକୁ ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଠିକ ଉତ୍ତର ପାଖରେ (✓) ଚିହ୍ନ ଦିଅ । (୪)**

ଗଙ୍ଗାଧରପୁର ଗ୍ରାମରେ ରଙ୍କନିଧି ବାବୁଙ୍କ ଘର । ତାଙ୍କ ଘରର ପଶ୍ଚାତ୍ ଭାଗରେ ଗୋଟିଏ ସୁନ୍ଦର ପୁଷ୍ପଉଦ୍ୟାନ ଅଛି । ରଙ୍କନିଧିବାବୁ ପ୍ରତ୍ୟହ ପ୍ରଭାତରେ ପୁଷ୍ପ ବୃକ୍ଷରେ ଜଳ ସିଞ୍ଚନ କରନ୍ତି । ସୁଗନ୍ଧିତ ପୁଷ୍ପ ତୋଳି ମନ୍ଦିରରେ ଠାକୁରଙ୍କୁ ଅର୍ପଣ କରନ୍ତି ।

**ପ୍ରଶ୍ନ (କ) ପୁଷ୍ପ ଉଦ୍ୟାନଟି କେଉଁଠାରେ ଅଛି ?**

(i) ରଙ୍କନିଧି ବାବୁଙ୍କ ଘର ଆଗରେ

(ii) ରଙ୍କନିଧି ବାବୁଙ୍କ ଘର ପଛରେ

(iii) ମନ୍ଦିର ପାଖରେ

(iv) ପୁଷ୍କରିଣୀ ନିକଟରେ

**(ଖ) ରଙ୍କନିଧିବାବୁ ମନ୍ଦିରକୁ ଯାଆନ୍ତି କାହିଁକି ?**

(i) ଠାକୁରଙ୍କୁ ଦର୍ଶନ କରିବାପାଇଁ

(ii) ଠାକୁରଙ୍କୁ ଭୋଗ ଦେବାପାଇଁ

(iii) ଠାକୁରଙ୍କୁ ପୁଷ୍ପ ଅର୍ପଣ କରିବାପାଇଁ

(iv) ମନ୍ଦିରରେ ଭଜନ ବୋଲିବାପାଇଁ

**(୨) (କ) 'ବିଶ୍ୱାସ' - ଏଠାରେ 'ଶ' ରେ ଯେଉଁ ଫଳାଟି ଲାଗିଛି, ତା' ପାଖରେ (✓) ଚିହ୍ନ ଦିଅ ।(୧)**

(i) 'ଯ' ଫଳା

(ii) 'ମ' ଫଳା

(iii) 'ୱ' ଫଳା

(iv) 'ନ' ଫଳା

(ଖ) ଠିକ୍ ଯୁକ୍ତାକ୍ଷର ଥିବା ଶବ୍ଦ ପାଖରେ (✓) ଚିହ୍ନ ଦିଅ । (୧)

(i) ନିଷ୍ପାପର

(ii) ନିଷ୍ପାପର

(iii) ନିଷ୍ପାପର

(iv) ନିଷ୍ପାପର

୩. (କ) 'ପରାଣ' ର ଗଦ୍ୟ ରୂପଟି :- (୧)

(i) ପ୍ରାଣ

(ii) ର୍ପାଣ

(iii) ପାଣ୍ର

(iv) ପାର୍ଣ

(ଖ) 'କୀର୍ତ୍ତି' । ପଦ୍ୟ ରୂପଟି - (୧)

(i) କିରତି

(ii) କୀରତି

(iii) କୀରତୀ

(iv) କିରତୀ

୪. 'ଘରଦ୍ୱାର' ପରି ଯୋଡ଼ି ଶବ୍ଦଟି ହେଉଛି :- (୨)

(କ) ଫୁଲଫଳ

(ଖ) ଭଲମନ୍ଦ

(ଗ) ଲୁଗାପଟା

(ଘ) ବଡ଼ାବଡ଼ି

୫. 'ବାଟ' ଶବ୍ଦର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦଟି ହେଉଛି :- (୨)

(କ) ଖାଲ

(ଖ) ଢିପ

(ଗ) ଅବାଟ

(ଘ) ସଡ଼କ

୬. ବନରେ ରହେ ଯେ - ଏକ ପଦରେ କ'ଣ ହେବ ? (୨)

(କ) ବନବାସୀ

(ଖ) ବନଚାରୀ

(ଗ) ବନରକ୍ଷୀ

(ଘ) ଜନସ୍ନେହୀ

୭. ନଭ୍ୟା କହିଲା, ବାଃ ! ଏବେ ବଡ଼ଦାଣ୍ଡ କି ସୁନ୍ଦର ଦିଶୁଛି ବାକ୍ୟ ଶେଷରେ କେଉଁଚିହ୍ନ ଦିଆଯିବ ? (୨)

(କ) ।।

(ଖ) ?

(ଗ) ,

(ଘ) !

୮. ଠିକ୍ ବାକ୍ୟ ପାଖରେ (✓) ଚିହ୍ନ ଦିଅ । (୪)

**(କ)** (i) ଦୌଡୁଛି ଘୋଡ଼ାଟି ବଣୁଆ ଜଙ୍ଗଲରେ ।

(ii) ବଣୁଆ ଘୋଡ଼ାଟି ଜଙ୍ଗଲରେ ଦୌଡୁଛି ।

(iii) ଘୋଡ଼ାଟି ଦୌଡୁଛି ବଣୁଆ ଜଙ୍ଗଲରେ ।

(iv) ଜଙ୍ଗଲରେ ଘୋଡ଼ାଟି ଦୌଡୁଛି ବଣୁଆ ।

**(ଖ)** (i) ବର ଦ୍ୱିତୀୟ ନଚିକେତା ମାଗିଲେ ଯମରାଜାଙ୍କୁ

(ii) ରାଜାଙ୍କୁ ଯମ ନଚିକେତା ମାଗିଲେ ବର ଦ୍ୱିତୀୟ

(iii) ନଚିକେତା ଯମରାଜାଙ୍କୁ ଦ୍ୱିତୀୟ ବର ମାଗିଲେ ।

(iv) ମାଗିଲେ ବର ଦ୍ୱିତୀୟ ଯମରାଜାଙ୍କୁ ନଚିକେତା ।

# କାର୍ଯ୍ୟଫର୍ଦ୍ଦ - ୧୦

**ଶିକ୍ଷଣ ଫଳାଫଳ :-**

- **ସ୍ୱରର ଉପଯୁକ୍ତ ଉତ୍‌ଥାନ, ପତନ ଗତି, ଲୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ କହିବ ।**
- **ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ ।**

**ଆସ, ପଢ଼ିବା,**

ମୋର ନାମ ଘନଶ୍ୟାମ । ଲୋକେ ମୋତେ ଆଦରରେ ଘନ ଡାକନ୍ତି । ଆମ ଘରେ ଗୋଟିଏ ବଡ଼ ଘଣ୍ଟା ଅଛି । ମୁଁ ପ୍ରତିଦିନ ୯ ଘଣ୍ଟା ୩୦ ମିନିଟ୍‌ରେ ଘରୁ ବାହାରି ବିଦ୍ୟାଳୟକୁ ଯାଏ । ବାଟରେ ଗଲାବେଳେ ଦିନେ ମୁଁ ଗୋଟିଏ ଶୃଗାଳ ଦେଖିଲି । ଶୃଗାଳକୁ ଦେଖି ମୋତେ ଡର ଲାଗିଲା । ମୁଁ ଦୌଡ଼ିଦୌଡ଼ି ବିଦ୍ୟାଳୟକୁ ପଳାଇଲି । ବିଦ୍ୟାଳୟରେ ୧୦ ଘଣ୍ଟା ୩୦ ମିନିଟ୍‌ରେ ପାଠ ପଢ଼ା ଆରମ୍ଭ ହୁଏ । ଘରକୁ ଚାରିଟାରେ ଫେରେ । ରାତିରେ ଘରପାଠ କରେ । ଘଣ୍ଟାରେ ୧୦ଟା ବାଜିଲେ ଘୁମ ଲାଗେ । ତେଣୁ ମାଆ ପାଖରେ ଶୋଇପଡ଼େ ।

ଘାସରେ ଫୁଟିଛି ଛୋଟିଆ ଫୁଲ
ଘଣ୍ଟା ଦେଖି କାମ କରିବା ଚାଲ ।

**ପ୍ରଶ୍ନ ୧ - ପୂର୍ବପୃଷ୍ଠାରେ ଥିବା ଅନୁଚ୍ଛେଦକୁ ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବା ।**

(କ) ଘନଶ୍ୟାମକୁ ଲୋକେ ଆଦରରେ କ'ଣ ଡାକନ୍ତି ?

ଉ :______________________________

(ଖ) ସେ ପ୍ରତିଦିନ କେତେବେଳେ ଘରୁ ବିଦ୍ୟାଳୟକୁ ବାହାରେ ?

ଉ :______________________________

(ଗ) ଘନଶ୍ୟାମ ବିଦ୍ୟାଳୟକୁ ଦୌଡ଼ିଦୌଡ଼ି ପଳାଇଲା କାହିଁକି ?

ଉ :______________________________

(ଘ) ବିଦ୍ୟାଳୟରେ ପାଠପଢ଼ା କେତେବେଳେ ଆରମ୍ଭ ହୁଏ ?

ଉ :______________________________

(ଙ) ସେ ଘରକୁ କେତେବେଳେ ଫେରେ ?

ଉ :________________________________________

(ଚ) ସେ ରାତିରେ କାହା ପାଖରେ ଶୋଇପଡ଼େ ?

ଉ :________________________________________

- **ଯେପରି 'ଛୋଟିଆ' ଫୁଲ, ଆସ ସେହିପରି ତଳ ଶବ୍ଦଗୁଡ଼ିକର ସମ୍ପର୍କିତ ଶବ୍ଦଟିଏ ଲେଖିବା ।**

ବିନ୍ଦୁଏ :____________________ ଟିକିଏ :____________________

ଫୁଲାଏ :____________________ ଅଳପ :____________________

## କାର୍ଯ୍ୟଫର୍ଦ୍ଦ - ୧୧

**ଶିକ୍ଷଣ ଫଳାଫଳ :-**

- ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦିପ୍ରତି ସଚେତନ ହୋଇ ଲେଖିବ ।
- ଭିନ୍ନ ଭିନ୍ନ ପ୍ରକାରର ବିଷୟବସ୍ତୁରେ ଆସୁଥିବା ନୂତନ ଶବ୍ଦକୁ ବୁଝି ତାହାର ଅର୍ଥ ବାହାର କରିବ ।

**(କ) ନିମ୍ନଲିଖିତ ଶବ୍ଦଗୁଡ଼ିକୁ ପଢ଼ିବା, ପ୍ରତି ଧାଡ଼ିରେ ଥିବା ଭିନ୍ନ ପ୍ରକାର ଶବ୍ଦଟିର ଚାରିପଟେ ଗୋଲ ବୁଲାଇବା ।**

(କ) ପର୍ବତ, ଝରଣା, ଗିରି, ଶୈଳ

(ଖ) ନୟନ, ଚକ୍ଷୁ, ନାସା, ନେତ୍ର

(ଗ) ରବି, ତପନ, ଶଶୀ, ସବିତା

(ଘ) ଫୁଲ, କାକଳି, ପୁଷ୍ପ, ସୁମନ

**(ଖ) ଆସ ପଢ଼ିବା ଏବଂ ରେଖାଙ୍କିତ ଶବ୍ଦର ଅର୍ଥ ବୁଝିବା ।**

<u>ଦିନ</u>ରେ ଶୋଇବା ନୁହଁଇ ଭଲ,

<u>ଦୀନ</u> ଜନ ସେବା କରିବା ଚାଲ ।

<u>ଲକ୍ଷ</u> ଟଙ୍କାରେ ଚାଲେ ତା' ବେପାର,

ଭଲ ଲୋକ ହେବା <u>ଲକ୍ଷ୍ୟ</u> ତାହାର ।

<u>ଅସି</u> ଦ୍ୱାରା ରାଜା କରନ୍ତି ଯୁଦ୍ଧ,

<u>ଅଶୀ</u> ଜଣ ଛାତ୍ର ଗଢ଼ିଲେ ଶବ୍ଦ ।

ଗଣେଶ ଅଟନ୍ତି ଗଣଙ୍କ <u>ଇଶ</u>,

<u>ଲଙ୍ଗଳ ଦଣ୍ଡର ନାମଟି ଈଷ</u>

(ଗ) ଆସ ନିମ୍ନ ଶବ୍ଦ ଗୁଡ଼ିକର ଅର୍ଥ ବନ୍ଧନୀରୁ ଖୋଜି ଲେଖିବା ।

ଦିନ – (ଦରିଦ୍ର, ସୂର୍ଯ୍ୟ, ଦିବସ) :____________________

ଦୀନ – (ସକାଳ, ଦରିଦ୍ର, ଧନୀ) :____________________

ଲକ୍ଷ – (ସଂଖ୍ୟା ବିଶେଷ, ଲୟ, ଦେଖିବା) :____________________

ଲକ୍ଷ୍ୟ – (ଉଦ୍ଦେଶ୍ୟ, ସଂଖ୍ୟା, ତୀର) :____________________

ଅସି – (ସଂଖ୍ୟା, ଆସିବା, ଖଣ୍ଡା) :____________________

ଅଶୀ – (ଖଣ୍ଡା, ସଂଖ୍ୟା, ଧନୁ) :____________________

ଈଶ – (ଅସୁର, ପ୍ରଭୁ, ଲଙ୍ଗଳ) :____________________

ଈଷ – (ବଶ, ଲଙ୍ଗଳଦଣ୍ଡ, ଦେବତା) :____________________

## କାର୍ଯ୍ୟଫର୍ଦ୍ଦ - ୧୨

**ଶିକ୍ଷଣ ଫଳାଫଳ :-**

- ଭିନ୍ନ ଭିନ୍ନ ପ୍ରକାରର ପ୍ରବନ୍ଧ ସାମଗ୍ରୀକୁ (ଖବରକାଗଜ, ଶିଶୁ ପତ୍ରିକା ଆଦି) ପଢି ବୁଝିବା ସହିତ ଆଲୋଚନା କରିବ । ପଚାରିଥିବା ପ୍ରଶ୍ନର ଉତ୍ତର ମୌଖିକ ଲିଖିତଭାବରେ ଦେବ ।
- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ ।

**ଆସ ପଢ଼ିବା**

(କ) ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ କିଏ ବା ନ ଜାଣେ ? ମଧୁବାବୁବୋଲି ଓଡ଼ିଆଙ୍କ ଘରେଘରେ ଥିଲେ ସେ ଅତି ପରିଚିତ । ମଧୁବାରିଷ୍ଟର ନାଁରେ ମଧ୍ୟ ସେ ଥିଲେ ଜଣାଶୁଣା । ମଧୁବାବୁଙ୍କ ଜୀବନୀ ଉତ୍କଳର ଅର୍ଦ୍ଧଶତାବ୍ଦୀର ଇତିହାସ ଥିଲା । ସେ ଥିଲେ ଓଡ଼ିଶାର ସ୍ୱାଭିମାନର ପ୍ରତୀକ । ଉତ୍କଳ ଟ୍ୟାନେରୀ, କଟକର ତାରକସୀ କାମକୁ ସେ ବିଶ୍ୱ ସ୍ତରୀୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେଥିପାଇଁ ତ ପିଲାମାନେ ଗାଇଗାଇ କହନ୍ତି:- "ମନଦେଇ ପାଠ ପଢ଼ିବି ।

କାଳିଆ ଘୋଡ଼ାରେ ଚଢ଼ିବି<br>
ମଧୁବାବୁ ସଙ୍ଗେ ଲଢ଼ିବି ।"

**(ଖ) ଆସ କହିବା ଓ ଲେଖିବା ।**

(କ) ଉପରୋକ୍ତ ଅନୁଚ୍ଛେଦରେ କେଉଁ ବରପୁତ୍ରଙ୍କ ସମ୍ପର୍କରେ କୁହାଯାଇଛି ?

ଉ ________________________________

(ଖ) ମଧୁବାବୁ ଆଉ କେଉଁ ନାମରେ ଜଣାଶୁଣାଥିଲେ ?

ଉ ________________________________

(ଗ) ମଧୁବାବୁଙ୍କ ଜୀବନୀକୁ ଉତ୍କଳର କ'ଣ ବୋଲି କୁହାଯାଏ ?

ଉ ________________________________

(ଘ) ଓଡିଶାର କେଉଁକେଉଁ କାମକୁ ମଧୁବାବୁ ବିଶ୍ୱ ଦରବାରରେ ପରିଚିତ କରାଇଥିଲେ ?

ଉ ________________________________

(ଙ) କେଉଁ ଗୀତ ଗାଇ ପିଲାମାନେ ମଧୁବାବୁଙ୍କ ଭଳି ହେବାକୁ କୁହନ୍ତି ?

ଉ ________________________________

**(ଗ) ଆସ ମଧୁବାବୁଙ୍କ ପରି ଓଡ଼ିଶାର ଓ ଭାରତବର୍ଷର କେତେକ ବରପୁତ୍ରଙ୍କ ନାଁ କହିବା ଓ ଲେଖିବା ।**

________________ ________________ ________________

________________ ________________ ________________

## କାର୍ଯ୍ୟଫର୍ଦ୍ଦ - ୧୩

**ଶିକ୍ଷଣ ଫଳାଫଳ :-**

**ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ।**

(କ) ତଳ ଲିଖିତ ଶବ୍ଦ ଗୁଡ଼ିକ ମଧ୍ୟରୁ ଯେ କୌଣସି ପାଞ୍ଚଟି ଶବ୍ଦ ବ୍ୟବହାର କରି ଅନୁଚ୍ଛେଦଟିଏ ଲେଖିବା ।

| | | | |
|---|---|---|---|
| ଗଛ | ବଣୁଆ | ଖରାବେଳ | ତୀର |
| ପଥର | ଚଢ଼େଇ | ମୁଣି | |
| ବଣ | ଖାଦ୍ୟ | ଜାଲ | ଧନୁ |

________________________________________

________________________________________

________________________________________

________________________________________

________________________________________

________________________________________

________________________________________

________________________________________

(ଖ) ଉପରୋକ୍ତ ଅନୁଚ୍ଛେଦ ଆଧାରରେ କ'ଣ, କାହିଁକି, କିପରି, କେଉଁଠି କେତେବେଳେ ଆଦି ଯେ କୌଣସି ଶବ୍ଦ ବ୍ୟବହାର କରି ତିନୋଟି ପ୍ରଶ୍ନ ପ୍ରସ୍ତୁତ କରିବ।

୧. ________________________________________

୨. ________________________________________

୩. ________________________________________

# କାର୍ଯ୍ୟଫର୍ଦ୍ଦ - ୧୪

**ଶିକ୍ଷଣ ଫଳାଫଳ :-**

- ଚିତ୍ର ସୂକ୍ଷ୍ମତାକୁ ନିରୀକ୍ଷଣ କରିବ।
- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ।
- ଅପରିଚିତ ଶବ୍ଦଗୁଡ଼ିକର ଅର୍ଥ ଅଭିଧାନରୁ ଖୋଜିବ ।



ଚିତ୍ରଟିକୁ ଦେଖି ଚିତ୍ର ସଂପର୍କରେ ଲେଖିବା।

## କାର୍ଯ୍ୟଫର୍ଦ୍ଦ - ୧୫

**ଶିକ୍ଷଣ ଫଳାଫଳ :-**

**ଅପରିଚିତ ଶବ୍ଦଗୁଡିକର ଅର୍ଥ ଶବ୍ଦ କୋଷରୁ ଖୋଜିବ।**

- ଅନୁଚ୍ଛେଦଟିକୁ ପଢ଼ିବା ଓ ବୁଝିବା।

ରାସ୍ତାରେ ଯେ କୌଣସି ଯାନ ଚଳାଇବା ବେଳେ ରାସ୍ତା ଓ ଏହାର ପାର୍ଶ୍ୱରେ ଥିବା ଚିହ୍ନ ପ୍ରତି ଧ୍ୟାନ ଦେଇ ଆଗକୁ ଯିବା ଉଚିତ୍। ଟ୍ରାଫିକ୍‌ରେ ଦିଆଯାଉଥିବା ସଙ୍କେତପ୍ରତି ସତର୍କ ରହିବା। ନାଲି ଆଲୁଅ ଜଳୁଥିଲେ ଅଟକି ଯିବା ଏବଂ ସବୁଜ ଆଲୁଅ ଜଳିଲେ ଆଗକୁ ଯିବା। ଦ୍ରୁତଗାମୀ ଯାନଗୁଡ଼ିକୁ ରାସ୍ତା ଛାଡ଼ିଦେବା।

ଉପର ଅନୁଚ୍ଛେଦ ଆଧାରରେ 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦକୁ ମିଳାଇବା। (ଆବଶ୍ୟକ ସ୍ଥଳେ ଅଭିଧାନ ବ୍ୟବହାର କରିବା।)

| 'କ' | 'ଖ' |
|---|---|
| ରାସ୍ତା | ଆଲୋକ |
| ଯାନ | ରହିଯିବା |
| ପାର୍ଶ୍ୱରେ | ସତର୍କ ଦୃଷ୍ଟି |
| ଚିହ୍ନ | ଗାଡ଼ି |
| ଧ୍ୟାନ | ଅତି ବେଗରେ ଯାଉଥିବା |
| ଆଲୁଅ | ପାଖରେ |
| ଅଟକି ଯିବା | ସଙ୍କେତ |
| ଦ୍ରୁତଗାମୀ | ସଡ଼କ |

## କାର୍ଯ୍ୟଫର୍ଦ୍ଦ - ୧୬

**ଶିକ୍ଷଣ ଫଳାଫଳ :-**

**ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବେ ।**

**ପଢ଼ିବା ଓ ବୁଝିବା**

ଉଦ୍ଭିଦ ଓ ପ୍ରାଣୀ ପରସ୍ପର ନିର୍ଭରଶୀଳ । ପ୍ରାଣୀଜଗତର ବିନା ସାହାଯ୍ୟରେ ଉଦ୍ଭିଦଜଗତ ବଞ୍ଚିପାରେ; କିନ୍ତୁ ଉଦ୍ଭିଦଜଗତ ବ୍ୟତୀତ ପ୍ରାଣୀ ଜଗତ ବଞ୍ଚିବା ଏକାନ୍ତ ଅସମ୍ଭବ । ବାୟୁମଣ୍ଡଳର ବିଶୁଦ୍ଧତା, ବୃଷ୍ଟିପାତ, ମୃତ୍ତିକା ସଂରକ୍ଷଣ, ବିଭିନ୍ନ ଖାଦ୍ୟ, ପାନୀୟ, ବସ୍ତ୍ର ଓ ବାସଗୃହ ଇତ୍ୟାଦିପାଇଁ ଆମେ ଉଦ୍ଭିଦଜଗତ ନିକଟରେ ଏକାନ୍ତ ଋଣୀ । ବୃକ୍ଷଲତା ଆମର ବନ୍ଧୁ । ଅରଣ୍ୟ ବିନାଶ ପରିବର୍ତ୍ତେ ନୂତନ ଅରଣ୍ୟ ସୃଷ୍ଟି ଆମର ଲକ୍ଷ୍ୟ ହେବା ଏକାନ୍ତ ଆବଶ୍ୟକ ।

**ଉପର ଲିଖିତ ଅନୁଚ୍ଛେଦଟିକୁ ପଢ଼ି, 'ବୃକ୍ଷଲତା ଆମର ବନ୍ଧୁ' କହିଲେ କ'ଣ ବୁଝୁଛୁ ନିଜ ଭାଷାରେ ଲେଖିବା ।**

# କାର୍ଯ୍ୟଫର୍ଦ୍ଦ - ୧୭

**ଶିକ୍ଷଣ ଫଳାଫଳ :-**

**ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।**

ଦେଶଦେଶ ମଧ୍ୟରେ ମୈତ୍ରୀ ଏବଂ ସଦ୍ଭାବ ପ୍ରତିଷ୍ଠାପାଇଁ କ୍ରୀଡ଼ା ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି। ଏହି କ୍ରୀଡ଼ା ଯୁବସମାଜକୁ କେବଳ ଅଗ୍ରଗାମୀ ହେବାପାଇଁ ପ୍ରେରଣା ଯୋଗାଇ ନଥାଏ, ଏହା ଶରୀର ଗଠନ ତଥା ଶୃଙ୍ଖଳା ଶିକ୍ଷା ଦିଗରେ ମଧ୍ୟ ସହାୟକ ହୋଇଥାଏ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହା ସମସ୍ତଙ୍କୁ ଏକତା ରଜ୍ଜୁରେ ବାନ୍ଧି ଦେଇଥାଏ। ସେଥିପାଇଁ ବିଭିନ୍ନ ଦେଶରେ ବିଭିନ୍ନ ସମୟରେ ନାନା ପ୍ରକାର କ୍ରୀଡ଼ା ଉତ୍ସବମାନ ଆୟୋଜିତ ହୋଇଥାଏ। ଏ ସବୁଗୁଡ଼ିକ ମଧ୍ୟରେ ଅଲିମ୍ପିକ କ୍ରୀଡ଼ାକୁ ସର୍ବଶ୍ରେଷ୍ଠ ବୋଲି ଗ୍ରହଣ କରାଯାଇଛି। ଏହା ହେଉଛି ଏକ ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ଏଥିରେ ଯେଉଁମାନେ ବିଜୟୀ ହୁଅନ୍ତି, ସେମାନଙ୍କୁ ବିଶ୍ୱର ଶ୍ରେଷ୍ଠ ଖେଳାଳି ଭାବରେ ସମ୍ମାନ ଦିଆଯାଏ।

ଅନୁଚ୍ଛେଦକୁ ପଢି 'କାହିଁକି, କିପରି, କେମିତି, କିଏ, ବା କେତେବେଳେ' ଲଗାଇ ପ୍ରଶ୍ନ ତିଆରି କରିବା। ତିଆରି କରିଥିବା ପ୍ରଶ୍ନର ଉତ୍ତରକୁ ପ୍ରଶ୍ନ ସହ ଲେଖିବା।

ପ୍ରଶ୍ନ ______________________________

ଉତ୍ତର ______________________________

ପ୍ରଶ୍ନ ______________________________

ଉତ୍ତର ______________________________

ପ୍ରଶ୍ନ ______________________________

ଉତ୍ତର ______________________________

ପ୍ରଶ୍ନ ______________________________

ଉତ୍ତର ______________________________

## କାର୍ଯ୍ୟପର୍ବ - ୧୮

## ଚତୁର୍ଥ ଗଠନମୂଳକ ଆକଳନ ପ୍ରଶ୍ନାବଳୀ

ପୂର୍ଣ୍ଣସଂଖ୍ୟା - ୨୦

**ପ୍ରଶ୍ନ-୧. ଅନୁଚ୍ଛେଦଟିକୁ ପଢ଼ି ତଳ ପ୍ରଶ୍ନ ଗୁଡ଼ିକର ଠିକ ଉତ୍ତର ପାଖରେ (✓) ଚିହ୍ନ ଦିଅ। (୪)**

ନୂଆଖାଇ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଗଣପର୍ବ । ଏହି ଦିନଟିକୁ ସମସ୍ତେ ମହା-ଆଡମ୍ବରରେ ପାଳନ କରନ୍ତି । କୃଷକମାନେ ନିଜ ଜମିରୁ ଉତ୍ପନ୍ନ କରି ଆଣିଥିବା ଶସ୍ୟରେ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ମାଁଙ୍କ ସମଲେଶ୍ୱରୀଙ୍କୁ ଅର୍ପଣ କରାଯାଏ, ତତ୍‌ପରେ ସପରିବାର ନୂତନ ବସ୍ତ୍ର ପରିଧାନ କରି ନବାନ୍ନ ଭକ୍ଷଣ କରନ୍ତି । ପରିବାରର ସାନମାନେ ଗୁରୁଜନମାନଙ୍କୁ ପ୍ରଣାମ କରି ଆଶୀର୍ବାଦ ଲାଭ କରନ୍ତି ।

**(କ) ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଗଣପର୍ବର ନାମ କ'ଣ ?**

(i) ଦୀପାବଳୀ

(ii) ନୂଆଖାଇ

(iii) ପୋଙ୍ଗଲ୍

(iv) ମକର

**(ଖ) ଏହିଦିନ ମା' ସମଲେଶ୍ୱରୀଙ୍କୁ କ'ଣ ଅର୍ପଣ କରାଯାଏ ?**

(i) ନଡିଆ

(ii) ବିଭିନ୍ନ ବ୍ୟଞ୍ଜନ

(iii) ଛେନାପୋଡ

(iv) ବୁନ୍ଦି

**ପ୍ରଶ୍ନ-୨. ତଳ ଲିଖିତ ଶବ୍ଦଗୁଡ଼ିକ ମଧ୍ୟରେ ଥିବା ଭିନ୍ନ ଶବ୍ଦ ନିକଟରେ (✓) ଚିହ୍ନ ଦିଅ । (୨)**

(କ) କର, ହାତ, ଚରଣ, ପାଣି

(ଖ) ଆକାଶ, ନଭ, ସୁମନ, ଅମ୍ବର

ପ୍ରଶ୍ନ-୩. ତଳ ବାକ୍ୟଟିକୁ ପଢ଼ି ରେଖାଙ୍କିତ ଶବ୍ଦର ଅର୍ଥ ନିକଟରେ (✓) ଚିହ୍ନ ଦିଅ । (୨)

(କ) ରତନପୁର ଗ୍ରାମରେ ଦୀନବନ୍ଧୁଙ୍କ ଘର

(i) ଭିକ୍ଷୁକ

(ii) ଦରିଦ୍ର

(iii) ଦିବସ

(iv) କୃପଣ

(ଖ) ଲକ୍ଷ୍ୟହୀନ ଜୀବନ ସର୍ବଦା ଦୁଃଖପୂର୍ଣ୍ଣ ।

(i) ପ୍ରତିଜ୍ଞା

(ii) ସଂଖ୍ୟା

(iii) ଲଜ୍ଜା

(iv) ଉଦ୍ଦେଶ୍ୟ

ପ୍ରଶ୍ନ-୪. ତଳ ଲିଖିତ ଉତ୍ତରଟି ପାଇବା ପାଇଁ କେଉଁ ପ୍ରଶ୍ନଟି ଠିକ୍ ? (୨)

ବିପ୍ଳବର ବାପା ଗତକାଲି ଦିଲ୍ଲୀରୁ ଫେରିଲେ ।

(i) ବିପ୍ଳବର ବାପା କାହିଁକି ଦିଲ୍ଲୀରୁ ଫେରିଲେ ?

(ii) ବିପ୍ଳବର ବାପା କିପରି ଦିଲ୍ଲୀରୁ ଫେରିଲେ ?

(iii) ବିପ୍ଳବର ବାପା କାହା ସହ ଦିଲ୍ଲୀରୁ ଫେରିଲେ ?

(iv) ବିପ୍ଳବର ବାପା କେତେବେଳେ ଦିଲ୍ଲୀରୁ ଫେରିଲେ ?

ପ୍ରଶ୍ନ-୫. ଅଭିଧାନ କ୍ରମେ ସଜାଡ଼ି ଲେଖିଲେ କେଉଁ ଧାଡ଼ିଟି ଠିକ୍ ହେବ ? (୨)

(i) କୁଶଳ, ଉଦ୍ଧାର, ବୃଦ୍ଧି, ନିର୍ଦ୍ଧନ

(ii) ଉଦ୍ଧାର, କୁଶଳ, ବୃଦ୍ଧି, ନିର୍ଦ୍ଧନ

(iii) ନିର୍ଦ୍ଧନ, କୁଶଳ, ଉଦ୍ଧାର, ବୃଦ୍ଧି

(iv) ଉଦ୍ଧାର, କୁଶଳ, ନିର୍ଦ୍ଧନ, ବୃଦ୍ଧି

**ପ୍ରଶ୍ନ-୬. ଠିକ୍ ଉତ୍ତର ପାଖେ ଠିକ୍ (✓) ଚିହ୍ନ ଦିଅ ।** (୨)

**(କ) ଉତ୍କଳମଣି କାହାଙ୍କୁ କୁହାଯାଏ ?**

(i) ମହାତ୍ମାଗାନ୍ଧୀ

(ii) ଗୋପବନ୍ଧୁ ଦାସ

(iii) ଆଚାର୍ଯ୍ୟ ହରିହର

(iv) ମଧୁସୂଦନ ଦାସ

**(ଖ) ମଧୁସୂଦନ ଦାସ କେଉଁ ନାମରେ ପରିଚିତ ?**

(i) ଉତ୍କଳ ଘଣ୍ଟ

(ii) ଉତ୍କଳ ମଣି

(iii) ଉତ୍କଳ ଗୌରବ

(iv) ଉତ୍କଳ କେଶରୀ

**ପ୍ରଶ୍ନ-୭. ତଳ ଲିଖିତ ଶବ୍ଦ ସହ ସଂପର୍କିତ ଠିକ୍ ଶବ୍ଦ ନିକଟରେ (✓) ଚିହ୍ନ ଦିଅ ।** (୨)

(କ) ଚେନାଏ ................ (i) ପାଣି (ii) ଲୁହ (iii) ହସ (iv) ମିଠା

(ଖ) ଦାରୁଣ .................. (i) ସୁଖ (ii) ଲୁହ (iii) କାନ୍ଦ (iv) ଦୁଃଖ

**ପ୍ରଶ୍ନ-୮. ଧରାଧରି ଭଳି ଅନ୍ୟ ଏକ ଯୋଡିଶବ୍ଦ ।** (୨)

(i) ଲୁଗାପଟା

(ii) ଭଲମନ୍ଦ

(iii) ହସାହସି

(iv) ଗୁଣୁଗୁଣୁ

**ପ୍ରଶ୍ନ-୯. ଠିକ୍ ବାକ୍ୟ ପାଖରେ ଠିକ୍ (✓) ଚିହ୍ନ ଦିଅ ।** (୨)

(i) କଟକର ବାଲିଯାତ୍ରା କୂଳରେ ମହାନଦୀ ହୁଏ

(ii) ମହାନଦୀ ବାଲିଯାତ୍ରା ହୁଏ କଟକ କୂଳରେ

(iii) ମହାନଦୀ କଟକ କୂଳରେ ହୁଏ ବାଲିଯାତ୍ରା

(iv) କଟକର ମହାନଦୀ କୂଳରେ ବାଲିଯାତ୍ରା ହୁଏ

## କାର୍ଯ୍ୟଫର୍ଦ୍ଦ - ୧୯

**ଶିକ୍ଷଣ ଫଳାଫଳ :-**

- ଚିତ୍ରର ସୂକ୍ଷ୍ମତାକୁ ନିରୀକ୍ଷଣ କରିବ।
- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ।



- ଚିତ୍ର ଦେଖି ଯାହା ବୁଝୁଛ ଲେଖିବା :-

# କାର୍ଯ୍ୟଫର୍ଦ୍ଦ - ୨୦

**ଶିକ୍ଷଣ ଫଳାଫଳ :-**

- ଚିତ୍ର ସୂକ୍ଷ୍ମତାକୁ ନିରୀକ୍ଷଣ କରିବେ।
- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବେ।



ଚିତ୍ର ଦେଖି ଲେଖିବା ।

ରୀନା ନାମରେ ଝିଅଟିଏ ଥିଲା । ସେ ଏକ ବିରାଡ଼ି ପାଳିଥିଲା । ତାର ନାମ________________________

# କାର୍ଯ୍ୟଫର୍ଦ୍ଦ - ୨୧

**ଶିକ୍ଷଣ ଫଳାଫଳ :-**

- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବେ ।

ତଳ ଲିଖିତ ଶବ୍ଦ ଗୁଡ଼ିକୁ ନେଇ ଅନୁଚ୍ଛେଦ ଲେଖିବା ।

ବର୍ଷାଋତୁ, ଘରଦ୍ୱାର, ବନ୍ଧଭାଙ୍ଗି, ଗାଈଗୋରୁ, ବଡ଼ବଡ଼, ବୃକ୍ଷଲତା, ଆଶ୍ରୟ, ଜନଜୀବନ, ହାନି

# କାର୍ଯ୍ୟପତ୍ର - ୨୨

**ଶିକ୍ଷଣ ଫଳାଫଳ :-**

- **ଭିନ୍ନଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।**

୧. ଆସ ପଢ଼ିବା -

ଦେବଗଡ଼ ଜିଲ୍ଲାର ପ୍ରଧାନପାଟ, ଓଡ଼ିଶାର ଏକ ଦର୍ଶନୀୟସ୍ଥାନ । ପ୍ରଧାନପାଟ ଜଳପ୍ରପାତର ଦୃଶ୍ୟ ଅତ୍ୟନ୍ତ ମନୋରମ । ଥରେ ଲିଜା ଅଜା ସହିତ ଶୀତ ଦିନେ ବଣଭୋଜି କରିବାକୁ ଯାଇଥିଲା । ରବିବାର ହୋଇଥିବାରୁ ସେଠାକୁ ସେହିଦିନ ବହୁତ ଲୋକ ବଣଭୋଜି କରିବାକୁ ଆସିଥିଲେ । ଲିଜା ବହୁତ ଲୋକ, ଗାଡ଼ି ମଟର ଓ ପାହାଡ଼ ଦେଖି ଖୁସିରେ ନାଚିନାଚି ଗୀତ ଗାଇଲା । ସଂଧ୍ୟା ବେଳେ ନିଜ ଗାଁ ତୁଙ୍ଗାମାଳକୁ ଫେରିଲା ।
ଆସ ପଢ଼ିସାରି କହିବା ଓ ଲେଖିବା -

(କ) ପ୍ରଧାନପାଟ କେଉଁ ଜିଲ୍ଲାରେ ଅବସ୍ଥିତ ?

ଉ - ____________________

(ଖ) ପ୍ରଧାନପାଟ କାହିଁକି ପ୍ରସିଦ୍ଧ ?

ଉ - ____________________

(ଗ) ଲିଜା କାହାସହିତ ବଣ ଭୋଜି କରିବାକୁ ଯାଇଥିଲା ?

ଉ - ____________________

(ଘ) କେଉଁ ଦିନ ପ୍ରଧାନପାଟରେ ବେଶୀ ଭିଡ଼ ଜମେ ?

ଉ - ____________________

(ଙ) ଲିଜା କାହିଁକି ଖୁସିରେ ଗୀତ ଗାଇ ନାଚିଲା ?

ଉ - ____________________

୨. ଓଡ଼ିଶାର ପ୍ରଧାନପାଟ ଭଳି ଆଉ କେତୋଟି ଦର୍ଶନୀୟ ସ୍ଥାନର ନାମ ଲେଖ ।

__________ __________ __________

__________ __________ __________

୩. 'ନାଚିନାଚି' ଭଳି ଆଉ କେତୋଟି ଯୋଡ଼ି ଶବ୍ଦ କୁହ ଓ ଲେଖ ।

__________ __________ __________

## କାର୍ଯ୍ୟଫର୍ଦ୍ଦ - ୨୩

**ଶିକ୍ଷଣ ଫଳାଫଳ :-**

- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଏବଂ ସେଥିପ୍ରତି ସଚେତନ ହୋଇ ଲେଖିବ।
- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବେ।

(କ) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ସମାନ ଅର୍ଥ ବୁଝାଉଥିବା ଶବ୍ଦ ଲେଖିବା ଓ ଲେଖିସାରି ସେଗୁଡ଼ିକୁ ପଢ଼ିବା ।

ସୂର୍ଯ୍ୟ ________ ପାହାଡ଼ ________

ରାତି ________ ସଞ୍ଜ ________

ପାଣି ________ ପୃଥିବୀ ________

ଚଢ଼େଇ ________ ବୃକ୍ଷ ________

(ଖ) 'ଗାଈ' ଆମର ଭାରି ଉପକାରୀ ପଶୁ । ଚାଲ ତା' ବିଷୟରେ କହିବା ଏବଂ କହିସାରି ୧୦ଟି ବାକ୍ୟ ଲେଖିବା ।

________

________

________

________

________

________

________

________

________

## କାର୍ଯ୍ୟଫର୍ଦ୍ଦ - ୨୪

**ଶିକ୍ଷଣ ଫଳାଫଳ :-**

- ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସଚେତନ ହୋଇ ଲେଖିବ।
- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ।

୧. ତଳେ 'କ' ସ୍ତମ୍ଭରେ କିଛି ଶବ୍ଦ ଦିଆଯାଇଛି । 'ଖ' ସ୍ତମ୍ଭର ସଂପର୍କିତ ଶବ୍ଦ ସହିତ ମିଳାଇ ଯେଉଁ ନୂଆପଦଟି ହେଉଛି ତାକୁ 'ଗ' ସ୍ତମ୍ଭରେ ଲେଖିବା ଓ ପଢ଼ିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ | 'ଗ' ସ୍ତମ୍ଭ |
|---|---|---|
| ଲୁହ | ଫରଫର | ଯେପରି ଲୁହ - ଝରଝର |
| କାମ | ଝରଝର | ______ |
| ଓଦା | ଗରଗର | ______ |
| ରାଗ | ସରସର | ______ |
| ବଚନ | ଜରଜର | ______ |
| ପତାକା | ତରତର | ______ |

(ଖ) ଆସ 'ଆମ ବିଦ୍ୟାଳୟ ବିଷୟରେ କହିବା ଏବଂ ୮ଟି ବାକ୍ୟରେ ଲେଖିବା'

ଉ - ଆମ ବିଦ୍ୟାଳୟର ନାମ______

______

______

______

______

______

______

# କାର୍ଯ୍ୟଫର୍ଦ୍ଦ - ୨୫

**ଶିକ୍ଷଣ ଫଳାଫଳ :-**

- ସ୍ୱରର ଉପଯୁକ୍ତ ଉତ୍ଥାନ, ପତନ, ଗତି, ଲୟ ଠିକ୍ ଉଚ୍ଚାରଣ ସହିତ ଗପ, କବିତା ଇତ୍ୟାଦିକୁ କହିବ।
- ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।
- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଏବଂ ସେଥିପ୍ରତି ସଚେତନ ହୋଇ ଲେଖିବ।

(କ) ଟିକିଟିକି ଫୁଲ ଆମେ
ଦେଇଥାଉ ବାସନା
ସଭିଙ୍କର ମନ ମୋହୁ
କରି ଘୋର ସାଧନା..................... ।୧।
ଟିକିଟିକି ନଈ ଆମେ
ବହିଥାଉ ଧରାରେ
ସୁଶୀତଳ ଜଳ ଦେଇ
ପୁଣ୍ୟ କାମ କରୁରେ.....................।୨।
ଟିକିଟିକି ତାରା ଆମେ
ଆକାଶରେ ଥାଉରେ,
ଘୋର ଅନ୍ଧାର ରାତିରେ
ସାହା ପରା ହେଉରେ....................।୩।
ଟିକିଟିକି ଚଢ଼େଇର
କି ସୁନ୍ଦର ଡେଣାରେ
ଲଙ୍ଘିଥାଏ ଆକାଶକୁ
କି ଆନନ୍ଦ ମନରେ.........................।୪।
ଆମେ ସବୁ ଟିକିଟିକି
ବାଳକ ଓ ବାଳିକା
ପଢ଼ି, ବଢ଼ି, ଶ୍ରେଷ୍ଠ ହେବୁ
ଏହି ଆମ ଆକାଂକ୍ଷା.......................।୫।

(ଖ) କବିତା ପଢ଼ି ଉତ୍ତର ଲେଖିବା -

(ପ୍ର) ଟିକିଟିକି ଫୁଲଗୁଡ଼ିକ ଆମକୁ କ'ଣ ଦିଅନ୍ତି ?

ଉ -

(ପ୍ର) ଟିକିଟିକି ନଈ କ'ଣ ଦେଇ ପୁଣ୍ୟ ଅର୍ଜନ କରନ୍ତି ?

ଉ -

(ପ୍ର) ଘୋର ଅନ୍ଧାର ରାତିରେ କିଏ ଆମର ସାହା ହୋଇଥାଏ ?

ଉ -

(ପ୍ର) କିଏ ଆନନ୍ଦ ମନରେ ଆକାଶକୁ ଲଙ୍ଘିଥାଏ ?

ଉ -

(ପ୍ର) ଟିକିଟିକି ବାଳକବାଳିକା କ'ଣ ହେବାକୁ ଆକାଂକ୍ଷା ରଖିଛନ୍ତି ?

ଉ -

(ଗ) ଟିକିଟିକି ପରି ଆଉ କେତୋଟି ଯୋଡ଼ି ଶବ୍ଦ ଲେଖ ।

__________ __________

__________ __________

(ଘ) ଆସ ପଦ ପୂରଣ କରି ଲେଖିବା ଓ ପଢ଼ିବା ।

(ପ୍ର) ଟିକିଟିକି ନଈ ଆମେ

ବହିଥାଉ ଧରାରେ

__________

__________

(ପ୍ର) ଆମେ ସବୁ ଟିକିଟିକି ବାଳକ ଓ ବାଳିକା

__________

__________

# କାର୍ଯ୍ୟଫର୍ଦ୍ଦ - ୨୬

**ଶିକ୍ଷଣ ଫଳାଫଳ :-**

- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ।

(କ) ଆସ ବିପରୀତ ଅର୍ଥବୋଧକ ଶବ୍ଦ କାର୍ଯ୍ୟଫର୍ଦ୍ଦ-୨୬ ବନ୍ଧନୀରୁ ବାଛି ଲେଖିବା ।

(ପୁଣ୍ୟ, ନିରାନନ୍ଦ, ଅନ୍ଧାର, ନବୀନ, ଅସ୍ତ, କ୍ଷତ, କନିଷ୍ଠ)

ଆଲୋକ ____________________

ଉଦୟ ____________________

ପ୍ରାଚୀନ ____________________

ଆନନ୍ଦ ____________________

ଜ୍ୟେଷ୍ଠ ____________________

ପାପ ____________________

(ଖ) 'କରମ' ଶବ୍ଦର ଅନ୍ୟ ରୂପ ଯେପରି 'କର୍ମ', ସେହିପରି ତଳ ଶବ୍ଦଗୁଡ଼ିକର ଅନ୍ୟ ରୂପ ଲେଖିବା-

କୀରତି ____________________

ହରଷ ____________________

କଉତୁକ ____________________

ନିରିମଳ ____________________

ସରଗ ____________________

(ଗ) ଲିଙ୍ଗ ପରିବର୍ତ୍ତନ କରି ଲେଖିବା -

ଯେପରି - ପୁଅ - ଝିଅ

ରାଜା ____________________

ଭାଇ ____________________

ପୁତ୍ର ____________________

ବୃଦ୍ଧ ____________________

କୁମାର ____________________

# କାର୍ଯ୍ୟଫର୍ଦ୍ଦ - ୨୭

## ପଞ୍ଚମ ଗଠନ ମୂଳକ ଆକଳନ ପ୍ରଶ୍ନାବଳୀ

ପୂର୍ଣ୍ଣସଂଖ୍ୟା - ୨୦

**ପ୍ରଶ୍ନ-୧. କବିତାଟିକୁ ପଢ଼ି ତଳେ ଦିଆଯାଇଥିବାପ୍ରଶ୍ନ ଗୁଡ଼ିକର ଠିକ ଉତ୍ତର ପାଖରେ (✓) ଚିହ୍ନ ଦିଅ। (୪)**

ମାଆଟି ମୋର କେଡ଼େ ନିଜର
ତା'ପରି କେହି ନାହିଁ
କୋଳଟି ତା'ର ସରଗ ମୋର
ତା'ସରି ନାହିଁ କେହି ।
ଖାଇ ନଥିଲେ ଖୁଆଇଦିଏ
ଶୁଆଇଦିଏ କୋଳେ
ଆହାକି ମିଠା ତା' ତୁଣ୍ଡ କଥା
ସଦା ମୁଁ ମନେ ଭାଳେ ।

**ପ୍ରଶ୍ନ-(କ) ମାଆର କେଉଁ କଥାଟି ଆମକୁ ମିଠା ଲାଗେ ?**

(i) ମାଆର କୋଳ

(ii) ମାଆ ତୁଣ୍ଡର କଥା

(iii) ମାଆର ପଣତ କାନି

(iv) ମାଆର କୋହ

**(ଖ) ମାଆର କୋଳକୁ କାହା ସହିତ ତୁଳନା କରାଯାଇଛି ?**

(i) ମର୍ତ୍ତ୍ୟ ସହିତ

(ii) ପୁଣ୍ୟ ସହିତ

(iii) ହୃଦୟ ସହିତ

(iv) ସ୍ୱର୍ଗ ସହିତ

ପ୍ରଶ୍ନ-୨. 'ସମୁଦ୍ର' ର ସମାନ ଅର୍ଥ ବୁଝାଉଥିବା ଶବ୍ଦଟି :- (୨)

(କ) ସାଗର

(ଖ) ପୁଷ୍କରିଣୀ

(ଗ) ଝରଣା

(ଘ) ନଈ

ପ୍ରଶ୍ନ-୩. (କ) 'ଘୋଡ଼ା' ଶବ୍ଦର ସ୍ତ୍ରୀ ଲିଙ୍ଗ ଅର୍ଥରେ ବୁଝାଉଥିବା ଶବ୍ଦଟି :- (୨)

(i) ଘୋଡ଼ାଣି

(ii) ଘୋଡ଼ଣି

(iii) ଘୋଡ଼ୀ

(iv) ଘୋଡୁଣୀ

(ଖ) 'କୁମାରୀ' ଶବ୍ଦର ପୁଂଲିଙ୍ଗ ଅର୍ଥ ବୁଝାଉଥିବା ଶବ୍ଦଟି (୨)

(i) କିଶୋର

(ii) ଯୁବକ

(iii) ତରୁଣ

(iv) କୁମାର

ପ୍ରଶ୍ନ-୪. ତଳେ ଦିଆଯାଇଥିବା ଶବ୍ଦ ସହିତ ସଂପର୍କିତ ଶବ୍ଦଟିକୁ '✓' ଚିହ୍ନ ଦେଇ ଚିହ୍ନାଅ (୨)

**(କ) ମାଛି -**

(i) ଫରଫର (ii) ଜଣଜଣ (iii) ଭଣଭଣ (iv) ସରସର

**(ଖ) ହସ -**

(i) ଝିଲିମିଲି (ii) ଖିଲିଖିଲି (iii) ଝିଲିଝିଲି (iv) ଫୁଲିଫୁଲି

ପ୍ରଶ୍ନ-୫. ଗାଈ ଆମର ଭାରୀ ଉପକାରୀ ପଶୁ, କାରଣ :- (୨)

(i) ତାହାର କ୍ଷୀର ଏକ ଉପାଦେୟ ଖାଦ୍ୟ

(ii) ସେ ଆମର ଫସଲ ନଷ୍ଟ କରେ

(iii) ସେ ଆମର ଘର ଅପରିଷ୍କାର କରେ

(iv) ତା' ମୁନିଆ ଶିଙ୍ଗରେ ଆମକୁ ଅଘାତ କରେ

**ପ୍ରଶ୍ନ-୬. 'ଧରାରେ' ଶବ୍ଦଟି କେଉଁ ଅର୍ଥକୁ ବୁଝାଉନାହିଁ ?** (୧)

(i) ମହୀରେ

(ii) ପୃଥିବୀରେ

(iii) ସ୍ୱର୍ଗରେ

(iv) ଧରିତ୍ରୀରେ

**ପ୍ରଶ୍ନ-୭. 'ନବୀନ' ଶବ୍ଦଟି କେଉଁ ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦ ?** (୧)

(i) ନୂତନ

(ii) ପ୍ରାଚୀନ

(iii) ସୃଜନ

(iv) ସ୍ୱନ୍ଦନ

**ପ୍ରଶ୍ନ-୮. କେଉଁ ବନାନଟି ଠିକ୍ ?** (୧)

(i) ସାହାର୍ଯ୍ୟ

(ii) ସାହାର୍ଯ୍ୟ

(iii) ସାହାଜ୍ୟ

(iv) ସାହାଯ୍ୟ

# କାର୍ଯ୍ୟଫର୍ଦ୍ଦ -୨୮

ଶିକ୍ଷଣ ଫଳାଫଳ :-

- ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ।
- ଚିତ୍ର ସୂକ୍ଷ୍ମତାକୁ ନିରୀକ୍ଷଣ କରିବ।
- ଭାଷାର ବ୍ୟାକରଣକୁ (ଯେପରି କାରକ, କ୍ରିୟା, କର୍ତ୍ତା ଆଦି) ଚିହ୍ନିବ ଓ ସେଥିପ୍ରତି ସଚେତନ ହୋଇ ଲେଖିବ।
- ବିଭିନ୍ନ ବିଷୟ ଓ ଉଦ୍ଦେଶ୍ୟ ପାଇଁ ଲେଖିବା ସମୟରେ ଉପଯୁକ୍ତ ଶବ୍ଦ, ବାକ୍ୟ ସଂରଚନା, ଲୋକକଥା, ବିରାମ ଚିହ୍ନ ଏବଂ ଅନ୍ୟ ବ୍ୟାକରଣଗତ କାଳ, କ୍ରିୟା, କର୍ତ୍ତା ଆଦିକୁ ଠିକ୍‌ଭାବରେ ବ୍ୟବହାର କରିବ।

ପ୍ରଶ୍ନ ୧ - ତଳ ଚିତ୍ରରେ କ'ଣ ହେଉଛି, ସେ ସମ୍ବନ୍ଧରେ କୋଠରିରେ ଲେଖିବା ।



ପ୍ରଶ୍ନ ୨ – ତଳେ ଦିଆଯାଇଥିବା ଦୁଇଟି କୋଠରିରେ କିଛି ଶବ୍ଦ ଅଛି । ସେଥି ମଧ୍ୟରୁ ସମ୍ପର୍କିତ ଶବ୍ଦକୁ ବାଛି ତଳେ ଲେଖିବା ।

ଯେପରି – ନଈକୂଳିଆ ଗାଆଁ

| | |
|---|---|
| ଖବର, କୃତ୍ରିମ, ସୁନ୍ଦର, ପୋକମରା, ପାକୁଆ, ନଈକୂଳିଆ, ଶାଗ, ଜାତିଜାତି, ନିରିମଳ | ସାର, ଔଷଧ, ପତର, ଫୁଲ, ପାଟି, ଫଳ, କାଗଜ, ଗାଆଁ, ଘର |

ପ୍ରଶ୍ନ ୩ – ଉପରେ ଲେଖାଥିବା ଶବ୍ଦ ଗୁଡ଼ିକୁ ନେଇ ବାକ୍ୟଗଢ଼ିବା

# କାର୍ଯ୍ୟଫର୍ଦ୍ଦ - ୨୯

**ଶିକ୍ଷଣ ଫଳାଫଳ :-**

- **ବିଭିନ୍ନ ବିଷୟ ଓ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଉପଯୁକ୍ତ ଶବ୍ଦ, ବାକ୍ୟ ସଂରଚନା, ଲୋକକଥା, ବିରାମ ଚିହ୍ନ ଓ ଅନ୍ୟ ବ୍ୟାକରଣଗତ କାଳ, କ୍ରିୟା, କର୍ତ୍ତା ଆଦିକୁ ଠିକ୍‌ଭାବରେ ବ୍ୟବହାର କରିବ।**

**ପଢ଼ିବା ଓ ବୁଝିବା ।**

ମୋ ବାପା ଥଣ୍ଡା ପାଣି ପିଅନ୍ତି । ସେ ବୀଣାକୁ ପାଣିରେ ଧରିଥିବା ମାଆ 'ବୀଣାପାଣି'ଙ୍କୁ ଭକ୍ତି କରନ୍ତି ।

ଉପର ଲିଖିତ ବାକ୍ୟ ଦୁଇଟିରେ ରେଖାଙ୍କିତ ପଦ ଦୁଇଟି ଗୋଟିଏ ଶବ୍ଦ ହେଲେ ବି ସେମାନଙ୍କ ଅର୍ଥ ଅଲଗା । ସେ ଦୁଇଟି ଅର୍ଥ ବାକ୍ୟ ଅନୁସାରେ ବୁଝ । ସେହିପରି ଗୋଟିଏ ଶବ୍ଦର ଭିନ୍ନ ଅର୍ଥ ଲେଖ ଏବଂ ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

ଯେପରି - ଏଠାରେ ପାଣି - ପିଇବା ପାଣି/ଜଳ, ଏବଂ

ପାଣି - ହାତକୁ ବୁଝାଉଛି ।

ତୀର - ରାଜା ଧନୁ ତୀର ଧରି ଲକ୍ଷ୍ୟ ଭେଦନ୍ତି ।

ତୀର - ନଦୀ ତୀରରେ ବୁଲିବାକୁ ଭଲ ଲାଗେ ।

**ପ୍ରଶ୍ନ-୧ ସେହିପରି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଭିନ୍ନ ଅର୍ଥ ଲେଖି ସେଗୁଡିକୁ ବାକ୍ୟରେ ବ୍ୟବହାର କରିବା।**

ଫଳ - ______________________

ଫଳ - ______________________

ବର୍ଣ୍ଣ - ______________________

ବର୍ଣ୍ଣ - ______________________

କାଳ - ______________________

କାଳ - ______________________

ଦଣ୍ଡ - ______________________

ଦଣ୍ଡ - ______________________

ବାଳ - ______________________

ବାଳ - ______________________

ପ୍ରଶ୍ନ-୨- ତୁମେ ପୂର୍ବରୁ ଜାଣିଥିବା 'ଅଲଗା ଅର୍ଥ ଥାଇ, ବା ଏକା ଭଳି ଶୁଣା ଯାଉଥିବା ଶବ୍ଦ ତଳେ ଖାଲି ଜାଗାରେ ଲେଖିବା । ଯେପରି -

ବେଣୀ, ବେଣି

______ ______

______ ______

______ ______

______ ______

______ ______

______ ______

______ ______

# କାର୍ଯ୍ୟଫର୍ଦ୍ଦ - ୩୦

**ଶିକ୍ଷଣ ଫଳାଫଳ :-**

**ନିଜ ଅନୁଭୂତିକୁ ନିଜ ଶୈଳୀରେ ଲେଖିବ ।**

ତଳଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ମନରୁ ଗପଟିଏ ଲେଖିବା ।

| | | | |
|---|---|---|---|
| ଗଛ, | ମାଙ୍କଡ଼, | ପିଲାମାନେ, | କୁକୁର |
| କଷି, | ଅଙ୍କା, | ବଙ୍କୁଲି ବାଡ଼ି, | ଖଣ୍ଡିଆ |

# କାର୍ଯ୍ୟଫର୍ଦ୍ଦ - ୩୧

**ଶିକ୍ଷଣ ଫଳାଫଳ :-**

- ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।
- ବିଭିନ୍ନ ବିଷୟ ଓ ଉଦ୍ଦେଶ୍ୟପାଇଁ ଲେଖିବା ସମୟରେ ଉପଯୁକ୍ତ ଶବ୍ଦ, ବାକ୍ୟ ସଂରଚନା, ଲୋକକଥା, ବିରାମ ଚିହ୍ନ ଓ ଅନ୍ୟ ବ୍ୟାକରଣଗତ କାଳ, କ୍ରିୟା, କର୍ତ୍ତା ଆଦିକୁ ଠିକ୍‌ଭାବରେ ବ୍ୟବହାର କରିବ।
- ଭାଷାର ଗୁଣାତ୍ମକତା ଯେପରି ଶବ୍ଦର ପୁନରାବୃତ୍ତି, ସର୍ବନାମ, ବିଶେଷଣ, ବଚନ ଆଦି ପ୍ରତି ସଚେତନ ହୋଇ ଲେଖିବା ।

ଅନୁଚ୍ଛେଦଟି ପଢ଼ି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

ଗୁପ୍ତେଶ୍ୱର ଯିବା ବାଟରେ ରାମଗିରି ପାହାଡ଼ ପଡ଼େ । କେତେକ କହନ୍ତି ଏଠାରେ ମହାକବି କାଳିଦାସ ତାଙ୍କର ପ୍ରସିଦ୍ଧ କାବ୍ୟ ମେଘଦୂତ ଲେଖିଥିଲେ । ବିସ୍ତୃତ ସବୁଜ ବନାନୀ । ତା' କୋଳରେ ଶୋଭା ପାଉଛି ସୁରମ୍ୟ କୁଟୀର । ବଣଝରଣାର କୂଳେକୂଳେ ଲମ୍ବି ଯାଇଛି ଏଇ ପାହାଡ଼ । ନିକଟରେ ବନ ବିଭାଗର ବିଶ୍ରାମାଗାର । ଗସ୍ତରେ ହାକିମମାନେ ଆସିଲେ ଏଠାରେ ରାତ୍ରୀ ଯାପନ କରନ୍ତି ।

୧. ରାମଗିରି ପାହାଡ଼ କେଉଁ ସ୍ଥାନକୁ ଯିବା ବାଟରେ ପଡ଼େ ?

______________________________

୨. ଏଇ ପାହାଡ଼ରେ କିଏ ବସି ତାଙ୍କର ପ୍ରସିଦ୍ଧ କାବ୍ୟ ଲେଖିଥିଲେ ?

______________________________

୩. କାଳିଦାସଙ୍କ ପ୍ରସିଦ୍ଧ କାବ୍ୟର ନାମ କ'ଣ ?

______________________________

୪. ରାମଗିରି ପାହାଡ଼ ଜଣାଶୁଣା କାହିଁକି ?

______________________________

୫. କେଉଁମାନେ ସେହି ବିଶ୍ରାମାଗାରରେ ରାତ୍ରୀ ଯାପନ କରନ୍ତି ?

______________________________________________

୬. ବାକ୍ୟ ଗଠନ କରିବା ।

ପ୍ରସିଦ୍ଧ ______________________________________

ବିସ୍ତୃତ ______________________________________

ସୁରମ୍ୟ ______________________________________

ବନାନୀ ______________________________________

କୂଳେକୂଳେ ____________________________________

ଗସ୍ତ ________________________________________

୭. ଏକ ପଦରେ ପ୍ରକାଶ କରିବା ।

କ) ଯେଉଁଠାରେ ବିଶ୍ରାମ କରାଯାଏ -

ଖ) ସଙ୍ଗୀତ ଜାଣନ୍ତି ଯେ -

ଗ) ଏକରୁ ଅଧିକ -

ଘ) କ୍ଷଣକୁ କ୍ଷଣ -

ଙ) ଶିକ୍ଷା ନିମନ୍ତେ ଅନୁଷ୍ଠାନ -

## କାର୍ଯ୍ୟଫର୍ଦ୍ଦ - ୩୨

**ଶିକ୍ଷଣ ଫଳାଫଳ :-**

- ଭିନ୍ନ ଭିନ୍ନ ପ୍ରକାର ପ୍ରବନ୍ଧ/ସାମଗ୍ରୀକୁ (ଖବର କାଗଜ, ଶିଶୁ ପତ୍ରିକା ଆଦି) ପଢ଼ି ବୁଝିବା ସହିତ ସେହି ସଂପର୍କିତ ପ୍ରଶ୍ନ ପଚାରିବ, ନିଜ ମତ ଦେବ। ଶିକ୍ଷକ ଓ ଅନ୍ୟ ସହପାଠୀଙ୍କ ସହିତ ଆଲୋଚନା କରିବ। ପଚାରିଥିବା ପ୍ରଶ୍ନର ଉତ୍ତର (ମୌଖିକ/ଲିଖିତ ଭାବରେ) ଦେବ।

ଭାରତ ଏକ ବିରାଟ ସ୍ୱାଧୀନ ଗଣତନ୍ତ୍ର ଦେଶ । ଗଣତନ୍ତ୍ରର ସଫଳତା ଦେଶର ସୁଶିକ୍ଷିତ ନାଗରିକମାନଙ୍କ ଉପରେ ନିର୍ଭର କରେ । ଲୋକ ପ୍ରତିନିଧିମାନଙ୍କ ସ୍ଥିର ଚିତ୍ତ, ସମୂହଙ୍କ ଉନ୍ନତି ଚିନ୍ତା ଓ ପରିକଳ୍ପିତ ଯୋଜନାଗୁଡ଼ିକର ସଫଳ ରୂପାୟନ ଉପରେ ଦେଶର ପ୍ରଗତି ନିର୍ଭର କରେ । କର୍ମଚାରୀମାନଙ୍କର କର୍ମ କୁଶଳତା ଓ ଜନସାଧାରଣଙ୍କର ଏକତ୍ୱବୋଧ ଗୋଟିଏ ଦେଶର ସ୍ୱାଧୀନତା ବଜାୟ ରଖିବାରେ ସହାୟକ ହୋଇଥାଏ ।

ତଳ ଉତ୍ତର ପାଇବା ପାଇଁ ପ୍ରଶ୍ନ ତିଆରି କରିବା ।

୧. ଭାରତ ଏକ ସ୍ୱାଧୀନ ଗଣତନ୍ତ୍ର ଦେଶ ।

______________________________

୨. ସୁଶିକ୍ଷିତ ନାଗରିକମାନଙ୍କ ଉପରେ ଗଣତନ୍ତ୍ରର ସଫଳତା ନିର୍ଭର କରେ ।

______________________________

୩. ଲୋକ ପ୍ରତିନିଧିମାନଙ୍କ ସ୍ଥିର ଚିତ୍ତ, ସମୂହଙ୍କ ଉନ୍ନତି ଚିନ୍ତା ଓ ପରିକଳ୍ପିତ ଯୋଜନାଗୁଡ଼ିକର ସଫଳ ରୂପାୟନ ଉପରେ ଦେଶର ପ୍ରଗତି ନିର୍ଭର କରେ ।

______________________________

୪. କର୍ମଚାରୀମାନଙ୍କର କର୍ମ କୁଶଳତା ଓ ଜନସାଧାରଣଙ୍କ ଏକତ୍ୱବୋଧ ଗୋଟିଏ ଦେଶର ସ୍ୱାଧୀନତା ବଜାୟ ରଖିବାରେ ସହାୟକ ହୋଇଥାଏ ।

______________________________

## କାର୍ଯ୍ୟଫର୍ଦ୍ଦ - ୭୫

**ଶିକ୍ଷଣ ଫଳାଫଳ :-**

- **ବିଭିନ୍ନ ଉଦ୍ଦେଶ୍ୟ ଲେଖିବା ସମୟରେ ଶବ୍ଦ ଚୟନ, ବାକ୍ୟ ସଂରଚନା ଓ ବିଭିନ୍ନ ପ୍ରକାର ଶବ୍ଦ ଚୟନ, ବାକ୍ୟ ସଂରଚନା ଓ ବିଭିନ୍ନ ପ୍ରକାର ଲେଖାପାଇଁ (ଯେପରି ସାଙ୍ଗକୁ ଚିଠି ଲେଖିବା, ପତ୍ରିକାର ସଂପାଦକଙ୍କୁ ପତ୍ର ଲେଖିବା) ନିଜେ ସିଦ୍ଧାନ୍ତ ଗ୍ରହଣ କରିବ।**

ମାନନୀୟ

ପ୍ରଧାନ ଶିକ୍ଷକ,

ସରକାରୀ ଉ.ପ୍ରା. ବିଦ୍ୟାଳୟ, କୁଲାଡ଼, ଅନୁଗୋଳ ।

ବିଷୟ :- ଛୁଟି ମଞ୍ଜୁରପାଇଁ ଦରଖାସ୍ତ ।

ମହାଶୟ,

ନିବେଦନର ଅଭିପ୍ରାୟ ଏହିକି ଯେ, ମୋର ଶରୀର ଅସୁସ୍ଥ ଥିବାରୁ ମୁଁ ଗତ ତା ୨୭.୦୬.୨୦୧୮ ରିଖ ଠାରୁ ତା ୨୯.୦୬.୨୦୧୮ ରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ଅନୁପସ୍ଥିତ ଥିଲି ।

ଏଣୁ ବିନୀତ ପ୍ରାର୍ଥନା କରେକି ମୋତେ ଉକ୍ତ ତିନିଦିନ ଛୁଟି ମଞ୍ଜୁର କଲେ ମୁଁ ଆପଣଙ୍କ ନିକଟରେ ବିଶେଷ ଉପକୃତ ହେବି ।

ଇତି

ଆପଣଙ୍କର ଆଜ୍ଞାଧୀନ ଛାତ୍ର,

କୁମୁଦ

କୁଲାଡ଼, (ବଅଁରପାଳ)

ଅନୁଗୋଳ

ତା ୩୦.୬.୨୦୧୮

- ଉପର ଲିଖିତ ଦରଖାସ୍ତଟି ପଢ଼ି, ବୁଝି, ସେହି ଆଧାରରେ ଦରଖାସ୍ତ ଲେଖିବା ।
- ନିଜ ଗ୍ରାମରେ ଥିବା ରାସ୍ତାର ମରାମତି ପାଇଁ ନିଜ ଅଞ୍ଚଳର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖିବା ।

## କାର୍ଯ୍ୟଫର୍ଦ୍ଦ - ୭୬

## ଷଷ୍ଠ ଗଠନ ମୂଳକ ଆକଳନ ପ୍ରଶ୍ନାବଳୀ

ପୂର୍ଣ୍ଣସଂଖ୍ୟା - ୨୦

**ପ୍ରଶ୍ନ-୧. ଅନୁଚ୍ଛେଦଟିକୁ ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ (✓) ଚିହ୍ନ ଦିଅ। (୪)**

ଆଜି ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି । ଆମ ରାଜ୍ୟରେ ଏହି ତିଥିରେ 'ପ୍ରଥମାଷ୍ଟମୀ' ପର୍ବ ପାଳନ କରାଯାଏ । ପ୍ରତି ପରିବାରରେ ଜ୍ୟେଷ୍ଠ ସନ୍ତାନମାନଙ୍କୁ ନୂତନ ପୋଷାକ ପରିଧାନ କରାଇ ବନ୍ଦାପନା କରାଯାଏ । ପ୍ରଥମ ସନ୍ତାନକୁ 'ପଢୁଆଁ' ବୋଲି କୁହାଯାଇଥାଏ ।

**(କ) ମାର୍ଗଶିର କୃଷ୍ଣ ଅଷ୍ଟମୀକୁ କ'ଣ କୁହାଯାଏ ?**

(i) ଜନ୍ମାଷ୍ଟମୀ

(ii) ପ୍ରଥମାଷ୍ଟମୀ

(iii) ଅଶୋକାଷ୍ଟମୀ

(iv) ଦୁର୍ଗାଷ୍ଟମୀ

**(ଖ) କେଉଁ ସନ୍ତାନକୁ 'ପଢୁଆଁ' ବୋଲି କୁହାଯାଏ ?**

(i) ମଧ୍ୟମ ସନ୍ତାନ

(ii) ଜମଜ ସନ୍ତାନ

(iii) ପ୍ରଥମ ସନ୍ତାନ

(iv) କନିଷ୍ଠ ସନ୍ତାନ

**ପ୍ରଶ୍ନ-୨. ସଜଡ଼ାହୋଇ ଲେଖାଯାଇଥିବା ବାକ୍ୟ ପାଖରେ '✓' ଚିହ୍ନ ଦିଅ ।** (୨)

(କ) ହଠାତ୍ କବାଟ ଠକ୍‌ଠକ୍ ଶବ୍ଦଶୁଣି ମୋ ନିଦ ଭାଙ୍ଗିଗଲା ।

(ଖ) କବାଟ ନିଦ ମୋ ଠକ୍‌ଠକ୍ ହଠାତ୍ ଶବ୍ଦ ଭାଙ୍ଗିଗଲା ଶୁଣି ।

(ଗ) ହଠାତ୍ ଶବ୍ଦ ଠକ୍‌ଠକ୍ ଭାଙ୍ଗିଗଲା ନିଦ କବାଟ ଶୁଣି ମୋ ।

(ଘ) ଭାଙ୍ଗିଗଲା ମୋ ଠକ୍‌ଠକ୍ ଶବ୍ଦ କବାଟ ଶୁଣି ହଠାତ୍ ନିଦ ।

ପ୍ରଶ୍ନ-୩. କେଉଁ ଶବ୍ଦଦୁଇଟି 'ସର' ଶବ୍ଦର ଅର୍ଥକୁ ବୁଝାଉଛି ? (୨)

(କ) ପାଣିର ସର, ପୁଷ୍କରିଣୀ

(ଖ) କ୍ଷୀରୀସର, କ୍ଷୀରର ସର

(ଗ) କ୍ଷୀରର ସର, ପାଣିର ସର

(ଘ) ପୁଷ୍କରିଣୀ, କ୍ଷୀରର ସର

ପ୍ରଶ୍ନ-୪. କେଉଁ ଶବ୍ଦଟି 'ପାଣିଆ' ଶବ୍ଦ ସହିତ ସଂପର୍କିତ ? (୨)

(କ) ଭାତ

(ଖ) ଡାଲି

(ଗ) ଭଜା

(ଘ) ତରକାରି

ପ୍ରଶ୍ନ-୫. କେଉଁ ବାକ୍ୟ ଶେଷରେ ଠିକ୍ ଚିହ୍ନ ଦିଆଯାଇଛି ? (୨)

(କ) ସେ ପଚାରିଲା, "କାହିଁକି" ।

(ଖ) ସେ ପଚାରିଲା, "କାହିଁକି" !

(ଗ) ସେ ପଚାରିଲା, "କାହିଁକି" ?

(ଘ) ସେ ପଚାରିଲା, "କାହିଁକି",

ପ୍ରଶ୍ନ-୬. ପ୍ରଧାନଶିକ୍ଷକଙ୍କୁ ଦରଖାସ୍ତ ଲେଖିଲେ କ'ଣ ସମ୍ବୋଧନ କରାଯାଏ ? (୨)

(କ) ସ୍ନେହର ଶ୍ରୀଯୁକ୍ତ ପ୍ରଧାନଶିକ୍ଷକ

(ଖ) ପୂଜ୍ୟପାଦ ଶ୍ରୀଯୁକ୍ତ ପ୍ରଧାନଶିକ୍ଷକ

(ଗ) ପୂଜାସ୍ପଦ ଶ୍ରୀଯୁକ୍ତ ପ୍ରଧାନଶିକ୍ଷକ

(ଘ) ମାନନୀୟ ଶ୍ରୀଯୁକ୍ତ ପ୍ରଧାନଶିକ୍ଷକ

ପ୍ରଶ୍ନ-୭. ପତ୍ର ଲିଖନରେ ଠିକଣା ଲେଖିବାର କେଉଁ କ୍ରମଟି ଠିକ୍ ? (୨)

(କ) ବାମ ପାଖରେ ପ୍ରେରକ, ଡାହାଣ ପାଖରେ ପ୍ରାପକ

(ଖ) ବାମ ପାଖରେ ପ୍ରାପକ, ଡାହାଣ ପାଖରେ ପ୍ରେରକ

(ଗ) ବାମ ପାଖରେ ପ୍ରେରକ ଓ ପ୍ରାପକ

(ଘ) ଡାହାଣ ପାଖରେ ପ୍ରେରକ ଓ ପ୍ରାପକ

**ପ୍ରଶ୍ନ-୮. "ମଧ୍ୟପ୍ରଦେଶରୁ ଝୋଟ ନିର୍ମିତ ବାଇଚଢ଼େଇ ବସା ଆସିଛି ।'' ଏହି ବାକ୍ୟଟିକୁ ଉତ୍ତରରେ ପାଇବା ପାଇଁ କେଉଁ ପ୍ରଶ୍ନଟି ଉପଯୁକ୍ତ ?** (୨)

(କ) ମଧ୍ୟପ୍ରଦେଶରୁ ବାଇଚଢ଼େଇ ବାସ କାହିଁକି ଆସିଛି ?

(ଖ) ମଧ୍ୟପ୍ରଦେଶରୁ ଆସିଥିବା ବାଇଚଢ଼େଇ ବସା କେଉଁଥିରେ ତିଆରି ?

(ଗ) ମଧ୍ୟପ୍ରଦେଶରୁ ବାଇଚଢ଼େଇବସା କିପରି ଆସିଛି ?

(ଘ) ମଧ୍ୟପ୍ରଦେଶରୁ ବାଇଚଢ଼େଇ ବସା କେତେବେଳେ ଆସିଛି ?

**ପ୍ରଶ୍ନ-୯. ସଙ୍ଗୀତ ଜାଣନ୍ତି ଯେ - ଏକ ପଦରେ କ'ଣ ହେବ ?** (୨)

(କ) ଗୀତାକାର

(ଖ) ସଙ୍ଗୀତକାର

(ଗ) ସଙ୍ଗୀତଜ୍ଞ

(ଘ) ସୁରକାର

## ଆଦର୍ଶ ପ୍ରଶ୍ନାବଳୀ

**ପ୍ରଶ୍ନ-୧. ସମାନ ଅର୍ଥ ବୁଝାଉଥିବା ଶବ୍ଦ ଲେଖିବା ।**

| | |
|---|---|
| ଗାଈ - ଗୋ, ଧେନୁ | ଚନ୍ଦ୍ର - |
| ଘୋଡ଼ା - | ସୂର୍ଯ୍ୟ - |
| ଘର - | ପୁଅ - |
| ଜଳ - | ଝିଅ - |
| ବାୟୁ - | ମାଆ - |
| ଆକାଶ - | ବାପା - |
| ପୃଥିବୀ - | ବନ - |
| ଫୁଲ - | ମଣିଷ - |
| ଫଳ - | ବିରାଡ଼ି - |
| ଗଛ - | କୁକୁର - |
| ମୟୂର - | ପୋଖରୀ - |
| ଦିନ - | ପଦ୍ମ - |
| ରାତି - | ମେଘ - |
| ସଂଧ୍ୟା - | ମାଟି - |
| ନଦୀ - | ସିଂହ - |
| ସମୁଦ୍ର - | ସ୍ୱାମୀ - |
| ଝରଣା - | ସ୍ତ୍ରୀ - |

**ପ୍ରଶ୍ନ-୨ ତଳ ଲିଖିତ ଶବ୍ଦକୁ ଏପରି ଲେଖିବା ।**

ଯେପରି ଅନ୍ୟ ଗ୍ରାମ – ଗ୍ରାମାନ୍ତର

ଅନ୍ୟ ଦେଶ –

ଅନ୍ୟ ଭାବ –

ଅନ୍ୟମତ –

ଅନ୍ୟ ସ୍ଥାନ –

ଅନ୍ୟ ଯୁଗ –

ଅନ୍ୟ କାଳ –

ଅନ୍ୟ ଜନ୍ମ –

**ପ୍ରଶ୍ନ-୩ ତଳେ 'କ' ସ୍ତମ୍ଭରେ ଦିଆଯାଇଥିବା ଲେଖା ସହ 'ଖ' ସ୍ତମ୍ଭର ଠିକ୍ ଅର୍ଥକୁ ମିଳାଇବା ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଧୀର ପାଣି ପଥର କାଟେ – | ଅସମ୍ଭବ ସମ୍ଭବ ହେବା |
| ଉଷୁନା ଧାନ ଗଜା ହେବା – | ଅତି ସୁନ୍ଦର |
| ବସି ଖାଇଲେ ନଈବାଲି ସରେ – | ଆପଣାର ଲୋକ ଶତ୍ରୁ |
| ଗୋଟିଏ ଚାଉଳରେ ଗଢ଼ା – | ଅତ୍ୟଧିକ କଷ୍ଟ ଦେବା |
| ଘର ଢିଙ୍କି କୁମ୍ଭୀର | ଧନ ଅର୍ଜନ ନ କରି ଖର୍ଚ୍ଚ କରିବା |
| କଟା ଘା'ରେ ଚୂନ ଦେବା | ଧୈର୍ଯ୍ୟ ସହ କାର୍ଯ୍ୟ କଲେ ସଫଳତା ମିଳେ |

ପ୍ରଶ୍ନ ନଂ -୪ -

**ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରୁ ଭୁଲ ବନାନ୍‌ଯୁକ୍ତ ଶବ୍ଦଗୁଡ଼ିକୁ ବାଛିବା ଏବଂ ସେଗୁଡ଼ିକୁ ଠିକ୍ କରି ଲେଖିବା ।**

ଭୁବନେଶ୍ୱର, ସପରିବାରେ, କୃତିତ୍ୱ, ପୁଷ୍ପାଞ୍ଜଳି, କର୍ମ୍ମ, ଦୁର୍ଗା ଅମୀୟ, ଦାରିଦ୍ରତା, ପୌରହିତ୍ୟ, ବିରୁଦ୍ଧରେ, ଭୌଗଳିକ, ରଶ୍ମି, ଯାତାୟାତ, ଅକ୍ରୁର, ଅଗ୍ରୀମ, ଅର୍ଚନା, ଅଞ୍ଜଳି, ଅଣ୍ଡିରାଚଣ୍ଡୀ, ଅତିବଡ଼ି, ଅଧକ୍ଷ, ଅର୍ଦ୍ଧରାତ୍ରି, ଅନାହୁତ, ଅନ୍ତସତ୍ତ୍ୱା, ଅନସନ, ଅପଦସ୍ଥ, ଅଶ୍ଳିଳ, ଅଷ୍ଟାବକ୍ର, ଅଲମ୍ଭିକ, ଆଇଁଷ, ଆନୁଷଙ୍ଗିକ, ଆପୋସ, ଆରତି, ଆଶୀଷ, ଆନୁକୂଲ୍ୟ, ଇତଃସ୍ତତଃ, ଈଶ୍ୱର, ଉଣା, ଉତ୍ତମର୍ଣ୍ଣ, ଉଦାଚୀ, ଉର୍ଦ୍ଧ୍ୱ, ଉର୍ମି, ଉଦ୍ୟ, ଏକତ୍ରିତ, ଏକଛତ୍ର, ଐକ୍ୟତା, ଔଚିତ୍ୟ, କଟୂକ୍ତି, କ୍ରୀଡ଼ା କବୟିତ୍ରୀ, କିର୍ତ୍ତୀ, କୁତୂହଳ, କୃତ୍ରିମ, କାର୍ପ୍ୟଣତା, କୌପୀନ, ଖେଳାଳୀ, ଖାକି, ଗରିବ, ଗୋଷ୍ଠୀ, ଗୁହାରୀ, ଘୂରିବା, ଡାକିରି, ଚୁତ, ଛୁରି, ଜୟନ୍ତି, ଜାଗିରୀ, ଜୋଛନା, ଜିଗିଷା ତ୍ରିଭୁଜ, ଥୂଣ୍ଟା, ଦଧୀ, ଦାଶରଥୀ, ଦୁକୁଳ, ଦୁର୍ଦ୍ଧଷ, ଧୂମ୍ରପାନ ନିରବ, ନାଉରି, ନିରୁପଣ, ନିରପରାଧୀ, ନୀଚ୍ଚ, ନୈରୁତ, ପରିଶ୍ରା ପୂଣ୍ୟ, ପ୍ରତିଯୋଗିତା, ପ୍ରଭାତ, ଫକିର, ବିରରିତ, ବ୍ୟବହାରିକ, ଭିକାରୀ, ମାମୁ, ବିନତୀ ଯିଶୁ, ରୀତି, ରୂପା, ଲୋଭି, ଶାଶୀଭୂଷଣ, ଶାରୀରିକ, ଶୁଶୂଷା, ଶୂର, ଷଷ୍ଟ, ଷୋଡ଼ଷ ସହରି ସଂକ୍ଷିପ୍ତରେ, ସ୍ଥାୟୀତ୍ୱ, ସୁତୁଳୀ, ସୁକ୍ତି, ହୃଷ୍ଟପୃଷ୍ଟ, ହିନ୍ଦୀ, କ୍ଷାତି, କ୍ଷୁଦ୍ର, କ୍ଷୀତି, କ୍ଷୀରି ଭୁବନେଶ୍ୱର, ସପରିବାର, କୃତିତ୍ୱ, ପୁଷ୍ପାଞ୍ଜଳି, ଦୁର୍ଗା, ଅମିୟ, ଦାରିଦ୍ର୍ୟ, ପୌରୋହିତ୍ୟ, ବିରୋଧରେ, ଭୌଗୋଳିକ, ଶତ୍ରୁ ସାହସ, ସମ୍ମାନନୀୟ, ସୌଜନ୍ୟ, ପୁଣ୍ୟ, ମୁଖ୍ୟମନ୍ତ୍ରୀ, ଦ୍ୱନ୍ଦ୍ୱ, ରଶ୍ମି, ଯାତାୟାତ, ଅକ୍ରୂର, ଅଗ୍ରିମ, ଅର୍ଚ୍ଚନା, ଅଞ୍ଜଳି, ଅଣ୍ଡୀରୀଚଣ୍ଡୀ, ଅତିବଡ଼ୀ, ଅଧ୍ୟକ୍ଷ, ଅର୍ଦ୍ଧରାତ୍ର, ଅନାହୂତ, ଅନ୍ତଃସତ୍ତ୍ୱା ଅନଶନ, ଅପଦସ୍ଥ, ଅଶ୍ଳୀଳ, ଅଷ୍ଟାବକ୍ର, ଅଲିମ୍ଭିକ, ଆଇଁଷ, ଆନୁଷଙ୍ଗିକ, ଆପୋସ, ଆରତି, ଆଶିଷ, ଆନୁକୂଲ୍ୟ, ଇତସ୍ତତଃ, ଈଶ୍ୱର, ଉଣା, ଉତ୍ତମନ୍ନ, ଉଦାଚୀ, ଉର୍ଦ୍ଧ୍ୱ, ଉର୍ମି ଉହ୍ୟ, ଏକତ୍ର, ଏକଛତ୍ର, ଐକ୍ୟ/ଏକତା, ଔଚିତ୍ୟ, କଟୂକ୍ତି, କ୍ରୀଡ଼ା, କବୟିତ୍ରୀ, କୀର୍ତ୍ତି, କୁତୂହଳ, କୃତ୍ରିମ, କାର୍ପଣ୍ୟ, କୌପୀନ, ଖେଳାଳୀ, ଖାକି, ଗରିବ, ଗୋଷ୍ଠୀ, ଗୁହାରି, ଘୂରିବା, ଚାକିରି, ଚୂତ ଛୁରି/ରୀ, ଜୟନ୍ତୀ, ଜାଗିରୀ, ଜ୍ୟୋତ୍ସ୍ନା, ଜିଗୀଷା, ଝିଆରୀ, ଠସା, ଡେରି, ଢାଙ୍କୁଣୀ, ତରକାରି, ତଟିନୀ, ତପସ୍ୱିନୀ, ତ୍ରିଭୁଜ, ଥୁଣ୍ଟା ଦଧି, ଦାଶରଥି, ଦୁକୂଳ, ଦୁର୍ଦ୍ଧର୍ଷ, ଧୂମପାନ, ନିରବ, ନାଉରି, ନିରୂପଣ, ନିରପରାଧ, ନୀଚ, ନୈରୂତ, ପରିସ୍ରା, ପୂଣ୍ୟ, ପ୍ରତିଯୋଗିତା, ପ୍ରଭାତୀ, ଫକିର, ବିପରୀତ, ବ୍ୟାବହାରିକ, ଭିକାରି, ମାମୁ, ମିନତି, ଯୀଶୁ, ରୀତି, ରୂପା, ଲୋଭୀ, ଶଶିଭୂଷଣ, ଶାରିରିକ, ଶୁଶ୍ରୂଷା, ଶୂର, ଷଷ୍ଠ, ଷୋଡ଼ଶ, ସହରୀ ସଂକ୍ଷେପରେ, ସ୍ଥାୟତ୍ୱ, ସୂତୁଳି, ସୂକ୍ତି, ହୃଷ୍ଟପୁଷ୍ଟ ହିନ୍ଦି, ଖ୍ୟାତି, କ୍ଷୁଦ୍ର, କ୍ଷତି, ଖିରି/କ୍ଷୀରା ।

ପ୍ରଶ୍ନ ନଂ -୫

ସମାନ ଅର୍ଥ ବୁଝାଉଥିବା ଯୋଡ଼ା ଶବ୍ଦ/ଯୁଗ୍ମ ଶବ୍ଦ କେତୋଟି ଗଠନ କରିବା ।

ଯେପରି - ବହିପତ୍ର

- ଅସ୍ତ୍ରଶସ୍ତ୍ର
- ଗଛଲତା
- ..........................
- ..........................
- ............................
- ............................

- ବିପରୀତ ଅର୍ଥ ବୁଝାଉଥିବା (ପରସ୍ପର ମଧ୍ୟରେ) ଯୁଗ୍ମ ଶବ୍ଦ ଲେଖିବା ।

ଯେପରି - ସୁଖ ଦୁଃଖ

- ହାନି ଲାଭ
- ____________________
- ____________________
- ____________________
- ____________________
- ____________________
- ____________________
- ____________________
- ____________________
- ____________________

ପ୍ରଶ୍ନ ନଂ -୬

ଏକ ପଦରେ ପ୍ରକାଶ କରିବା ।

ଦଶରଥଙ୍କ ପୁତ୍ର - ଦାଶରଥି ପରି ଆଉ କେତକ ଶବ୍ଦ ଶିକ୍ଷକ ଅଭ୍ୟାସ କରାଇବେ ।

ଯାହା ଦୁଃଖରେ ଲାଭ କରାଯାଏ - ଦୁର୍ଲ୍ଲଭ

ଯେ ସତ୍ୟ କହେ -

ବିଜ୍ଞାନ ଶାସ୍ତ୍ରରେ ନିପୁଣ -

ଇତିହାସ ଜାଣନ୍ତି ଯେ -

ମେଧା ଅଛି ଯାହାର -

ଜୀବନ ଥିବା ପର୍ଯ୍ୟନ୍ତ -

କୂଳର ନିକଟ -

ନାହିଁ କଳଙ୍କ ଯହିଁ ରେ -

ରୂପର ଯୋଗ୍ୟ -

ପରିବାର ସହ -

ପିଇବାର ଇଚ୍ଛା -

ଭିକ୍ଷାର ଅଭାବ -

ଜାଣିବାର ଇଚ୍ଛା -

ଜାୟା ଓ ପତି -

ଜନକଙ୍କ କନ୍ୟା -

ସ୍ତ୍ରୀ ସହ ବର୍ତ୍ତମାନ ଯେ -

ପ୍ରଶ୍ନ ନଂ -୭

ଗପଟିକୁ ଆଗେଇ ନେବା -

ଗୋଟିଏ ବଣରେ ସିଂହଟିଏ ଥିଲା । ସେ ପ୍ରତିଦିନ ବଣର ଜୀବଙ୍କୁ ମନଇଚ୍ଛା ମାରି ଖାଉଥିଲା । ଫଳରେ ବଣରୁ ଜୀବସଂଖ୍ୟା କମିବାକୁ ଲାଗିଲା । ଦିନେ ଜୀବମାନେ ସଭାଟିଏ କଲେ । ପ୍ରତିଦିନ ଗୋଟିଏ ଜୀବ ସିଂହ ନିକଟକୁ ପଠାଇବା ପାଇଁ ସିଂହକୁ ଜଣାଇଲେ । ଦିନେ ଠେକୁଆର ପାଳି ପଡ଼ିଲା ।

ସେ ..............................

ପ୍ରଶ୍ନ ନଂ - ୯

**ତଳ ଲେଖାଟିରେ ଉପଯୁକ୍ତ ଚିହ୍ନ ଦେଇ ଅନୁଚ୍ଛେଦଟି ପଢ଼ିବା ।**

ଏ ସବୁ ଶୁଣି ଗର୍ଜି ଉଠିଲେ ବାବୁ – ହଇରେ ମଧୁ ଦାସ ଶେଷକୁ କ୍ଷୀର ବିକିବ ଛି ଛି ତା ପୁଣି ଏଇ ଗରିବ ଲୋକ ଗୁଡ଼ାଙ୍କୁ ଲୋକେ ଶୁଣିଲେ କଣ କହିବେ ଗାଈଙ୍କର ଯଦି ଦାନାର ଅଭାବ ହେଉଛି ମୋତେ ଜଣାଇଲୁ ନାହିଁ ଖାଇବାକୁ ଦେଇ ନ ପାରିଲେ ମଧୁ ଦାସ ଗୋଟିଗୋଟି କରି ସବୁ ଗାଈ ବିକି ଦେବ ସିନା କ୍ଷୀର ବିକି ପାରିବ ନାହିଁ ।

ପ୍ରଶ୍ନ ନଂ - ୧୦

"ସ୍ୱଚ୍ଛ ପରିବେଶ" ବିଷୟରେ ବର୍ଣ୍ଣନା କରିବା ।

ପ୍ରଶ୍ନ ନଂ - ୧୧

"ଆମ ବିଦ୍ୟାଳୟ କ୍ୟାବିନେଟ୍" ର କାର୍ଯ୍ୟ ଓ ସଭ୍ୟ ସଭ୍ୟାଙ୍କ ବିଷୟରେ ଲେଖିବା ।

ପ୍ରଶ୍ନ ନଂ - ୧୨

ଆମ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ କିପରି ପାଳନ କଲେ ସାଙ୍ଗ ନିକଟକୁ ପତ୍ର ଲେଖିବା ।

ପ୍ରଶ୍ନ ନଂ - ୧୩

ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଉଦ୍ୟାନ କାର୍ଯ୍ୟକ୍ରମ ବିଷୟରେ ସାଙ୍ଗ ନିକଟକୁ ପତ୍ର ଲେଖିବା ।

ପ୍ରଶ୍ନ ନଂ - ୧୪

ତୁମ ବଡ଼ ଭଉଣୀର ବାହାଘର ଥିବାରୁ ତୁମେ ଶ୍ରେଣୀରେ ଦୁଇ ଦିନ ଅନୁପସ୍ଥିତ ରହିବ । ଦୁଇ ଦିନ ଛୁଟି ପାଇଁ ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତ ଲେଖ ।

ପ୍ରଶ୍ନ ନଂ - ୧୫

ଆମ ଗ୍ରାମର ନଳକୂଅ ଖରାପ ହୋଇଯାଇଥିବା ଯୋଗୁଁ ଗ୍ରାମବାସୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାର ମରାମତିପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖିବା ।

## ୧୫. ଉପଯୁକ୍ତ ବିରାମ ଚିହ୍ନ ବ୍ୟବହାର କରି ଅନୁଚ୍ଛେଦଟିକୁ ପଢ଼ିବା ଓ ଲେଖିବା ।

ଶିବିର ଭିତରେ ଏକାକୀ ରାଜା ଅଶ୍ରୁରୋଧ କରି ପାରିଲେ ନାହିଁ ବାସ୍ତବିକ ଆଜିଯାଏ ସେ ନିଜକୁ କେଡ଼େ ପ୍ରଭାବଶାଳୀ କ୍ଷମତାଶାଳୀ ମନେ କରି ଆସୁଥିଲେ ଇଏ ହେଲା କଣ ବେଶ ବୋଇଲେ ସାଧୁ କଣ ବୁଝାଉଛନ୍ତି ଯୋଗ୍ୟତା ବାସ୍ତବିକ ସେ କଣ ଜଣେ ସାଧୁଙ୍କୁ ଭେଟିବାକୁ ଯୋଗ୍ୟ ସେ ଏ ପ୍ରଶ୍ନ ଉପରେ ଯେତିକି ଚିନ୍ତା କଲେ ସେତିକି ବିମର୍ଷ ବୋଧ କଲେ ଅର୍ଥାତ୍ ଜୀବନରେ ସେ ଯେତେ ବିଜୟ ପ୍ରାପ୍ତି କରିଛନ୍ତି ଯେତେ ମୁଣ୍ଡ କାଟ କରି ତଳେ ଲୋଟାଇ ଦେଇଛନ୍ତି ସେ ସବୁ ତାଙ୍କୁ ଅନ୍ୟମାନଙ୍କ ଆଖିରେ ବିରାଟ କରି ଥାଇପାରେ । କିନ୍ତୁ ସାଧୁଙ୍କ ଆଖିରେ ସେ ଅଯୋଗ୍ୟ ପୁଅ ଏ ବେଶରେ ତୁ ମେ କେଡ଼େ ସୁନ୍ଦର ଦିଶୁଛ ଏ ଅପୂର୍ବ କଣ୍ଠସ୍ୱର ରାଜାଙ୍କୁ ଚମକାଇ ଦେଲା ସେ ଅନାଇବା ବେଳକୁ ତାଙ୍କ ଆଗରେ ଉଭା ସ୍ୱୟଂ ସନ୍ନ୍ୟାସୀ ରାଜା ତାଙ୍କ ପାଦରେ ଲୋଟିଗଲେ ସନ୍ନ୍ୟାସୀ ତାଙ୍କୁ ଉଠାଇ କୁଣ୍ଢାଇ ପକାଇ କହିଲେ ହୃଦୟରେ ଏଇଭଳି ନମ୍ରତା ବୋଧଠୁଁ ବଳି ସୁନ୍ଦର ସାଜ ଆଉ କିଛି ନାହିଁ

(ବି.ଦ୍ର. ଉପଯୁକ୍ତ ବେଶ ପକାଇ ଆସ ୫ମ ଶ୍ରେଣୀରୁ ଆସିଛି)

**ପ୍ରଶ୍ନ ନଂ - ୧୬**

**ପଦଟିକୁ ସ୍ୱର ସହ ଆବୃତ୍ତି କରିବା ।**

ତୁହି ମା ଜନମ ଭୂମି ପବିତ୍ର ଭାରତ ଭୂମି
ତୋହର ସନ୍ତାନ ଆମ୍ଭେ ଅଟୁ ସରବେ
ତୋର ଶ୍ରୀଚରଣ ସେବା ପାଇଁ ମନ ପ୍ରାଣ ଦେବା
ଗାଇବା ତୋହର ଗୀତ ଆନନ୍ଦ ରବେ
ତୋ ଆନନ୍ଦେ ହୋଇବା ସୁଖୀ
କାନ୍ଦିବା ଦୁଃଖରେ ତୋର ହୋଇଣ ଦୁଃଖୀ

ଭକ୍ତ କବି ମଧୁସୂଦନ ରାଓଙ୍କର ଅନ୍ୟ କବିତା ସଂଗ୍ରହ କରିବା ।

## ପ୍ରଶ୍ନ ନଂ - ୧୭

### ଅସଜଡ଼ା ବାକ୍ୟକୁ ସଜାଡ଼ି ଲେଖିବା -

୧. କେବଳ ଶିକ୍ଷା ପଠନ ପୁସ୍ତକ ନୁହେଁ ସୀମିତ ମଧ୍ୟରେ

୨. କଳାହାଣ୍ଡି ବାରମ୍ବାର ଦୁର୍ଭିକ୍ଷ ଘଟୁଛି ଓ ଅନାବୃଷ୍ଟି ଜିଲ୍ଲାରେ

୩. କାରଣ ପ୍ରଧାନ ସମ୍ପଦର ଅରଣ୍ୟ ବିନାଶ ହିଁ ଏହାର

୪. ଚରକ ସଂହିତା ରଚିତ ତାଙ୍କ ନାମ ଶାସ୍ତ୍ରଟିର

୫. ଗର୍ବିତ ମଧ୍ୟ ପାଣ୍ଡିତ୍ୟରେ ତୁମ

୬. ମନୋନିବେଶ ସମାଜ କର ସେବାରେ

### ୧୮. ଘଟଣାକ୍ରମରେ ସଜାଇ ଲେଖିବା -

(କ) ନିକଟ ପୁଷ୍କରିଣୀରେ ମୂର୍ତ୍ତି ବିସର୍ଜନ ହେବ

(ଖ) ପିଲାମାନେ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ମାନେ

(ଗ) ପୁଷ୍ପାଞ୍ଜଳି ଦେବେ

(ଘ) ବିଦ୍ୟାଳୟ ଓ ଶ୍ରେଣୀଗୃହ ସଫେଇ ହେବ

(ଙ) ନିମନ୍ତ୍ରଣ ପତ୍ର ବଣ୍ଟାଯିବ

(ଚ) ସମସ୍ତେ ପ୍ରସାଦ ସେବନ କରିବେ

(ଛ) ପିଲାମାନେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ମିଶି ବିଦ୍ୟାଳୟକୁ ସଜାଇବେ

(ଜ) ଧୂପ, ଦୀପ, ପୁଷ୍ପମାଲ୍ୟ ଦେଇ ମା' ବାଗ୍‌ଦେବୀଙ୍କୁ ପୂଜାର୍ଚ୍ଚନା କରାଯିବ

(ଙ) ବ୍ରାହ୍ମଣ ମନ୍ତ୍ର ଉଚ୍ଚାରଣ କରିବେ

**୧୯. ତିନୋଟି ଏକ ଜାତୀୟ ଶବ୍ଦ ସହିତ ଯେଉଁ ଭିନ୍ନ ଶବ୍ଦଟି ଅଛି, ତାକୁ ବାଛି ଗୋଲ ବୁଲାଅ ।**

(କ) ବାୟୁ, ପବନ, ଆନନ୍ଦ, ଅନିଳ

(ଖ) ଜନନୀ, ମାତା, ମାଆ, ପିତା

(ଗ) ରବି, କବି, ସୂର୍ଯ୍ୟ, ତପନ

(ଘ) ବିହଗ, ନକ୍ଷତ୍ର, ବିହଙ୍ଗମ, ପକ୍ଷୀ

(ଙ) ବଣ, ଜଙ୍ଗଲ, ପର୍ବତ, କାନନ

(ଚ) ନୟନ, ଚକ୍ଷୁ, ଆଖି, ମୁଖ

(ଛ) ଢେଉ, ତରଙ୍ଗ, ଉର୍ମି, ସମୁଦ୍ର

(ଜ) ଗଛ, ପର୍ବତ, ଦ୍ରୁମ, ବୃକ୍ଷ

(ଝ) ଜଳ, ନୀର, ବାରି, ମେଘ

(ଞ) ସମୀର, ପବନ, ବାୟୁ, ଧରଣୀ

(ଟ) ଯୋଗୀ, ମୁନି, ଋଷି, ରୋଗୀ,

(ଠ) ପୌଢ଼, ନାଗରିକ, ବାଳକ, ଯୁବକ

(ଡ) ବନ, ଉପବନ, ଅରଣ୍ୟ, ପର୍ବତ,

(ଢ) କିମ୍ବଦନ୍ତୀ, ନାଟକ, ପୁରାଣ, କାବ୍ୟ

(ଣ) ତରୁ, ବିହଙ୍ଗ, ଦ୍ରୁମ, ମହାଦ୍ରୁମ

**୨୦. ନିମ୍ନ ଶବ୍ଦ ଗୁଡ଼ିକର ଗଦ୍ୟରୂପ ଲେଖିବା**

| | |
|---|---|
| ଚକର | ପରବତ |
| ଲଗନ | ସରବତ |
| ମଗନ | ଧରମ |
| ପରାଣ | କରମ |
| ଗରବ | ଜନମ |
| ମଉନ | ସରଗ |
| ମୂରୁଛନା | ଗରଜନ |
| ଶରଧା | |

୨୧. ଶବ୍ଦ ଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖିବା -

| | | |
|---|---|---|
| ସତ୍ୟ | ଦୃଷ୍ଟ | ସ୍ୱାର୍ଥପର |
| ପରାଜୟ | ଗମ୍ୟ | ସ୍ୱଷ୍ଟ |
| ବିକାର | ସୁଜନ | କପଟ |
| ସନ୍ତୁଷ୍ଟ | ପ୍ରାପ୍ୟ | ଜନ୍ମ |
| ପୁରସ୍କାର | ପାପ | କାଳ |
| ସମ୍ଭବ | ଯୋଗ୍ୟ | ଉତ୍କୃଷ୍ଟ |
| ତୃପ୍ତ | ଦୁଃଖ | ସୃଷ୍ଟି |
| ସୁନ୍ଦର | ପରିଷ୍କାର | ସୁପ୍ତ |
| ମୋକ୍ଷ | | |

୨୨. ନୀଳ ଶବ୍ଦ ପୂର୍ବରୁ 'ସୁ' ଯୋଡ଼ିଲେ ସୁନୀଳ । ସେହିଭଳି କେତୋଟି ଶବ୍ଦ ଲେଖିବା ।

୨୩. କେତୋଟି ଅକ୍ଷର ଦିଆଯାଇଛି । ପ୍ରତି ଧାଡ଼ିରୁ ଅକ୍ଷରମାନଙ୍କୁ ନେଇ କେତୋଟି ଦୁଇ ଓ ତିନି ଅକ୍ଷର ବିଶିଷ୍ଟ ଶବ୍ଦ ଲେଖିବା ।

| | | | |
|---|---|---|---|
| ସା | ଧ | ବ | ନ |
| ସ୍ୱ | ନ | ଗ | ର |
| ର | ସ | ଭ୍ୟ | ମ |
| ଅ | ମ୍ପ | ର୍କ | ସ |
| ଦ | ମ | ର୍ଶ | ନ |

# ମିନି ପଞ୍ଜିକା

| | |
|---|---|
| ସ୍ୱାଧୀନାବ୍ଦଃ | ୭୩ |
| ଶକାବ୍ଦଃ | ୧୯୪୧ |
| ସମ୍ବତ୍ | ୨୦୭୬ |
| ମହିମାବ୍ଦଃ | ୧୧୧ |
| ବିଲ୍ଲାଶ୍ୱରାବ୍ଦଃ | ୧୪୨୭ |

## JANUARY - 2020
## ଜାନୁୟାରୀ - ୨୦୨୦

ଧନୁ ଦି ୧୭ନ ପୌଷ ଶୁକ୍ଳ ଷଷ୍ଠୀ ବୁଧବାର ଠାରୁ ମକର ଦି ୧୭ନ ମାଘ ଶୁକ୍ଳ ଷଷ୍ଠୀ ଶୁକ୍ରବାର ପର୍ଯ୍ୟନ୍ତ

| ତା | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ତା ୧ | ଘ୬।୨୫।୩୬ | ଘ୫।୧୫।୧୯ |
| ତା ୧୦ | ଘ୬।୨୭।୩୬ | ଘ୫।୨୦।୩୩ |
| ତା ୨୦ | ଘ୬।୨୮।୧୦ | ଘ୫।୨୬।୨୬ |
| ତା୩୧ | ଘ୬।୨୬।୨୦ | ଘ୫।୩୩।୪୦ |

ପାଣିପାଗ- ଏ ମାସରେ ଶୀତର ପ୍ରକୋପ ବୃଦ୍ଧି ପାଇବ । କୁହୁଡ଼ି ପାଗରେ ପଥ ଅବରୋଧ, ଯାନ ଦୁର୍ଘଟଣା, କଳକାରଖାନା ଅସୁବିଧା । ଦିନ ମଧ୍ୟଭାଗରେ ମଧ୍ୟ ଶୀତର ଲହରୀ ଦେଖାଦେବ, ସାମାନ୍ୟ ଝିପିଝିପି ବର୍ଷା ମଧ୍ୟ ହୋଇପାରେ । କୃଷିଦ୍ରବ୍ୟର ହାନିର ଆଶଙ୍କା ନାହିଁ । କୃଷି ଉତ୍ପାଦନ ଦ୍ରବ୍ୟ ଅଧିକ ପରିମାଣରେ ଆମଦାନି ହୋଇ କୃଷକ ମନରେ ଆନନ୍ଦ ଲହରୀ ଦେଖାଦେବ । ପାଗ ସର୍ବଦା ଶୀତୁଆ ରହିବ ।

| ଦିନ | | | | | |
|---|---|---|---|---|---|
| ରବି SUN | | ୫ — ୨୧ ଦଶମୀ, ଅଶ୍ୱିନୀ, ମେଷ (5) | ୧୨ — ୨୮ ଦ୍ୱିତୀୟା, ପୁଷ୍ୟା, କର୍କଟ (12) | ୧୯ — ୫ ଦଶମୀ, ବିଶାଖା, ତୁଳା (19) | ୨୬ — ୧୨ ଦ୍ୱିତୀୟା, ଧନିଷ୍ଠା ଅପରାହ୍ନ, ମକର (26) |
| ସୋମ MON | | ୬ — ଏକାଦଶୀ — ୨୨ ଏକାଦଶୀ, ଭରଣୀ, ମେଷ (6) | ୧୩ — ୨୯ ତୃତୀୟା, ଅଶ୍ଳେଷା, କର୍କଟ (13) | ୨୦ — ଏକାଦଶୀ — ୬ ଏକାଦଶୀ, ଅନୁରାଧା, ବିଛା (20) | ୨୭ — ୧୩ ତୃତୀୟା ଅହୋରାତ୍ର, ମକ-ଧନିଷ୍ଠା, କୁମ୍ଭ (27) |
| ମଙ୍ଗଳ TUE | | ୭ — ୨୩ ଦ୍ୱାଦଶୀ, କୃତ୍ତିକା, ବୃଷ (7) | ୧୪ — ୩୦ ଚତୁର୍ଥୀ, ମଘା, ସିଂହ (14) | ୨୧ — ୭ ଦ୍ୱାଦଶୀ, ଜ୍ୟେଷ୍ଠା, ବିଛା (21) | ୨୮ — ୧୪ ମକ-ତୃତୀୟା, ଶତଭିଷା, କୁମ୍ଭ (28) |
| ବୁଧ WED | ୧ — ଧନୁ ଦି ୧୭ନ ଷଷ୍ଠୀ, ପୂ:ଭାଦ୍ର, କୁମ୍ଭ (1) | ୮ — ୨୪ ତ୍ରୟୋଦଶୀ, ରୋହିଣୀ, ବୃଷ (8) | ୧୫ — ମକର ଦି ୧ନ ପଞ୍ଚମୀ, ପୂଫା, ଉ.ଫା, ସିଂହ (15) | ୨୨ — ୮ ତ୍ରୟୋଦଶୀ, ମୂଳା, ଧନୁ (22) | ୨୯ — ୧୫ ଚତୁର୍ଥୀ, ପୂ:ଭାଦ୍ର, ମୀନ (29) |
| ଗୁରୁ THU | ୨ — ୧୮ ସପ୍ତମୀ, ଉ:ଭାଦ୍ର ଅହୋରାତ୍ର ମୀନ (2) | ୯ — ୨୫ ଚତୁର୍ଦ୍ଦଶୀ, ମୃଗଶିରା, ମିଥୁନ (9) | ୧୬ — ୨ ଷଷ୍ଠୀ, ହସ୍ତା, କନ୍ୟା (16) | ୨୩ — ୯ ଚତୁର୍ଦ୍ଦଶୀ, ପୂ:ଷାଢ଼ା, ଧନୁ (23) | ୩୦ — ୧୬ ପଞ୍ଚମୀ, ଉ:ଭାଦ୍ର, ମୀନ (30) |
| ଶୁକ୍ର FRI | ୩ — ୧୯ ଅଷ୍ଟମୀ, ଉ:ଭାଦ୍ର-ମକ, ମୀନ (3) | ୧୦ — ପୂର୍ଣ୍ଣିମା — ୨୬ ପୂର୍ଣ୍ଣିମା, ଆର୍ଦ୍ରା, ମିଥୁନ (10) | ୧୭ — ୩ ସପ୍ତମୀ, ଷ.ଅଷ୍ଟମୀ, ଚିତ୍ରା, କନ୍ୟା (17) | ୨୪ — ଅମାବାସ୍ୟା — ୧୦ ଅମାବାସ୍ୟା, ଉ:ଷାଢ଼ା, ଧନୁ (24) | ୩୧ — ୧୭ ଷଷ୍ଠୀ, ରେବତୀ, ମୀନ (31) |
| ଶନି SAT | ୪ — ୨୦ ନବମୀ, ରେବତୀ, ମୀନ (4) | ୧୧ — ୨୭ ପ୍ରତିପଦା, ପୁନର୍ବସୁ, ମିଥୁନ (11) | ୧୮ — ୪ ନବମୀ, ସ୍ୱାତୀ, ତୁଳା (18) | ୨୫ — ୧୧ ପ୍ରତିପଦା, ଶ୍ରବଣା, ମକର (25) |  ତା ୩୦ ସରସ୍ୱତୀ ପୂଜା |

## ପର୍ବପର୍ବାଣୀ

୧ ଇଂରାଜୀ ୨୦୨୦ ନୂତନ ବର୍ଷାରମ୍ଭ, ବରଗଡ଼ରେ ଧନୁଯାତ୍ରା, ପଞ୍ଚଗ୍ରହକୂଟ, ଶରଣପଞ୍ଚକଶେଷ
୨ ଗୁରୁଗୋବିନ୍ଦ ସିଂହ ଜୟନ୍ତୀ, ପଞ୍ଚଗ୍ରହକୂଟ
୫ ଶାମ୍ବଦଶମୀ ଶ୍ରୀ ସୂର୍ଯ୍ୟପୂଜା
୬ ରାମାନୁଜଭିନ୍ନ ସର୍ବସମ୍ମତ ପୁତ୍ରଦା ଏକାଦଶୀ
୭ ରାମାନୁଜ ବୈଷ୍ଣବ ଏକାଦଶୀ
୯ ଶିବଚତୁର୍ଦ୍ଦଶ୍ୟୁପବାସ ଓ ବେଢ଼ା ପରିକ୍ରମା
୧୦ ଦେବାଭିଷେକ ପୂର୍ଣ୍ଣିମା, ପୁଷ୍ୟପୁନେର୍ଣ୍ଣ ଚନ୍ଦ୍ରୋପବାସ ପୂଜା
୧୧ ମାଘବ୍ରତାରମ୍ଭ, ପଞ୍ଚଗ୍ରହକୂଟ
୧୩ ସଙ୍କଟଚତୁର୍ଥୀ ବ୍ରତ, ପଞ୍ଚଗ୍ରହକୂଟଶେଷ
୧୪ ନବାନ୍ନ ବେଢ଼ା, ମାସନ୍ତ, ଭୋଗୀ
୧୫ ଶ୍ରୀମନ୍ଦିରେ ମକରସଂକ୍ରାନ୍ତି, ପୋଙ୍ଗଲ, ଫକୀର ମୋହନ ଜୟନ୍ତୀ, ଗଙ୍ଗାସାଗର ମେଳା
୧୭ ସ୍ୱାମୀ ବିବେକାନନ୍ଦ ଓ ରାମାନନ୍ଦଚାର୍ଯ୍ୟଙ୍କ ଜନ୍ମତିଥି
୨୦ ରାମାନୁଜ ଭିନ୍ନ ସର୍ବସମ୍ମତ ଷଟ୍‌ତିଳା ଏକାଦଶୀ, ସାଧୁ ଅରକ୍ଷିତ ଦାସଙ୍କ ତିରୋଧାନ, ଜୋଗୁଣୀ ମେଳା
୨୧ ରାମାନୁଜ ବୈଷ୍ଣବ ଏକାଦଶୀ
୨୩ ନେତାଜୀ ଜୟନ୍ତୀ ଓ ବୀର ସୁରେନ୍ଦ୍ରସାଏ ଜୟନ୍ତୀ, ରଟନ୍ତୀ ଚତୁର୍ଦ୍ଦଶୀ ସ୍ନାନ, ଶିବଚତୁର୍ଦ୍ଦଶ୍ୟୁପବାସ ଓ ବେଢ଼ା ପରିକ୍ରମା, ଯମତର୍ପଣ
୨୪ ତ୍ରିବେଣୀ ଅମାବାସ୍ୟା, ଶ୍ରୀ ବିରଜାଦେବୀଙ୍କ ଜନ୍ମୋତ୍ସବ, ଅଭିରାମ ପରମହଂସଙ୍କ ଜୟନ୍ତୀ, ନିଶାପାଳନ, ନଷ୍ଟଚନ୍ଦ୍ରୋପବାସ, ଶରଣ ପଞ୍ଚକାରମ୍ଭ
୨୬ ସାଧାରଣତନ୍ତ୍ର ଦିବସ, ଦ୍ୱିତୀୟା ଚନ୍ଦ୍ରଦର୍ଶନ
୨୮ ଲାଲା ଲଜପତରାୟ ଜୟନ୍ତୀ, ଶରଣପଞ୍ଚକଶେଷ
୩୦ ଗୁରୁପଞ୍ଚମୀ ବ୍ରତ, ଶ୍ରୀମନ୍ଦିରେ ବସନ୍ତ ପଞ୍ଚମୀ, ଶ୍ରୀପଞ୍ଚମୀ ସରସ୍ୱତୀ ପୂଜା, ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ, ରଥକାଠ ଅନୁକୂଳ, ଭଞ୍ଜ ଜୟନ୍ତୀ

ବିବାହ : ତା୧୬, ୧୮, ୧୯, ୨୦, ୨୬, ୨୭, ୨୯, ୩୦, ୩୧ । ବ୍ରତ : ତା୨୭, ୨୮, ୨୯, ୩୦, ୩୧ । ଗୃହାରମ୍ଭ : ତା୨୭, ୨୯, ୩୦ । ବାଣିଜ୍ୟ ଓ ବ୍ୟବସାୟ : ତା୨, ୩, ୫, ୧୨, ୨୭, ୨୯, ୩୦ । ନବାନ୍ନ: ତା୨୭, ୨୯ ।


## ଶ୍ୱାସ ଅଣ୍ଟା କାଶ

ଯଦି ଆପଣ ଶ୍ୱାସରୋଗ ହେତୁ ନିମ୍ନଲିଖିତ ଲକ୍ଷଣ ଭୋଗୁଛନ୍ତି, ଯଥା : ପୁରାତନ କାଶ, ଗଳା ସଲ୍‌ସଲ୍ ହେବା, ଛାତିରେ କଫ ଜମିବା, ଥଣ୍ଡା ଲାଗିବା (ଇସନ୍‌ଫୁଲିଆ) ଶ୍ୱାସହେତୁ ପେଲି ହେବା, ଛାତି ଭାରି ଭାରିହେବା, ଅଧ ରାତିରେ କାଶ ବୃଦ୍ଧି, ତରଳ କଫ, ଗଳା ଦରଜ, ବାରମ୍ବାର ଛିଙ୍କ ହେବା ଓ ନାକରୁ ପାଣି ପଡ଼ିବା, ସୁଁ ସୁଁ ହେବା ଓ ଝାଡ଼ା ପରିଷ୍କାର ନ ହେବା, ପାର୍ଶ୍ୱବେଦନା ପାଇଁ ମୋ ସହିତ ନିଜେ ରୋଗୀ ସାକ୍ଷାତରେ ପରାମର୍ଶ କରନ୍ତୁ ।

Mobile : 9437019960, 9861051545

ସାକ୍ଷାତ ଠିକଣା : କଟକ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରୁ ଓଡ଼ିଶା ଟାଉନ୍‌ବସ୍ ବା ଅଟୋ ରିକ୍ସାରେ ପୁରୀଘାଟ ଥାନା ପାଖରେ ଓହ୍ଲାଇ ସେଠାରୁ ସିଧା ଅଳ୍ପ ଆସିଲେ ୩ ମହଲା ନାଳିକୋଠାରେ ମୋ କ୍ଲିନିକ୍ ଓ ଘର, ସାକ୍ଷାତ କରନ୍ତୁ । ପରାମର୍ଶ ପାଇଁ କ୍ଲିନିକ୍ ସବୁଦିନ ଖୋଲା ରହୁଛି ।

ଡାକ୍ତର ରଙ୍ଗନାଥ ଦାଶ (B.A.M.S.)
ପୁରୀଘାଟ ଥାନା ପାଖ, କଟକ-୯

## ଆସ କ୍ୟାଲେଣ୍ଡର ପଢ଼ିବା

୧. ଏହି କ୍ୟାଲେଣ୍ଡରଟି କେଉଁ ମାସର କ୍ୟାଲେଣ୍ଡର ?

୨. ଏହି ମାସର ୧ ତାରିଖ କେଉଁ ବାରରେ ପଡୁଛି ?

୩. ୨୫ ତାରିଖରେ କି ପର୍ବ ପଡୁଛି ?

୪. ଏହି ମାସରେ ଏକାଦଶୀ କେଉଁ କେଉଁ ବାରରେ ପଡୁଛି ?

୫. ଏହି ମାସର ୪ର୍ଥ ଶନିବାର କେତେ ତାରିଖରେ ପଡୁଛି ?

୬. କେଉଁ ସବୁ ପର୍ବପର୍ବାଣି ଡ଼ିସେମ୍ବର ମାସରେ ପଡୁଛି ଖୋଜି ଲେଖ ।

୭. ବକୁଳ ଅମାବାସ୍ୟା କେତେ ତାରିଖ ଓ କେଉଁ ବାରରେ ପଡୁଛି ?

## ଆସ ପିଲାଏ, ଗପଟିଏ କହିକହି ଯିବା ଓ ଲେଖିଲେଖି ଯିବା.............

୧. ଗାଁ ମୁଣ୍ଡରେ ବରଗଛଟିଏ ................................................

୨. ଗୋଟିଏ କାଉ ଥିଲା ................................................

୩. ଗାଁ ମୁଣ୍ଡରେ ଥିଲେ ଜଣେ ବାବା ................................................

୪. ଆମ ଗାଁର ନାମ ................................................

୫. ବନ୍ୟାଜଳରେ ଭାସି ଆସି ଆମ ଗାଁ ପୋଖରୀରେ କୁମ୍ଭୀରଟିଏ ରହିଗଲା ....................................

୬. ହୁସେନ ସାରଙ୍କ ତିନିଝିଅ ଥିଲେ ................................................

୭. ଗୋପନଗରୀରେ ନନ୍ଦ ନାମରେ ଜଣେ ରାଜା ଥିଲେ । ତାଙ୍କର ପୁଅଙ୍କ ନାମ କୃଷ୍ଣ ।

ଯଦି .......................

କଣ କରାଯାଇପାରେ କହିବା ଓ ଲେଖିବା ।

୧. ତୁମେ ଘରୁ ବିଦ୍ୟାଳୟକୁ ଆସୁଛ । ବାଟରେ ହଠାତ୍ ବର୍ଷା ହୋଇଗଲା..... ତେବେ ............ ??

୨. ତୁମ ଭାଇ ଏବେ ଦ୍ୱିତୀୟ ଶ୍ରେଣୀରେ ପଢୁଛି ତାକୁ ଗଣିତ ଭଲ ଲାଗୁନାହିଁ, ତେବେ ତୁମେ କଣ କରିବ ?

୩. କାଲି ପରୀକ୍ଷା ଅଛି । ଲାଇନ୍ କଟିଗଲା । ଗାଁ ଲୋକେ କୁହାକୁହି ହେଉଛନ୍ତି, ରାତିରେ ଆଜି ଆଉ ଲାଇଟ୍ ଆସିବ ନାହିଁ । ତେବେ ତୁମେ........... ?

୪. ସ୍କୁଲ ବେଳ ଗଡ଼ିଗଲାଣି । ପାଖାପାଖି ସକାଳ ୧୦.୩୦ କେହି ବି ଶିକ୍ଷକ ଆସିନାହାନ୍ତି । ଖବର ପାଇଲ ଯେ, ବାଟରେ ହରତାଳ ଯୋଗୁଁ ସେମାନେ ୨ଟା ଯାଏଁ ଆସିପାରିବେନି, ତୁମେ କଣ କରିବ ?

୫. ଆଜି ତୁମ ଗାଁ ପାଖ ହାଟ । ଘରର ବି ଲୋକେ ଅନ୍ୟ କାମରେ ବାହାରକୁ ଯାଇଛନ୍ତି । ନିହାତି ସପ୍ତାହର ଜିନିଷପତ୍ର ଆବଶ୍ୟକ । ତୁମେ କଣ କରିବ ?

୬. ମାଆଙ୍କ ଦେହ ଅସୁସ୍ଥ । ବାପା ବିଲକୁ ଯାଇଛନ୍ତି । ଘରେ ତୁମକୁ ଆଜି ରାନ୍ଧିବାକୁ ହେବ କଣ ସବୁ କରିବ ?

୭. ତୁମେ ଯଦି କ୍ଲାସ-ମନିଟର ହୋଇଥାନ୍ତ....................

୮. ତୁମ ବିଦ୍ୟାଳୟର ରୋଷେଇ ଘରେ କୁକୁରଟିଏ ଶୋଇଥିଲା କେହି ତାକୁ କବାଟ କିଳି ଦେଇଛି । ସକାଳ ହେଲାବେଳକୁ ହୋ ହାଲ୍ଲା, ରାଗରେ ଭୋକରେ କୁକୁରଟି ବୁଲୁଛି, ବୋବାଳୁଛି । କ'ଣ କରାଯାଇପାରେ .....

୯. ଆଜି ତୁମେ ଘରୁ ରଫ୍ ଖାତାଟା ଆଣିବାକୁ ପାଶୋରି ପାଇଛ ।

ତେବେ .......................................

୧୦. ପଡ଼ିଆରେ ଖେଳୁଛ । ତୁମ ସାଙ୍ଗ ଝୁଣ୍ଟି ପଡ଼ିଲା । ରକ୍ତ ଝରୁଛି । ତେବେ ତୁମେ ..................

୧୧. ତୁମ ସାଙ୍ଗର ଜନ୍ମଦିନ ବିଦ୍ୟାଳୟରେ ପାଳନ କରୁଛ । ତେବେ ମୁଖ୍ୟମନ୍ତ୍ରୀ ଭାବରେ ତୁମର କର୍ତ୍ତବ୍ୟ କଣ ?

୧୨. ତୁମେ ପରା ତୁମ ବିଦ୍ୟାଳୟର ବଗିଚାମନ୍ତ୍ରୀ... ତେବେ କଣ କରୁଛ ପ୍ରତି ଦିନ ବଗିଚାରେ......... ?

# Space for Writing